


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.85 Bhubaneswar, Sunday, December 01, 2024 ବର୍ଷ- ୧୧ ସଂଖ୍ୟା-୮୫ ଭୁବନେଶ୍ୱର ରବିବାର, ଡ଼ିସେମ୍ବର ୦୧.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/-


## କୋଇଲା ହବ୍ ହେବ ଅନୁଗୁଳ

### ୫ ବର୍ଷରେ ୧୬ କୋଇଲା ଖଣି ନିଲାମ



ଅନୁଗୁଳ,୩୦/୧୧: ତାଳଚେରରୁ ସରି ଆସୁଛି କୋଇଲା। ଏଥିପାଇଁ ଛେଣ୍ଡିପଦା ଉପରେ ଏବେ ସରକାରଙ୍କ ଆଖି। ଛେଣ୍ଡିପଦା ବ୍ଲକ୍‌ରେ ପ୍ରଚୁର ପରିମାଣର କୋଇଲା ମହଜୁଦ୍ ଥିଲା ବେଳେ ଖୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୫ ବର୍ଷରେ ଅନୁଗୁଳ ଜିଲ୍ଲାର ୧୬ଟି ନୂଆ କୋଲ୍ ବ୍ଲକ୍ ଆବଣ୍ଟନ କରାଯାଇଥିଲା ବେଳେ କେବଳ ଛେଣ୍ଡିପଦା ବ୍ଲକ୍‌ରୁ ୧୩ଟି ରହିଛି। ଆଉ କିଛି କୋଲ୍ ବ୍ଲକ୍ ଆବଣ୍ଟନ କରାଯିବାକୁ ରହିଛି। ସରକାରୀ ତଥ୍ୟ ଅନୁସାରେ, ଗତ ୫ ବର୍ଷରେ ଓଡ଼ିଶାରେ ସମୁଦାୟ ୨୩ଟି କୋଲ୍ ବ୍ଲକ୍ ଆବଣ୍ଟନ କରାଯାଇଛି। ଏଥିରୁ କେବଳ ଅନୁଗୁଳ ଜିଲ୍ଲାରେ ୧୬ଟି ରହିଛି। ରାଧିକାରପୁର ୱେଷ୍ଟ କୋଲ୍ ବ୍ଲକ୍ ବେଦାନ୍ତକୁ ମିଳିଛି। ଜେଏସ୍‌ପିଏଲ୍ ଉତ୍କଳ ବି-୧, ଉତ୍କଳ ବି-୨ ଓ ଉତକଳ ସି କୋଲ୍ ବ୍ଲକ୍ ନେଇଛି। ବୈତରଣୀ ୱେଷ୍ଟ ଓ କୁନ୍ଦନାଳୀ-ଲୁବୁରି କୋଲ ବ୍ଲକ୍ ଜିଏମ୍‌ଡିସିକୁ ପ୍ରଦାନ କରାଯାଇଛି। ଅଳକାନନ୍ଦା, ସାକ୍ଷୀଗୋପାଳ-ବି ଓ ଛେଣ୍ଡିପଦା ସଂଶୋଧିକ କୋଲ୍ ବ୍ଲକ୍ ରୁଙ୍ଗଟା ସନ୍‌ସ ପ୍ରାଇଭେଟ୍ ଲିମିଟେଡ ହାତେଇଥିଲା। ବଂଖୁଇ କୋଲ୍ ବ୍ଲକ୍ ଯାଜଦାନୀକୁ ମିଳିଥିଲା ବେଳେ ତାମିଲନାଡୁ ଜେନେରେସନ୍ ଓ ଡ୍ରିଷ୍ଟ୍ରିବ୍ୟୁସନ୍ କର୍ପୋରେସନକୁ ଚନ୍ଦ୍ରବିଲ ଓ ସାକ୍ଷୀଗୋପାଳ-ବି କୋଲ୍ ବ୍ଲକ୍ ସରକାର ଆବଣ୍ଟନ କରିଛନ୍ତି। ଏପଟେ ଏମ୍‌ସିଏଲ୍ ଉତ୍କଳ-ଏ, ଏନ୍‌ଏଲ୍‌ସି ଇଣ୍ଡିଆ ମାଛକୁଟା ସଂଶୋଧିତ ଏବଂ ଏପିଜିଇଏନ୍ ସରପାଳ-ନୂଆପଡ଼ା କୋଲ୍ ବ୍ଲକ୍ ପାଇଛନ୍ତି। ନିକଟରେ ନୂଆ ପାତ୍ରପଡ଼ା କୋଲ୍ ବ୍ଲକ୍ ଏନ୍‌ଏଲ୍‌ସି ଇଣ୍ଡିଆ ହାତେଇଛି। ଏହି ୫ ବର୍ଷ ଭିତରେ ଆବଣ୍ଟିତ ହୋଇଥିବା କୋଲ୍ ବ୍ଲକ୍ ଭିତରୁ କେବଳ ଉତ୍କଳ-ସି ରୁ କୋଇଲା ଉତ୍ତୋଳନ ଆରମ୍ଭ ହୋଇଛି। ଏହାକୁ ପାଇଥିବା ଜେଏସ୍‌ପିଏଲ୍ ୨୦୨୩-୨୪ରୁ ଖଣି ଖନନ ଆରମ୍ଭ କରିଛି। ଆଉ କିଛି ଖଣି ପାଇଁ ପ୍ରକ୍ରିୟା ଚାଲିଛି। ଏପଟେ ଏ ଭିତରେ ତାଳଚେରରେ ୪ଟି କୋଇଲା ଖଣି ବନ୍ଦ ହୋଇଛି। ଏମ୍‌ସିଏଲ୍ ଖୋଲୁଥିବା ସାଉଥ୍ ବଳଣ୍ଡା ଖୋଲାମୁହଁ କୋଇଲା ଖଣି, ଛେଣ୍ଡିପଦା ଖୋଲାମୁହଁ କୋଇଲା ଖଣି, ଦେଉଳାବେଡ଼ା ଭୂତଳ କୋଇଲା ଖଣି ଓ ହାଣ୍ଡିଧୂଆଁ ଭୂତଳ କୋଇଲା ଖଣିରୁ କୋଇଲା ଶେଷ ହେବା ପରେ ଏହାକୁ ବନ୍ଦ କରି ଦିଆଯାଇଛି। ଏପଟେ ନୂଆ ଖଣି ଖନନ ପାଇଁ ସରକାର ହାତ ଖୋଲି ଦେଇଥିବାରୁ ଆଗକୁ ଅନୁଗୁଳ କୋଇଲାର ହବ୍ ହେବାକୁ ଯାଉଛି। ବିଶେଷକରି ଛେଣ୍ଡିପଦା ଅଞ୍ଚଳ କୋଇଲା ଖଣିରେ ଭରିଯିବ। କେବଳ ଛେଣ୍ଡିପଦାରେ ଡଜନେରୁ ଅଧିକ କୋଇଲା ଖଣି ହେବାକୁ ଯାଉଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ଆଉ କିଛି କୋଲ୍ ବ୍ଲକ୍ ଆବଣ୍ଟନ କରିବାର ଯୋଜନା ରହିଛି।

# ପନ୍ନୁ ଟାର୍ଗେଟରେ ଭୁବନେଶ୍ୱର ଏୟାରପୋର୍ଟ



ଭୁବନେଶ୍ୱର,୩୦/୧୧: ଦେଶର ନିରାପତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜି-ଆଇଜିପି ସମ୍ମିଳନୀ ଭୁବନେଶ୍ୱରର ଲୋକସେବା ଭବନରେ ଚାଲିଥିବା ବେଳେ ଖାଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ୍ ସିଂ ପନ୍ନୁ ନାମରେ ଏକ ଇମେଲ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କ ପାଖକୁ ଆସିଛି। ଏଥିରେ ଏକ ଅଡିଓ ମେସେଜ୍ ଆସିଛି।ଏଥିରେ ଡିଜି-ଆଇଜିପି ସମ୍ମିଳନୀକୁ ୧ ତାରିଖରେ ଭଣ୍ଡୁର କରିବା ଲାଗି ଧମକ ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ଆକ୍ରମଣ କରାଯିବ ବୋଲି ସେଥିରେ କୁହାଯାଇଛି। ଲୋକସେବା ଭବନ ଉପରେ ଯିଏ ଖାଲିସ୍ତାନୀ ପତାକା ଉଡ଼ାଇବ, ତାକୁ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏନେଇ ଅକ୍ଷୟ ସାହୁ ପୁଲିସ କମିଶନରଙ୍କୁ ଜଣାଇଛନ୍ତି। ଏନେଇ ସେ ଥାନାରେ ଏତଲା ଦେଇଛନ୍ତି। ଡିଜି-ଆଇଜିପି ସମ୍ମିଳନୀକୁ ୧ତାରିଖରେ ଭଣ୍ଡୁର କରିବା ଲାଗି ଧମକ ଦିଆଯାଇଛି। ଯିଏ ଖାଲିସ୍ତାନୀ ପତାକା ଉଡ଼ାଇବ, ତାକୁ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଏନେଇ ଅକ୍ଷୟ ସାହୁ ପୁଲିସ କମିଶନରଙ୍କୁ ଜଣାଇଛନ୍ତି। ଏନେଇ ସେ ଥାନାରେ ଏତଲା ଦେଇଛନ୍ତି। ଏଣେ ପନ୍ନୁର ଧମକ ପରେ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ରାଜଧାନୀରେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏଣେ ପୁଲିସ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଦେଶର ନିରାପତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜି-ଆଇଜିପି ସମ୍ମିଳନୀର ଆଜି ଦ୍ୱିତୀୟ ଦିନ। ଶୁକ୍ରବାର ଲୋକସେବା ଭବନରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଅଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ସବୁ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ, ଆଇଜି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି ସମ୍ମିଳନୀକୁ ସମ୍ବୋଧିତ କରିବେ। ଆଗାମୀ ଦୁଇ ଦିନ ମଧ୍ୟରେ ଦେଶର ଶୀର୍ଷ ପୁଲିସ ନେତୃତ୍ୱ ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନିଶାଦ୍ରବ୍ୟ, ସାଇବର ଅପରାଧ ଏବଂ ଅର୍ଥନୈତିକ ନିରାପତ୍ତା ସମେତ ବର୍ତ୍ତମାନର ଏବଂ ଉଦୀୟମାନ ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ ହେବ। ଏହା ସହିତ ତିନୋଟି ନୂଆ ଅପରାଧିକ ଆଇନ ର କାର୍ଯ୍ୟକାରିତାର ଅଗ୍ରଗତି ଏବଂ ପୁଲିସ ସହ ଜଡିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ମଧ୍ୟ ସମୀକ୍ଷା କରାଯିବ। ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ସୁରକ୍ଷା ସ୍ଥିତିରେ ଉନ୍ନତି ନେଇ ଗୃହମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥା ପୂର୍ବରୁ ଦଣ୍ଡ-କେନ୍ଦ୍ରୀତ ଥିଲା, କିନ୍ତୁ ବର୍ତ୍ତମାନ ତିନୋଟି ନୂତନ ଅପରାଧିକ ଆଇନ ପ୍ରଣୟନ ହେବା ପରେ ଏହା ନ୍ୟାୟ କେନ୍ଦ୍ରୀତ ହୋଇଛି। ଏହି ନୂତନ ଆଇନର ମୌଳିକ ଭାବନା ଭାରତୀୟ ପରମ୍ପରାରୁ ପ୍ରେରିତ।

## ଶ୍ରୀମନ୍ଦିରରେ ଦେବ ଦୀପାବଳି ଆରମ୍ଭ

ପୁରୀ,୩୦/୧୧: ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଦେବ ଦୀପାବଳି ଉତ୍ସବ। ଶନିବାର ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସତ୍ୟଯୁଗୀୟ ମାତାପିତା ଅଦିତି ଓ କଶ୍ୟପଙ୍କୁ ଦୀପଦାନ କରିଛନ୍ତି। ସନ୍ଧ୍ୟାଧୂପ ନୀତି ପରେ ଭଣ୍ଡାର ମେକାପ ସିଂହାସନ ତଳେ ଚାଉଳରେ ଗଛ ତିଆରି କରିଥିଲେ। ପାଳିଆ ମେକାପ ସେହି ଗଛରେ ଦୀପ ବସାଇଥିଲେ। ତିନିଗୋଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳ ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକ ସିଂହାସନ ଉପରେ ଚଢି ବନ୍ଦାପନା କରିଥିଲେ। ଏହାପରେ ତିନୋଟି ମହାଦୀପ ବନ୍ଦାପନା ହୋଇଥିଲା। ପାଳିଆ ପୂଜାପଣ୍ଡା ମହାଦୀପକୁ ହାତରେ ଧରି ଜୟ ବିଜୟ ଦ୍ୱାର ଭିତର ପାଖକୁ ଆସି ସେଠାରେ ଥିବା ଚାଉଳ ନିର୍ମିତ ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ଏହାପରେ ମହାଦୀପ କଳସ ଧରି ଚୁନରା ସେବକଙ୍କୁ ପ୍ରଦାନ କରିଥିଲେ। ଚୁନରା ସେବକ ଗୋଟିଏ ଦୀପ ଶ୍ରୀମନ୍ଦିର ଅଁଳା ବେଢା ଉପରେ, ଆଉ ଗୋଟିଏ ଦୀପ ନାଟମଣ୍ଡପ ଉପରେ ଏବଂ ଅନ୍ୟଟି ଭୋଗମଣ୍ଡପ ଉପରେ ଜାଳିଥିଲେ। ଏଥିସହ ଚନ୍ଦ୍ର ଉଦିଆ ମଧ୍ୟ ଜାଳିଥିଲେ। ଦେବ ଦୀପାବଳି ଉପଲକ୍ଷେ ଶ୍ରୀମନ୍ଦିରକୁ ଦୀପମାଳାରେ ସଜ୍ଜିତ କରାଯାଇଥିଲା ବେଳେ ସିଂହଦ୍ୱାର ନିକଟରେ ମଧ୍ୟ ଦୀପ ଜଳାଯାଇଥିଲା। ମହାପ୍ରଭୁଙ୍କ ଏହି ଦୀପଦାନ ନୀତି ସମୟରେ ସ୍ୱତନ୍ତ୍ର ଧରଣର ବେଶ ଅନୁଷ୍ଠିତ ହୁଏ। ଏହାକୁ ଶ୍ରାଦ୍ଧ ବେଶ କୁହାଯାଏ। ଶନିବାର ଠାକୁର ଏହି ବେଶ ଧାରଣ କରିଥିଲେ। ଏହି ବେଶରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହମାନଙ୍କୁ ନାଗପୁରୀ କାଶୀ ଧଡ଼ିଆ ଧଳା ବସ୍ତ୍ରରେ ବିଭୂଷିତ କରିଥିଲେ। ଶ୍ରୀଜଗନ୍ନାଥଙ୍କୁ ଲାଗି ହୋଇଥିବା ଧଳାବସ୍ତ୍ର ଧଡ଼ିର ରଙ୍ଗ ନାଲି, ବଳଭଦ୍ରଙ୍କ ବସ୍ତ୍ରର ଧଡ଼ି ରଙ୍ଗ କଳା ଏବଂ ସୁଭଦ୍ରାଙ୍କ ବସ୍ତ୍ରର ଧଡ଼ି ରଙ୍ଗ ହଳଦିଆ ରହିଥିଲା। ବିଗ୍ରହମାନଙ୍କ ଶିର ଦେଶରେ ଶ୍ରୀକପଡ଼ା (ସୂତାବସ୍ତ୍ର)ରେ ଆବୃତ କରାଯାଇଥିଲା। ଏହି ବେଶରେ ଠାକୁର ତଡ଼ଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳ, ଆଡ଼କାନି, ହରିଡ଼ା ମାଳି, ଅଣ୍ଟା କମରପଟି ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଦେବ ଦୀପାବଳି ଉତ୍ସବ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟ ଏବଂ ଶୁକ୍ଳ ପ୍ରତିପଦାରେ ପାଳିତ ହୋଇଥାଏ। ଏହି ତିନିଦିନ ଠାକୁରମାନଙ୍କର ମଧ୍ୟାହ୍ନଧୂପ ପରେ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

## ସମ୍ଭଲ ମସଜିଦ୍‌ର ସର୍ଭେ ମାମଲା

### ଜାନୁଆରୀ ୮ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ମନା



ନୂଆଦିଲ୍ଲୀ,୩୦/୧୧: ଉତ୍ତର ପ୍ରଦେଶର ସମ୍ଭଲ ସହରରେ ଥିବା ଜାମା ମସଜିଦରେ ସର୍ଭେ କାର୍ଯ୍ୟକୁ କେନ୍ଦ୍ରକରି ଗତ ରବିବାର ବ୍ୟାପକ ହିଂସାର ସୂତ୍ରପାତ ହୋଇଛି। ପୁଲିସ କାର୍ଯ୍ୟାନୁଷ୍ଠାନରେ ୪ ଜଣ ପ୍ରାଣ ହରାଇଥିବାବେଳେ ୨୦ ପୁଲିସ ସମେତ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ମସଜିଦ କମିଟି ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଶୁକ୍ରବାର ଏହାର ଶୁଣାଣି କରାଯାଇଛି। ଜାନୁଆରୀ ୮ ପର୍ଯ୍ୟନ୍ତ ମସଜିଦରେ ସର୍ଭେ କାର୍ଯ୍ୟକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସୁପ୍ରିମକୋର୍ଟ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମ୍ଭଲରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବାକୁ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ନିମନ୍ତେ ନିମ୍ନ ଅଦାଲତ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହାର ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ମସଜିଦ କମିଟିକୁ ପରାମର୍ଶ ଦିଆଯାଇଛି। ପିଟିସନ ଦାଖଲ କରାଯିବାର ତିନି ଦିନ ମଧ୍ୟରେ ଏହାକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଣୁ ହାଇକୋର୍ଟରେ ଶୁଣାଣି ହେବା ପର୍ଯ୍ୟନ୍ତ ନିମ୍ନ ଅଦାଲତ ଏଥିସହିତ ନଭେମ୍ବର ୨୪ରେ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ଆଡଭୋକେଟ କମିସନର ଦେଇଥିବା ସର୍ଭେ ରିପୋର୍ଟକୁ ଗୋପନ ରଖାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ମୋଗଲ ଶାସକ ବାବରଙ୍କ ରାଜୁତି କାଳରେ ୧୫୨୯ ମସିହାରେ ସମ୍ଭଲସ୍ଥିତ ହରିହର ମନ୍ଦିରକୁ ଭଙ୍ଗା ଯାଇ ଜାମା ମସଜିଦ ନିର୍ମାଣ କରାଯାଇଥିବା ଦାବି କରି ୮ ଜଣ ବ୍ୟକ୍ତି ସମ୍ଭଲ ଦେୱାନି ଅଦାଲତରେ ପିଟିସନ ଦାଏର କରିଥିଲେ। ପିଟିସନକାରୀଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଆଇନଜୀବୀ ହରିଶଙ୍କର ଜୈନ ମଧ୍ୟ ସାମିଲ ଅଛନ୍ତି। ପିଟିସନ୍‌ର ଶୁଣାଣି କରି ଅଦାଲତ ମସଜିଦରେ ସର୍ଭେ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣା ଦିନ ମସଜିଦ ସମ୍ମୁଖରେ ସହସ୍ରାଧିକ ଲୋକ ରୁଣ୍ଡ ହୋଇ ସର୍ଭେ କାର୍ଯ୍ୟକୁ ବିରୋଧ କରିବାରୁ ପୁଲିସ ସହ ସେମାନଙ୍କର ଖଣ୍ଡଯୁଦ୍ଧ ହୋଇଥିଲା। ବିକ୍ଷୋଭକାରୀମାନେ ପୁଲିସ ଉପରକୁ ପ୍ରବଳ ଟେକାପଥର ମାଡ କରିଥିବାବେଳେ ଏକାଧିକ ଯାନବାହନ ପୋଡିଦେଇଥିଲେ। ପୁଲିସ ପ୍ରଥମେ ମୃଦୁ ଲାଠିଚାଳନା କରିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଫଳରେ ୪ ଜଣଙ୍କର ପ୍ରାଣହାନି ଘଟିଛି। ଏହି ମାମଲାରେ ୨୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସମ୍ଭଲ ସାଂସଦ ଓ ବିଧାୟକଙ୍କ ପୁଅ ନାମରେ ଏତଲା ଦାଏର କରାଯାଇଛି।

# ୨୦୨୭ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ମେଟ୍ରୋ



ଭୁବନେଶ୍ୱର,୩୦/୧୧: ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ନେଇ ବଡ଼ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୨୦୨୭ ଡିସେମ୍ବର ସୁଦ୍ଧା ସରିବ ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପ । ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ । ମେଟ୍ରୋ ପ୍ରକଳ୍ପ ସମୀକ୍ଷା ପରେ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପ୍ରଥମେ ୨୬ କିଲୋମିଟର ମଧ୍ୟରେ ମେଟ୍ରୋ ଚଳାଚଳ ଆରମ୍ଭ ହେବ । ପ୍ରଥମ ୨୦ଟି ଷ୍ଟେସନରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟର ବାର୍ତ୍ତା ରହିବ ବୋଲି ସେ କହିଛନ୍ତି । ସେହିପରି ସେ ଆହୁରି କହିଛନ୍ତି, ଏହି ପ୍ରକଳ୍ପରେ ପ୍ରଥମେ ୧୩ଟି ଟ୍ରେନ୍ ଚାଲିବ, ପ୍ରତ୍ୟେକ ଟ୍ରେନରେ ୩ଟି କୋଚ୍ ରହିବ । ମେଟ୍ରୋ ପ୍ରକଳ୍ପରେ ପ୍ରତ୍ୟେକ ଦିନ ୯୫ ହଜାର ଲୋକ ଯିବାର କ୍ଷମତା ରହିବ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ୯୨ ଏକର ଜମି ମିଳିସାରିଛି । ଆଉ ୧୫ ଏକର ଖୁବଶୀଘ୍ର ଦିଆଯିବ ବୋଲି ଭୁବନେଶ୍ୱର ସାଂସଦ କହିଛନ୍ତି । ସେହିପରି ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ମୋଟ୍ ୬ ହଜାର ୨୫୬ କୋଟି ଟଙ୍କା ଖର୍ଚ୍ଚ ନେଇ ଆକଳନ ହୋଇଛି । ପ୍ରଥମ ପର୍ଯ୍ୟାୟ ଖର୍ଚ୍ଚ ରାଜ୍ୟ ସରକାର ସଂପୂର୍ଣ୍ଣ ବହନ କରିବେ । ଏହାପରେ କେନ୍ଦ୍ରର ସହାୟତା ଦରକାର କି ନାହିଁ ପରେ ଜଣାଯିବ ବୋଲି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ସୂଚନା ଅନୁସାରେ ମେଟ୍ରୋ ପ୍ରକଳ୍ପ ଲାଗି ଏକ ପ୍ରୋଟୋ ଟାଇପ୍ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଫିସରେ ପ୍ରସ୍ତୁତ କରାଯାଇଛି। ସମୁଦାୟ ୨୬ କିଲୋମିଟର ଭିତରେ ୨୦ଟି ମେଟ୍ରୋ ଷ୍ଟେସନ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ, କ୍ୟାପିଟାଲ୍ ହସପିଟାଲ୍ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଲୱେ ଷ୍ଟେସନ, ରାମ ମନ୍ଦିର, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ ଦେଇ ଜୟଦେବ ବିହାର, ଜାଭିୟର୍ ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା, ପଟିଆ, କିଟ୍, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନ କାନନ, ବାରଙ୍ଗ, ଫୁଲପୋଖରୀ ଓ ତ୍ରିଶୂଳିଆରେ ରହିବ। ଏହି ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ଚାଲିଛି ମାଟି ପରୀକ୍ଷା। ପ୍ରାୟ ୫୦/୬୦ ଫୁଟ୍ ତଳୁ ମାଟି ନେଇ ବିଭିନ୍ନ ଲ୍ୟାବ୍ ରେ ପରୀକ୍ଷା ହେଉଛି। ମାଟି ପରୀକ୍ଷା ସହ ଶିଶୁ ଭବନ ଛକରୁ ରଘୁନାଥପୁର ଜାଲି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ବି ଜୋରସୋରରେ ଚାଲିଛି। ଏସବୁ କାମ ପ୍ରାୟ ୨ ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାପରେ ଆରମ୍ଭ ହେବ ଫାଉଣ୍ଡେସନ ଡିଜାଇନ୍। ଭୂମିଠାରୁ ୧୩ ମିଟର ଉଚ୍ଚରେ ଯିବ ମେଟ୍ରୋ ଲାଇନ୍। ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଅଧିକ ରହିବ। ମେଟ୍ରୋ ପ୍ରୋଜେକ୍ଟ ପାଇଁ ପୂର୍ବରୁ ଯେଉଁ ବ୍ୟୟବରାଦ କରାଯାଇଥିଲା ତା ଭିତରେ ହିଁ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖିଛି ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ।

## ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବଢ଼ିଲା



ଭୁବନେଶ୍ୱର : ସ୍କୁଲ ପିଲାଙ୍କ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏଣିକି ପ୍ରାଥମିକ ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ ଖର୍ଚ୍ଚ ହେବ ୭ଟଙ୍କା ୬୪ ପଇସା କରାଯାଇଛି। ଏଥି ସହିତ ଉଚ୍ଚ ପ୍ରାଥମିକ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଖର୍ଚ୍ଚ ହେବ ୧୦ ଟଙ୍କା ୯୪ ପଇସା। ଯାହାକି ଆସନ୍ତାକାଲିଠୁ ପିଲାଙ୍କ ଖାଇବା ଖର୍ଚ୍ଚରେ ମିଶିକି ଆସିବ। ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି। ଯେଉଁଥିରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୭ ଟଙ୍କା ୬୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଉଚ୍ଚ ପ୍ରାଥମିକ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୮ ଟଙ୍କା ୮୨ ପଇସା ଥିଲା। ଏହାକୁ ଡିସେମ୍ବର ୧ ତାରିଖଠାରୁ ଅର୍ଥାତ୍ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବଢ଼ାଇଛନ୍ତି ସରକାର।

# ଅର୍ବାନ ମାଜେଷ୍ଟିକ୍ କାମ ବନ୍ଦ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୩୦/୧୧: ଭୁବନେଶ୍ୱର ପଟିଆ ଅଂଚଳରେ ତିଆରି ଚାଲିଥିବା ଅର୍ବାନ ମାଜେଷ୍ଟିକ୍ କାମକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମସି)। ବିଏମସି କମିଶନର ନଭେମ୍ବର ୧୯ ତାରିଖରେ ଦେଇଥିବା ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ବିଭାଗ (ଜିଏ)ର ସେପ୍ଟେମ୍ବର ୨୧ ତାରିଖର ଚିଠି ମୁତାବକ ଏଭଳି ବିବାଦୀୟ କାମକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆପାର୍ଟମେଣ୍ଟ ନିର୍ମାଣ ହେଉଥିବା ଜମି ବିବାଦୀୟ ହୋଇଥିବାରୁ ଉପଯୁକ୍ତ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ପଡ଼ିବ। ଏହି ଜମିରେ ପ୍ରକଳ୍ପ କାମ ଆଗେଇ ନେଉଥିବା ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡର ଅନ୍ୟତମ ନିର୍ଦ୍ଦେଶକ ଅମନ ଅଗ୍ରୱାଲଙ୍କୁ ଏହି ଚିଠି କରାଯାଇଛି। କିଟ୍ ଛକଠାରୁ ମାତ୍ର କିଛି ଦୂରରେ ଥିବା ଏହି ୫ ଏକର ଜମିକୁ ୧୯୭୯ ମସିହାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜର ପ୍ରୋପାଇଟର ତେଜପାଲ ସିଂହଙ୍କୁ ୯୯ ବର୍ଷ ଲିଜରେ ଦିଆଯାଇଥିଲା। ମାତ୍ର ୧୯୯୪ ମସିହାରେ ନୟାପଲ୍ଲୀ ଦିନଲିପି ଭବନରୁ ଚାଲୁଥିବା ଏକ କମ୍ପାନୀ-ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ୨୦୧୩ ମସିହାରେ ଡିଡ୍ ଅଫ୍ ଆସାଇନମେଣ୍ଟ ଜରିଆରେ ସମସ୍ତ ସମ୍ପତ୍ତିର ମାଲିକ ହୋଇଥିଲା ବୋଲି ଓରେରା, ବିଏମ୍‌ସି, ଡିଆଇସି ଭଳି କର୍ତ୍ତୃପକ୍ଷଙ୍କୁ ଦର୍ଶାଇଥିଲା। ୨୦୨୨ ମସିହାରେ ଶିଳ୍ପ ପାଇଁ ଦିଆଯାଇଥିବା ଏହି ୫ ଏକର ଲିଜ ଜମିର କିସମକୁ ଘରବାରି କିସମରେ ବଦଳାଇ ଦେଇଥିଲେ ଭୁବନେଶ୍ୱର ତହସିଲଦାର ଓ ଉପଜିଲ୍ଲାପାଳ। ପ୍ରାୟ ବର୍ଷେ ତଳେ ପାଲଟ୍ରୋନିକ୍ସ ଆଲାଏଡ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍ ଏହି ୫ ଏକର ଜମିରେ ଏକ ୬ ଟାୱାର ବିଶିଷ୍ଟ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ତିଆରି କରିବା ପାଇଁ ଅର୍ବାନ ଲିଭିଂ ବିଲଡର୍ସ ନାମକ ଅନ୍ୟ ଏକ ରିଅଲ ଇଷ୍ଟେଟ୍ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। କାମ ଅନେକ ବାଟ ଆଗେଇ ଯିବା ପରେ ଜିଏ, ଓରେରା, ବିଏମ୍‌ସି ଭଳି ଅନେକ କର୍ତ୍ତୃପକ୍ଷଙ୍କର ଚେତା ପଶିଥିଲା। ପ୍ରତିବାଦୀ ସଂସ୍ଥା ଗୁଡ଼ିକ ହାଇକୋର୍ଟ ଯିବା ପରେ ସେପ୍ଟେମ୍ବର ୨୫ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ୍‌କେ ପାଣିଗ୍ରାହୀ ଏକ ଆଦେଶ ଦେଇଥିଲେ। ଏହି ଜାଗା ଓ ପ୍ରକଳ୍ପ ବାବଦରେ ଅନେକ ଏଜେନ୍ସି ଏନ୍‌ଓସି ଦେବା ଓ ଅନେକ ଲୋକ ଘର ବୁକ କରିବା ପରେ ପ୍ରତିପକ୍ଷଙ୍କୁ ନଶୁଣି କାର୍ଯ୍ୟାନୁଷ୍ଠାନ ନେବା ନ୍ୟାୟପୂର୍ଣ୍ଣ ହେବ ନାହିଁ ବୋଲି ଆଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ରାୟ ପରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରତିପକ୍ଷଙ୍କୁ ଶୁଣିବା ପରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅକ୍ଟୋବର ୨୩ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଅକ୍ଟୋବର ୨୩ ତାରିଖରେ ଦେଇଥିବା ତାଙ୍କ ନିର୍ଦ୍ଦେଶରେ ଲେଖିଛନ୍ତି- ଜିଲ୍ଲାପାଳ ତୁରନ୍ତ ସଂପୃକ୍ତ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ବିରୋଧରେ ଏଭଳି ବେଆଇନ୍ କାର୍ଯ୍ୟ ପାଇଁ ଏଫ୍‌ଆଇଆର ରୁଜୁ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏଥିସହ ଲିଜ୍ ବାତିଲ କରି ଜାଗା ସହ ନିର୍ମାଣାଧୀନ କୋଠାକୁ କବଜାକୁ ନିଅନ୍ତୁ। ଦରକାର ପଡ଼ିଲେ ହାଇକୋର୍ଟରେ ଲିଜଧାରୀ ଆଉ ମାମଲା ରୁଜୁ କରିବା ପୂର୍ବରୁ କାଭିଆଟ୍ ବା ପକ୍ଷ ରଖିବାକୁ ଜିଲ୍ଲାପାଳ ଉଦ୍ୟମ କରନ୍ତୁ ବୋଲି ଚିଠିରେ ଉଲ୍ଲେଖ ଥିଲା। ତେବେ ରାଜସ୍ୱ ବିଭାଗର ନିର୍ଦ୍ଦେଶର ମାସେ ପରେ ବି କାହିଁକି ବିଶେଷ ଅଗ୍ରଗତି ହୋଇନି ଏ ନେଇ ଓଡ଼ିଶା ରିପୋର୍ଟର ପକ୍ଷରୁ ନଭେମ୍ବର ୨୧ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲୁ। ସେ କହିଥିଲେ, ସଂପୃକ୍ତ ପ୍ରତିବାଦୀମାନେ ପୁଣି ହାଇକୋର୍ଟ ଯାଇଛନ୍ତି। ଏଥିସହ ସେମାନଙ୍କର ଅଭିଯୋଗକୁ ରାଜସ୍ୱ ପର୍ଷଦ ସଭ୍ୟଙ୍କ ପାଖକୁ ମଧ୍ୟ ନିଆଯାଇଛି। ଆମେ ଆଇନଗତ ଉପାୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ପଟିଆରେ ଏହି ଜମିର କିସମ ପରିବର୍ତ୍ତନ ନେଇ ପୂର୍ବରୁ ଓଡ଼ିଶା ରିପୋର୍ଟରରେ ରିପୋର୍ଟ ପ୍ରକାଶ ପାଇଥିଲା।

# ଫେବର ରାସ୍ତା ନିର୍ମାଣକୁ ବିରୋଧ କଲେ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା

ଆସିକା, ୩୦/୧୧ (ନି.ପ୍ର):ବେନିୟମ ଫେବର ରାସ୍ତା ନିର୍ମାଣକୁ ବିରୋଧ କରିଛନ୍ତି ଆସିକା କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା। ମାଟି ତଳେ ବର୍ଷା ଜଳ ସଂଗୃହିତ କର୍ଭି ସକାଶେ କେନ୍ଦ୍ର ସରକାର ଙ୍କ ନିୟମ ପ୍ରକାରେ ସମସ୍ତ ପୁରୁଣା କଂକ୍ରିଟ ରାସ୍ତା କୁ ଭାଙ୍ଗି ସେଠାରେ ପ୍ରଥମେ ବାଲି ପକାଇ ନୂତନ ଜ୍ଞାନ କୌଶଳ ରେ ନୂତନ ଫେବର ରାସ୍ତା ନିର୍ମାଣ ପାଇଁ ନିୟମ ଓ ବିଜ୍ଞପ୍ତି ଜାରି ହୋଇଛି। ଏହାକୁ ଭିତ୍ତି କରି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସମସ୍ତ ୧୮ ଗୋଟି ୱାର୍ଡରେ ଫେବର ରାସ୍ତା ନିର୍ମାଣ ପାଇଁ ପ୍ରାୟ ୧୦କୋଟି ଟଙ୍କା ଟେଣ୍ଡର ହୋଇ କାର୍ଯ୍ୟ ଚାଲୁଥିବା ବେଳେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୧ ହରିହର ନଗର ଛକ ଠାରୁ କୁମ୍ଭାର ସାହି ପର୍ଯ୍ୟନ୍ତ ଥିବା ସମ୍ପୂର୍ଣ ଭଲ କଂକ୍ରିଟ ରାସ୍ତା କେନ୍ଦ୍ର ସରକାର ଙ୍କ ନିୟମ ପ୍ରକାରେ ତିଆରି ନକରି ବେନିୟମ ଭାବେ ଫେବର ରୋଡ଼ ନିର୍ମାଣକୁ କଂଗ୍ରସ ସାଂସଦ ପ୍ରାର୍ଥୀ ଦେବାକନ୍ତ ବିରୋଧ କରିଥିଲା ବେଳେ ଏହାକୁ ସମସ୍ତ ୱାର୍ଡ ବାସୀ ସମର୍ଥନ କରି ରାସ୍ତା ନିର୍ମାଣ ପାଇଁ ଆସିଥିବା ଏକ ଫେବର ବୋଝେଇ ଟ୍ରାକ୍ଟର ରୁ ଫେବର ନଓହ୍ଲାଇ ଫେରାଇ ଦେଇଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲା ପାଳ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଏକ ପତ୍ର ସାଂସଦ ପ୍ରାର୍ଥୀ ଦେବକାନ୍ତ ପ୍ରେରଣ କରିଥିବା କହିଛନ୍ତି କ୍ଷ ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସିକା ସହର ସାରା ବିଗତ କିଛି ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟ ରେ ନିର୍ମିତ କଂକ୍ରିଟ ରୋଡ଼ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତା ଗୁଡିକ ସମ୍ପୂର୍ଣ ଭଲ ଥିଲା ବେଳେ ସହର ସୌନ୍ଦର୍ଯ୍ୟକରଣ ଓ ବର୍ଷା ଜଳ ସଂରକ୍ଷଣ ନାମରେ ସମ୍ପୂର୍ଣ ଭଲ ଥିବା ରାସ୍ତା ଗୁଡିକୁ କେନ୍ଦ୍ର ସରକାର ଙ୍କ ନିୟମ କୁ ଉଲଂଘନ କରି ବିନିୟମ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜଣାନ୍ତରେ କିଛି ଠିକାଦାର ଓ କାଉନସିଲର ଙ୍କୁ ପୋଷିବା ପାଇଁ ସରକାରୀ ଅର୍ଥ ବର୍ବାଦ କରୁଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି।ଏହି ଫେବର ରାସ୍ତା ନିର୍ମାଣ ର କିଛି ମାସ ନବିତୁଣୁ ସହରର ବିଭିନ୍ନ ୱାର୍ଡରେ ରାସ୍ତା ରେ ଗର୍ତ୍ତ ସୃଷ୍ଟି ହେବା ସହ ଅନେକ ସମୟରେ ଅଞ୍ଚଳବାସୀ ଦୁର୍ଘଟଣା ର ସମ୍ମୁଖୀନ ହେବାର ଅଭିଯୋଗ ମଧ ରହିଛି। ଉକ୍ତ ଫେବର ରାସ୍ତା ନିର୍ମାଣ ରେ ହୋଇଥିବା ଅନିୟମିତତା ଓ ହୋଇଥିବା ଦୁର୍ନୀତିର ପର୍ଦାଫାଶ କରିବା ଦିଗରେ ରାଜ୍ୟ ସରକାର ଭିଜିଲାନ୍ସ ତଦନ୍ତ କରିବାକୁ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ଦାବୀ କରିଛନ୍ତି।

# ଜିନେଲଗୁଡା ଜଙ୍ଗଲରେ ପୋଲିସ ମାଓବାଦୀ ଗୁଳି ବିନିମୟ

ମାଲକାନଗିରି, ୩୦/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମ୍. ଭି-୭୯ ଥାନା ଅନ୍ତର୍ଗତ ଜିନେଲଗୁଡା ଜଙ୍ଗଲ ରେ ପୋଲିସ ମାଓବାଦୀ ଗୁଳି ବିନିମୟ।ଏହି ଘଟଣାରେ ମାଓବାଦୀ ଜଣେ ମୃତ ହୋଇଥିବା ବେଳେ ଜଣେ ଜବାନ ଗୁରୁତର ।ଜବାନ ଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମେଟାଗୁଡା ଓ କାଟାନପାଲି ଜଙ୍ଗଲ ମଧ୍ୟରେ ସାବେରୀ ନଦୀର ଅବବାହିକାରେ ଓଡ଼ିଶାର କେଲେମାଡ଼ଗୁ ନଦୀ ଘାଟରେ କୁମ୍ବିଂ ହୋଇଥିବା ସୂଚନା । ନଦୀର ଆର ପଟେ ପଡୋଶୀ ରାଜ୍ୟ ଛତିଶଗଡ଼ ର ଓଡିମଗୁଡା ଓ ଏରାବର ଆଦିବାସୀଗାଁ ରହିଛି । ସେହି ସାବେରୀ ନଦୀ ପାର ହୋଇ ମାଓବାଦୀ ପ୍ରବେଶ କରିଥିବା ସୂଚନା । ଜିନେଲଗୁଡା ଓ ଟଙ୍କେଲଗୁଡା ରାସ୍ତାରେ ବିଏସଫ, ଡିଭିଏଫ ଓ ଏସଓଜି ଙ୍କ କଡାକଡି ଭାବେ ଚେକିଂ ଚାଲିଛି । ସମସ୍ତ ଗାଡି ଯାଞ୍ଚ ସହ ଆଧାରକାର୍ଡ ଚେକିଂ ଚାଲିଛି । କୁମ୍ବିଂ ଅପରେସନ କୁ କଡାକଡି କରାଯାଇଛି ।

# ଆରଟିଓ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ମଟର ଯାଞ୍ଚ ସମୁଦାୟ ୧୭୩୦୦୦ ଟଙ୍କା ଜରିମାନା ଆଦାୟ



ଘୁ.ଉଦୟଗିରି,୩୦/୧୧ (ନି.ପ୍ର): ସ୍ଥାନୀୟ ପରିଷଦ ଅନ୍ତର୍ଗତ ୪ ନମ୍ବର ୱାର୍ଡ଼ ବସ୍ ଷ୍ଟାଣ୍ଡ ନିକଟରେ ଟ୍ରାଫିକ ସବଇନ୍ସପେକ୍ଟର ଶିବାନୀ ମାଝୀ, କନେଷ୍ଟବଲ ପୂଜା ରାଣୀ ସାହୁ, ସ୍ଥାନୀୟ ପୋଲିସ ଏଏସ ଆଇ ବଷ୍ଟି ଦଣ୍ଡିଆ ଙ୍କ ନେତୃତ୍ୱରେ ସମସ୍ତ ଗାଡ଼ି ମୋଟର ଯାଞ୍ଚ କରାଯାଇଛି । ଏହି ଯାଞ୍ଚ ବେଳେ ୧୦ ଜଣଙ୍କ ର ଇନ୍ସୁରାନ୍ସ, ୨୦ ଜଣ ହେଲମେଟ ପିନ୍ଧି ନ ଥିବା, ୪ ଜଣଙ୍କର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ,ଜଣକୁ ମୋବାଇଲ ରେ କଥା ହୋଇ ଗାଡି ଚାଳନା,ଜଣଙ୍କୁ ବିନା ପରମିଟରେ ଗାଡି ଚାଳନା,୩ ଜଣ ଗୋଟିଏ ଗାଡ଼ିରେ ବସି ଯିବା ଏହିପରି ୨୭ ଜଣଙ୍କର ବିଭିନ୍ନ ପ୍ରକାର ଗାଡ଼ି ଯାଞ୍ଚ କରି ଏକ ଲକ୍ଷ ତେସ୍ତରି ହଜାର ଟଙ୍କା (୧୭୩୦୦୦) ଜରିମାନା ଚାଲାଣ ଆଦାୟ କରାଯାଇଛି । ସ୍ଥାନୀୟ ସହରର ଅନେକ ଗାଡ଼ି ପରିବହନ ଅଧିକାରୀଙ୍କ ଯାଞ୍ଚ କୁ ଭୟ କରି ଲୁଚି ପଳେଇ ଥିବା ବେଳେ ଟ୍ରାକ୍ଟର,ଅଟୋ,ବାଇକ୍ , ବସ୍,କାର ଏହିପରି ପ୍ରାୟ ୨୭ ଟି ଗାଡ଼ି ର ଯାଞ୍ଚ କରିଥିଲେ ।ଏଥିରେ ଅନେକ ଚାଳକ ମାନଙ୍କୁ ସଚେତନ ମଧ୍ୟ କରାଯାଉଥିବା ବେଳେ ସମୁଦାୟ ୧ ଲକ୍ଷ ୭୩ ହଜାର ଟଙ୍କା ଚାଲାଣ କଟା ଯାଇଥିବା ସୂଚନା ରହିଛି ।

# ଜମନକିରା ନୂତନ ବିଡ଼ିଓଙ୍କୁ ଅଲ ଓଡ଼ିଶା ରିପୋର୍ଟର୍ସ ଆସୋସିଏସନ ପକ୍ଷରୁ ସାକ୍ଷାତ



ଜମନକିରା,୩୦/୧୧ (ନି.ପ୍ର): ଜମନକିରା ତହସିଲ ସାମ୍ବାଦିକ ସଂଘ ପକ୍ଷରୁ ଜମନକିରା ନୂତନ ବିଡ଼ିଓ ରବୀନ୍ଦ୍ର ସେଠିଙ୍କୁ ସାକ୍ଷାତ କରି ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜ୍ଞାପନ କରାଯାଇଛି। ସର୍ବ ପ୍ରଥମେ ସଂଘ ପକ୍ଷରୁ ଜମନକିରା ତହସିଲ ଡାକବଙ୍ଗଳା ରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜମନକିରା ବ୍ଲକ ଅଞ୍ଚଳ ରେ କାର୍ଯ୍ୟରତ ଥିବା ବିଭିନ୍ନ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ। ବୈଠକରେ ସର୍ବ ସମ୍ମିତି କ୍ରମେ ଜମନକିରା ତହସିଲ ସାମ୍ବାଦିକ ସଂଘ ର ଗଠନ ହୋଇଥିଲା ଓ ଏହାକୁ ଅଲ ଓଡିଶା ରିପୋଟର ଏସୋସିଏସନ ସହିତ ଅନୁବନ୍ଧିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ବୈଠକ ସାମ୍ବାଦିକ ଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କ ରେ ଆଲୋଚନା କରାଯାଇ ଉଚିତ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ପରେ ସଂଘ ପକ୍ଷରୁ ଅଶୋକ ପଟେଲ, ଲିପନ ନାଏକ, ରବୀନ୍ଦ୍ର ପଟେଲ, ଅକ୍ଷୟ ଦେହୁରୀ, ଅବଦୁଲ ଗୁଲାମ କାଦିର ଜମନକିରା ବିଡ଼ିଓ ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

# ସରପଞ୍ଚ ତ୍ରିଶିଳାଙ୍କ ପ୍ରତିଜ୍ଞା ସୁଗାମାହାକୁ ଯିବ ପକ୍କା ସଡ଼କ
## ସମିତି କାର୍ଯ୍ୟାଳୟ ଠାରୁ ୪ କିମି ଦୂର ଗାଁକୁ ନାହିଁ ପକ୍କା ରାସ୍ତା



କି.ଉଦୟଗିରି୩୦/୧୧ (ନି.ପ୍ର): ଦେଶ ସ୍ୱାଧୀନତା ପାଇବାର ଦିର୍ଘ ବର୍ଷ ପରେ ମଧ ରାସ୍ତା ନଥିବା ହତଭାଗା ଗାଁ ଟିଏ ହେଉଛି କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତର ୧ ନମ୍ବର ୱାର୍ଡ଼ ସୁଗାମାହା ଗ୍ରାମ। ଏହି ଗ୍ରାମର ରାସ୍ତା ଦେଖିଲେ ସମ୍ପୂର୍ଣ୍ଣ ବ୍ଲକର ବିକାଶ କିଭଳି ହୋଇଥିବ ତାହା ସହଜରେ ଅନୁମାନ କରିହେବ ।ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ତଥାପି ଆଜି ସୁଗାମାହା ଗାଁ କୁ ପକ୍କା ରାସ୍ତା ନାହିଁ ।ରାଜ୍ୟ ରାଜପଥ ଠାରୁ ତିନି କିମି ଦୂର ଜଙ୍ଗଲ ପାହାଡ଼ ପର୍ବତ ଘେରାରେ ଥିବା ସୁଗାମାହା ଗ୍ରାମର ମୋଟ ଜନସଂଖ୍ୟା ପ୍ରାୟ ୧୫୦ ରୁ ହେବ ।ସେଇ ଗାଁରେ ପ୍ରାୟ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସମସ୍ତେ ଚାଷ ଉପରେ ନିର୍ଭରଶୀଳ। ନିଜ ଗାଁ କୁ ଲାଗି ଥିବା ଜମିରେ ଧାନ,ହଳଦୀ, କାନ୍ଦୁଲ, ଅଦା,ସୋରିଷ ଚାଷ ସହ ବିନ୍ସ,ଫୁଲକୋବି,ମଟର, ଟମାଟୋ ଭଳି ପରିବା ଚାଷ କରିବା ସହ ପାଖ ଜଙ୍ଗଲକୁ ଯାଇ ଜଙ୍ଗଲଜାତ ଦ୍ରବ୍ୟ ଯଥା ମହୁଲ, ଆମ୍ବ,ପଣସ,ଶାଳ ପତ୍ର,ଶାଳ ମଞ୍ଜି,ସଂଗ୍ରହ କରି ନିଜ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି ।ହେଲେ ସୁଗାମାହା ଗ୍ରାମବାସୀଙ୍କ ଦୁଃଖ ଗାଁକୁ ପକ୍କା ରାସ୍ତାଟିଏ ନ ଥିବାରୁ ଜମିରୁ ଉତ୍ପାଦିତ ଫସଲ ସହରକୁ ଆଣି ବିକ୍ରି କରିବା ନିମନ୍ତେ ବହୁ ସମସ୍ୟାର ସମୁଖୀନ ହେବାକୁ ପଡୁଛି । ସବୁଠାରୁ ବଡ଼ ସମସ୍ୟା ହେଲା ରୋଗୀ, ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ନେବା ନିମନ୍ତେ ଖଟିଆ ଏବଂ ଦୋଳା ହିଁ ଏକ ମାତ୍ର ଭରଷା ନାଁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁଛି ନା କୌଣସି ଗାଡ଼ି। ଗାଁ କୁ ପକ୍କା ସଡ଼କ ନିର୍ମାଣ ପାଇଁ ଦିର୍ଘ ଦୁଇ ବର୍ଷ ହେବ ସ୍ଥାନୀୟ ସରପଞ୍ଚ ସମିତି ବୈଠକ, ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନା ଅନୁସାରେ ଅଭିଯୋଗ ପରେ କିଛି ସରକାରୀ କର୍ମଚାରୀ, ଯନ୍ତ୍ରୀ ଆସି ସର୍ଭେ କରୁଛନ୍ତି କିନ୍ତୁ ଫଳାଫଳ କିଛି ନାହିଁ। ସରପଞ୍ଚ ତ୍ରିଶିଳା ପ୍ରଧାନ କିନ୍ତୁ ହାର୍ ମାନି ନାହାନ୍ତି ଯେମିତି ବି ହେଉ ଗାଁ କୁ ଯିବା ପାଇଁ ପକ୍କା ସଡ଼କ ନିର୍ମାଣ କରାଯିବ ବୋଲି ପ୍ରତିଜ୍ଞା କରିଥିବା ନେଇ ପ୍ରତିକ୍ରିୟା ଦେଇଛନ୍ତି। ବହୁ ଅଭିଯୋଗ ପରେ ତିନି ଦିନ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାସ୍ତା ଦେଖିବା ପାଇଁ ଆସିଥିବା ବେଳେ ବୁଧବାର ଭୁବନେଶ୍ୱର କାର୍ଯ୍ୟାଳୟରୁ କିଛି କର୍ମଚାରୀ ଆସି ମୁଖ୍ୟ ସଡ଼କ ଠାରୁ ଗାଁ ପର୍ଯ୍ୟନ୍ତ ସର୍ଭେ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ତ୍ରିଶିଳା ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କିନ୍ତୁ ପ୍ରଶ୍ନ ଉଠୁଛି ସ୍ୱାଧୀନତାର ଦିର୍ଘ ବର୍ଷ ପରେ ମଧ ନିଜ ଗାଁକୁ ପକ୍କା ରାସ୍ତାଟିଏ ଦେଖିନଥିବା ସୁଗାମାହା ଗ୍ରାମବାସୀ ସରକାରଙ୍କ ଡିଜିଟାଲ ନାରା କୁ କିଭଳି ଗ୍ରହଣ କରିବେ ? କେନ୍ଦ୍ର ଏବଂ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବିକାଶ ର ଦିଗ କେଉଁ ଦିଗକୁ ଗତି କରୁଛି ତାର ଜ୍ୱଳନ୍ତ ଉଦାହରଣ ସୁଗାମାହା ଗ୍ରାମ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।ସରକାର ଶୀଘ୍ର ଉକ୍ତ ଗ୍ରାମକୁ ପକ୍କା ପିଚୁ ସଡ଼କ ନିର୍ମାଣ କରନ୍ତୁ ନଚେତ ରାଜରାସ୍ତାରେ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସରପଞ୍ଚ ତ୍ରିଶିଳା ପ୍ରଧାନ।

# ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ୭୧ତମ ସମବାୟ ସପ୍ତାହ ପାଳିତ

ଫୁଲବାଣୀ,୩୦/୧୧ (ନି.ପ୍ର):କନ୍ଧମାଳ ଜିଲ୍ଲା ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘ ସଭାନେତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି ।ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ କରି ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଭଳି ସଶକ୍ତିକରଣ କରିବାକୁ ପରାମର୍ଶ ଦେଇଥିଲେ। ସରକାର ଚାଷୀଙ୍କ ଉନ୍ନତି ପାଇଁ ଧାନର ସର୍ବନିମ୍ନ କିଣା ଦାମ ୩୧୦୦ଟଙ୍କା ଚଳିତ ଧାନ କିଣାରେ ପ୍ରଦାନ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ,ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଥିବା ବେଳେ ,ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଡିଆରସିଏସ ତୃପ୍ତି କଲ୍ୟାଣ ସେଠୀ ,ନାବାର୍ଡ ଡିଡିଏମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲାରେ ମଜଭୂତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ।୧୯୦୪ମସିହା ଠାରୁ ଦେଶରେ ସମବାୟ ଆଇନ କାର୍ଯ୍ୟକାରୀ ହୋଇଥିଲା ବେଳେ ଓଡିଶାରେ ତାର ଛ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ କଟକରେ ଖାଉଟି ସମବାୟ ଭଣ୍ଡାର ପ୍ରତିଷ୍ଠା କରି ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବୋଲି ସଂଘ ର ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଜନସାଧାରଣଙ୍କ ସାମାଜିକ ଓ ଅର୍ଥ ନୈତିକ ବିକାଶ ରେ ସମବାୟ ଅନୁଷ୍ଠାନ ମାନଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ।ସମବାୟ ଆନ୍ଦୋଳନ ସଶକ୍ତ ହେଲେ ରାଜ୍ୟ ତଥା ଦେଶର ଅର୍ଥ ନୈତିକ ବିକାଶ ହୋଇ ପାରିବ ବୋଲି ମଧୁବାବୁ କହୁଥିଲେ। ମଣିଷର ଅର୍ଥ ନୈତିକ ବିକାଶ ପାଇଁ ସମବାୟ ହିଁ ପ୍ରକୃଷ୍ଟ ମାଧମ ।ଏହି ଅବସରରେ କନ୍ଧମାଳ ଜିଲ୍ଲାର ସମବାୟ ଆନ୍ଦୋଳନର ପୁରୋଧା ହିସାବରେ ଗୌରୀ ଶଙ୍କର ପଟନାୟକଙ୍କୁ ଅତିଥିମାନେ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ ।ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଜି ଉଦୟଗିରି ଓ ବ୍ରାହ୍ମଣୀ ଗାଁ ଲ୍ୟାମ୍ପସକୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।ନିଷ୍ପାପର ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନିଲ ସାହୁଙ୍କୁ ମଞ୍ଚରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହି ଅବସରରେ ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ କୁମାର ମିଶ୍ର,ଇନ୍ସପେକ୍ଟର ସତ୍ୟଜିତ ସେଠୀ, ଅଡିଟର ଗୋପାଳ କୃଷ୍ଣ ପ୍ରଧାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ଏହା ସହିତ ୨୪ଗୋଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସମବାୟ ସମ୍ବଳିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୧୩ଜଣ କୃତି ପ୍ରତିଯୋଗୀଙ୍କୁ ଟ୫୦୦୦/-,ଟ୩୦୦୦/-ଓ୨୦୦୦/- ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆରସିଏସ ଗଙ୍ଗାଧର କହଁର, ,ଏମଡି ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତୀର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

# ଆସିକା ଏସଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଆସିକା, ୩୦/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଙ୍କୁ ମିଳିଛି ପଦଉନ୍ନତି । ସେ କଟକ ଜିଲ୍ଲା ଏଏସପି ଭାବେ ନିଯୁକ୍ତି ପାଇଥିବା ବେଳେ ମାତ୍ର ୯ମାସର କାର୍ଯ୍ୟକାଳ ମଧ୍ୟରେ ଆସିକା ଅଞ୍ଚଳବସିଙ୍କୁ ଦେଇଥିବା ଭଲପାଇବା ଓ ସହଯୋଗ କୁ ମନେପକାଇ ଆଜି ଆୟୋଜିତ ହୋଇଯାଇଛି ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଆସିକା ଥାନା ନିକଟରେ ଆୟୋଜନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଆସିକା ସାମ୍ବାଦିକ ସଙ୍ଘ ସଭାପତି ଅନିଲ କୁମାର ପାଣିଗ୍ରାହୀ , ଓକିଲ ସଙ୍ଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି । ଏହି ଅବସରରେ ଆସିକା ଏସଡିପିଓ ଇନଚାର୍ଜ ଗିରିଜା ପଟ୍ଟନାୟକ, ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଟିନାଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା,ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ବଡ଼ଗଡ଼ ଥାନା ଅଧିକାରୀ ସନ୍ଧ୍ୟା ସିଂ,ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠି ,ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ,ସୋରଡ଼ା ଥାନାଧିକାରୀ ଅନିଲ କୁମାର ପରିଡା ଏବଂ ଭଞ୍ଜନଗର ଏସଡିପିଓ ସୁଜିତ ନାୟକ,ବରିଷ୍ଠ ଆଇନଜୀବି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସମେତ ଆସିକା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ହରଭଙ୍ଗା ହାଇସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା


ବୌଦ୍ଧ,୩୦/୧୧ (ନି.ପ୍ର): ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ହରଭଙ୍ଗାରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅଜୟ କୁମାର ଲୁହା ଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଞ୍ଚଳିକ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ହରଭଙ୍ଗାର ଅଧକ୍ଷ ହିମାଂଶୁ ଶେଖର ରାଉତ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ,ହରଭଙ୍ଗା ଅଖିଳ କୁମାର ପ୍ରଧାନ ଓ ଆୟୋଜକ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଦେହୁରୀ ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ମେଳାରେ କୁନି ବୈଜ୍ଞାନିକ ମାନଙ୍କ ଦ୍ୱାରା ୧୪୯ ଗୋଟି ବିଜ୍ଞାନପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର, ୨ ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର୍ କୁମାର ଦାସ ,ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁନିଲ କୁମାର ଗୁପ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ କୁମାର ପ୍ରଧାନ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଦେହୁରୀ ମଞ୍ଚ ଅଳଙ୍କୃତ କରିଥିଲେ ।ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିବା ସାତଜଣ କୁନି ବୈଜ୍ଞାନିକ ଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

# ଡବ୍ଲୁଏପିସିଓଏସ ଓ ଜିଏସପିସିଏଲଙ୍କ ଅବହେଳାରୁ ୧୦ ମେଗାୱାଟ୍ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟ ଅନ୍ଧାରରେ








ରାଉଲକେଲା/ବଣାଇ, ୩୦/୧୧ (ନି.ପ୍ର): ସୁନ୍ଦରଗଡ଼ ଅନ୍ତର୍ଗତ କାଂଶବାହାଲ ମନ୍ଦିରା ଡ୍ୟାମ୍ ନିକଟସ୍ଥ ଲାଇଙ୍ଗ୍ ଓ ଉସ୍ରା ଅଂଚଳର ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଜାଗା ଉପରେ ଏକ ୧୦ ମେଗାୱାଟ୍‌ର ହାଇଡ୍ରୋ ପାୱାର ପ୍ରୋଜେକ୍ଟ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟ ପାଇଁ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ ରେ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ ନାମରେ ୨୦୨୧ ରେ ଟେଣ୍ଡର ପ୍ରକ୍ରିୟା ହୋଇ ୨୦୨୨ ରେ (ଏଚଆଇପିଏଲ ପାୱାର କର୍ପୋରେସନ ଲିମିଟେଡ୍) ନାମକ କମ୍ପାନୀ ଅନୁମୋଦନ ପାଇଥିଲେ। କାର୍ଯ୍ୟକାଳ ର ଅବଧି ୨ ବର୍ଷ ଥିବା ବେଳେ ବର୍ତ୍ତମାନ୍ ୨ ବର୍ଷ ଅବଧି କାଳ ସରିବାକୁ ବସିଥିବା ବେଳେ କାର୍ଯ୍ୟର ପାଞ୍ଚ ପ୍ରତିଶତ କାମ ହୋଇ ପାରି ନାହିଁ। କାର୍ଯ୍ୟର ପ୍ରଥମ ସୋପାନ ମାଟି ଖୋଳିବା ପ୍ରକ୍ରିୟା ଏବେ ପର୍ଯ୍ୟନ୍ତ ଶେଷ ହୋଇ ପାରି ନାହିଁ। ପ୍ରାୟ ୮୦ ଫୁଟ୍ ଗଭୀର ଓ ୧୦୦ ଫୁଟ୍ ଚଉଡାରେ ଗାତ କରି ଛାଡ଼ି ଦିଆ ଯାଇଛି। କାର୍ଯ୍ୟରତ କମ୍ପାନୀ ମାଟି ଖୋଳିବା ପାଇଁ ୧୦ କୋଟି ନେଇ ସାରିଥିବା ଜଣା ପଡ଼ିଛି । ବର୍ତ୍ତମାନ୍ ଠିକା କମ୍ପାନୀ କୌଣସି କାର୍ଯ୍ୟ ନକରି ନୀରବ ରହିଛି, ଉକ୍ତ ସ୍ଥାନରେ କେବଳ ସିକ୍ୟୁରିଟି ଗାର୍ଡ କୁ ଛାଡି ଅନ୍ୟ କମ୍ପାନୀର କୌଣସି କର୍ମୀ ନାହାନ୍ତି। ଯେଉଁ ଜାଗାରେ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ କାମ କରିବାକୁ ଖୋଳା ହୋଇଛି ସେହି ନିକଟରେ ଥିବା ମୁଖ୍ୟ ରାସ୍ତାକୁ ମଧ୍ୟ ଖୋଳି ଦିଆଯାଇଛି ଫଳରେ ନିକଟରେ ବସ ବାସ କରୁଥିବା ୫ ଟି ପଞ୍ଚାୟତର ୩୫ ଗୋଟି ଗ୍ରାମର ଲୋକେ, ଗ୍ରାମବାସୀ, ସ୍କୁଲ କଲେଜ ଛାତ୍ର ଛାତ୍ରୀ ଦୀର୍ଘ ଦୁଇ ବର୍ଷ ହେବ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଇଛି। ହାଇଦ୍ରାବାଦର ଏଇ ବଡ଼ କମ୍ପାନୀ ଏତେ ବଡ଼ ଟେଣ୍ଡର କାମ ଓ ଏତେ ବଡ଼ ଗଭୀର ଖନନ କାର୍ଯ୍ୟ କରି କୌଣସି ନିମ୍ନ ମାନର ପ୍ଲାଷ୍ଟିକ୍ ଜରି କୁ ସୁରକ୍ଷା ବାଡ଼ ଭାବେ ଲଗେଇ ମଣିଷ ଓ ଜୀବଜନ୍ତୁଙ୍କ ଜୀବନକୁ ବିପଦରେ ଛାଡି ଦିଆ ଯାଇଅଛି । ଏଥିରେ ଓଡ଼ିଶା ସରକାରଙ୍କ ନିରୀକ୍ଷଣ ଦାୟିତ୍ୱରେ ଥିବା ଏଚ ଆଇ ପି ଏଲ ଠିକାସଂସ୍ଥାର ପି.ଏ. ମ ଭବାନୀ ଶଙ୍କର ମହାପାତ୍ର ଓ ଡବ୍ଲୁ ଏ ପି ସି ଓ ଏସ ର ସାଇସ୍ପନ୍ଦନ ମହାପାତ୍ର କାମନକରି ଡବ୍ଲୁ ଏ ପି ସି ଓ ଏସ ଓ ଜି ଏସ ପି ସି ଏଲ ସହ ମିଶି ନୀରବ ଦ୍ରଷ୍ଟା ସାଜିଛନ୍ତି ।ସରକାର ବିକାଶ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଉଚିତ୍ତ ତଦାରଖ ଅଭାବରୁ ଏମିତି ଅଧାପନ୍ତରିଆ ଭାବେ କାର୍ଯ୍ୟ ଅଟକି ରହିଛି। ଏହି ପାୱାର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ୭୦ ଭାଗ ଓଡ଼ିଶା ସରକାର ଓ ୩୦ ଭାଗ ରାଉଲକେଲା ଷ୍ଟିଲପ୍ଲାଣ୍ଟ ବିଦ୍ୟୁତ୍ ଉପଯୋଗ କରିବାର ନିର୍ଣ୍ଣୟ ହୋଇଛି। ଯଥାଶୀଘ୍ର ବିଭାଗୀୟ ଅଧିକାରୀ ଠିକା ସଂସ୍ଥାକୁ କାର୍ଯ୍ୟ ତ୍ୱରାନିତ କରିବା ସହିତ ରାସ୍ତାକୁ ପୁନର୍ବାର ଯାତାୟତ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମହାମହିମ ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ

ବାରିପଦା ୩୦/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୬ ତାରିଖ ଦିନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଗସ୍ତରେ ଆସି ବହୁ ପ୍ରତିକ୍ଷିତ ଜିଲ୍ଲାରେ ତିନୋଟି ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମହାମହିମଙ୍କ ଆସିବା ଏବଂ ତତ-ସଂଲଗ୍ନ ସମସ୍ତ କାର୍ଯ୍ୟକ୍ରମକୁ ସଠିକ ଭାବେ ପରିଚାଳନା ଏବଂ ସଂଚାଳନ ପାଇଁ ଜିଲ୍ଲା ପ୍ରଶାସନ ଖୁବ ତତ୍ପରତା ସହିତ ପ୍ରସ୍ତୁତି କାର୍ଯ୍ୟ ଚଳାଇଛି। ଗତ ସପ୍ତାହରେ ମୁଖ୍ୟ ପ୍ରଶାସକ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ, ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ ଥିବା ବେଳେ ୬ ତାରିଖରେ ସେ ରାଇରଙ୍ଗପୁର ଏବଂ ୭ ତାରିଖରେ ବାଙ୍ଗିରିପୋଷି ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି, ରାଷ୍ଟ୍ରପତି ଭବନରୁ ନିର୍ଦ୍ଧରିତ ହୋଇଛି। ମହାମହୀମଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ମହାମାନ୍ୟ ରାଜ୍ୟପାଳ ଶ୍ରୀ ରଘୁବର ଦାସ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ ଗଣ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀଗଣ, ବିଧାୟକ ଓ ସମ୍ମାନନୀୟ ଅତିଥି ବୃନ୍ଦ ମଧ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ, ଭାରତର ପ୍ରଥମ ନାଗରିକ ମହାମହୀମଙ୍କ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ ସପ୍ଲାଇ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ଼ ନିର୍ମାଣ, ସଭାକାର୍ଯ୍ୟ ପାଇଁ ମଂଚ ପରିଚାଳନା, କାର୍ଯ୍ୟକ୍ରମ ପ୍ରସାରଣ ଓ ଲୋକସମ୍ପର୍କ ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନା ପାଇଁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି। ସୂଚନାନୁସାରେ, ୬ ତାରିଖ ଦିନ ମହାମହିମ ଜନ୍ମମାଟି ଉପରବେଡା ଗ୍ରାମକୁ ଗସ୍ତ କରି ସେଠାରେ ରାଷ୍ଟ୍ରପତି ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ପରେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ପହଞ୍ଚିବେ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିସ୍ଥାଳୟରେ ପହଞ୍ଚି ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଶ୍ରୀ ଗଣେଶ ପ୍ରତିମୂର୍ତ୍ତିଙ୍କୁ ଆରତୀ କରିବା ପରେ ରାଇରଙ୍ଗପୁର ସ୍ଥିତ ବାସଭବନରେ ରାତ୍ରିଯାପନ କରିବେ। ଏହାପରେ ରାଷ୍ଟ୍ରପତି ୭ ତାରିଖ ଦିନ ବାଙ୍ଗରିପୋଷି ସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଦିନ ୧୦ଟା ରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗିରିପୋଷି -ଗୋରୁମହିଷାଣୀ, ବୁଢାମରା-ଚକୁଳିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଟ୍ରାଇବାଲ ରିସୋର୍ସ ସେଣ୍ଟର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଓ ଉପଖଣ୍ଡ ଚିକିସ୍ଥାଳୟର ପୁନରୁଦ୍ଧାର ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ପୋଲିସ ଅଧିକାରୀ ମାନେ ଆସି ଘଟଣାସ୍ଥଳ ବୁଲି ସ୍ଥିତିର ତର୍ଜମା କରିବା ସହିତ ସମସ୍ତ ସୁରକ୍ଷା ବ୍ୟସ୍ଥାକୁ କଡାକଡି କରିବା ପାଇଁ ଦାୟିତ୍ୱ ନେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପରେ ସେହିଦିନ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ସୂଚନା ରହିଛି। ଉକ୍ତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶାନ୍ତନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଂଜନ ପ୍ରଧାନ ଏବଂ ବାମନଘାଟି ଓ ବାରିପଦା ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।



ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

## ଡିସେମ୍ବର ୧ରୁ ବାରିପଦାରେ ମୟୂରଭଞ୍ଜ ମହୋତ୍ସବ



ବାରିପଦା ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି. ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଚଳିତ ବର୍ଷ ୭ମ ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବ ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ଚାଲିବ। ଆଜି ଛଉ ପଡିଆ ଠାରେ ମହୋତ୍ସବ କମିଟିର ଅଧକ୍ଷ ସିନେ ତାରକା ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ର ପ୍ରସ୍ତୁତି ଏବଂ କାର୍ଯ୍ୟକ୍ରମ ସମ୍ପର୍କ ରେ ସବିଶେଷ ସୂଚନା ଦିଆଯାଇଛି। ପ୍ରଥମ ଦିନ ଡିସେମ୍ବର ୧ତାରିଖ ଅପରାହ୍ନ ୨ଟା ସମୟରେ ରଥ ପଡିଆ ଠାରୁ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ଛଉ ପଡିଆ ପର୍ଯ୍ୟନ୍ତ ଏକ କାରନିଭାଲ ସୋ ଆୟୋଜିତ ହେବ। ଡିସେମ୍ବର ୨ରୁ ୧୦ ଦିନ ଧରି ଅନ୍ୟାନ୍ୟ ମଂଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଐତିହାସିକ ବାରୁଣେଶ୍ୱର ଶିବ ମନ୍ଦିର ଆକୃତିର ତୋରଣ ଚଳିତ ବର୍ଷ ମଞ୍ଚରେ ଶୋଭା ପାଉଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ସେହିପରି ବଲିଉଡ ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ କବିତା କୃଷ୍ଣମୂର୍ତ୍ତି ଉଦଯାପନୀ ସନ୍ଧ୍ୟା ୧୧ତାରିଖରେ କାର୍ଯ୍ୟକ୍ରମ ପରିବେଷଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ସିନେ ଜଗତର ବହୁ ନାମୀଦାମୀ କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସହ ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ଚଳିତ ବର୍ଷ ମଧ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ, ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ୨ତାରିଖରେ କୁଳଦୀପ ଓ ଅନ୍ତରା ଚକ୍ରବର୍ତ୍ତି, ୩ ତାରିଖରେ ପ୍ରସିଦ୍ଧ ଗାୟିକା ତଥା ସାରେଗାମା ବିଜେତା ଅଙ୍କିତା ଭଟ୍ଟାଚାର୍ଯ୍ୟ ଓ ଟିମ, ୪ ତାରିଖରେ କୁଡୁମାଲି ଗାୟିକା ଲିପିନି ଓ ରଞ୍ଜିତ ମହାନ୍ତ, ୫ ତାରିଖରେ ଆଦିବାସୀ ସନ୍ଧ୍ୟାରେ ମଙ୍ଗଲ ହାଁସଦା ଓ ସାଥୀ, ୬ ତାରିଖରେ ପାମେଲା ଜୈନ, ଶଶାଙ୍କ ଶେଖର ଓ ସ୍ୱରାଜ ବାରିକଙ୍କ ସହ ଆସାମର ବିହୁ ନୃତ୍ୟ, ୭ତାରିଖରେ ପୁଣି ଆଦିବାସୀ କଳାକାର ରାମ ମୁଣ୍ଡାରୀ, ରଞ୍ଜିତ ସିଂ ଏବଂ ବାବଲୁ ଅଙ୍ଗରାଇ, ୮ ତାରିଖରେ ହାସ୍ୟ ଅଭିନେତା ପପୁ ପମପମଙ୍କ ସହ ଓଡ଼ିଆ କଣ୍ଠଶିଳ୍ପୀ ଇରା ମହାନ୍ତି, ୯ ତାରିଖ କୁଡୁମାଲି ସନ୍ଧ୍ୟାରେ ଗୌତମ, ପମି ଓ ଉର୍ମିଳା ମହାନ୍ତ, ୧୦ ତାରିଖ ଆଦିବାସୀ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିବାକୁ ଆଦିବାସୀ ସୁପର ଷ୍ଟାର କଳ୍ପନା ହାଁସଦା ଓ ଟିମ ଯୋଗ ଦେଇ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ସେହିପରି ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପ, କୁଟୀର ଶିଳ୍ପ, ପୋଷାକ, ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ଆସର ଜମିବ। ମହୋତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯାଉଥିବା ବେଳେ, ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ସେହିପରି ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରିଲସ ପ୍ରତିଯୋଗିତା, ଫୁଟବଲ, ଲାଖବିନ୍ଧା ପ୍ରତିଯୋଗିତା ମଧ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମନଙ୍କ ମଧ୍ୟରେ ବିପ୍ଳବ ବୁଗୁଡେଇ, ଲଡୁକେଶ୍ୱର ରଣା, ସତ୍ୟଜିତ ସୋମ, ତାପସ ପାଢ଼ୀ, ରାକେଶ ସିଂ, ନିମାଇଁ ତ୍ରିପାଠୀ, ଅରୁଣ ବରାଡ଼, ରାକେଶ ବେହେରା ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ଆଶା କର୍ମୀଙ୍କୁ ଆକ୍ରମଣ ଓ ଗ୍ରାମରୁ ବାସନ୍ଦଙ୍କୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

### ଆଶା କର୍ମୀଙ୍କୁ ମାଡ ମାରି ୧୨ ବର୍ଷ ହେଲା ଗ୍ରାମରୁ ବାସନ୍ଦ ରଖିଛନ୍ତି ବିଜେଡିର କୁଜି ନେତା ରମେଶ ମିସ୍ତ୍ରୀ





କେନ୍ଦ୍ରାପଡା ୩୦/୧୧ (ନି.ପ୍ର): ରାଜନଗର ବ୍ଲକ୍ ଅନ୍ତର୍ଗତ ଗୁପ୍ତି ଗ୍ରାମ ପଞ୍ଚାୟତର କୃଷ୍ଣପ୍ରିୟାପୁର ଗ୍ରାମରେ ଜୈନିକ ଆଶା କର୍ମୀକୁ ନେଇ ଉଭୟ ବିଜେଡି ଓ ବିଜେପି ମଧରେ ଗୋଷ୍ଠି କନ୍ଦୋଳ ବା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଆଶା କର୍ମୀଙ୍କୁ ସେହି ଗ୍ରାମର ଅରୁଣ ମଣ୍ଡଳ, ସେହି ଗ୍ରାମର ଅଞ୍ଜନା ଦେବନାଥ ନାମକ ମହିଳା ତା ଭାଉଣୀ ଅର୍ଚ୍ଚନା ଦେବନାଥର ମାଟ୍ରିକ ପାସ୍ ସାର୍ଟିଫିକେଟ୍ ଦେଇ ନିଜକୁ ଅର୍ଚ୍ଚନା ଦେବନାଥ ବୋଲି ମିଥ୍ୟା ପରିଚୟ ଓ ପ୍ରମାଣ ପତ୍ର ଦେଇ ଏକ ଫେକ୍ ସାର୍ଟିଫିକେଟରେ ଅଙ୍ଗନୱାଡି ୱାର୍କର ଭାବେ ଚାକିରୀ କରିବା ସହିତ ଦୀର୍ଘଦିନ ଧରି ସେହି ଗ୍ରାମରେ ଅଙ୍ଗନୱାଡି କାର୍ଯ୍ୟକରି ଆସୁଥିବା ଅଞ୍ଜନା ଦେବନାଥଙ୍କ ସମେତ ଗ୍ରାମର ବିଜେଡି ଦଳର କୁଜି ନେତା ବା ଗ୍ରାମର ମୂଖିଆ ସାଜିଥିବା ରମେଶ ମିସ୍ତ୍ରୀ, ସୁଧାଂଶୁ ମଣ୍ଡଳ ଓ ଯାଦବ ମଣ୍ଡଳ, ଜନାର୍ଦ୍ଦନ ଗାଇନ ନାମକ କିଛି ଖଳ ପ୍ରକୃତିର ଲୋକମାନେ ସମସ୍ତେ ମିଶି ତାଙ୍କୁ ଅଂଶୀଳ ଭାଷାରେ ଗାଳିଗୁଲଜ କରି ମାଡମାରି ଗ୍ରାମରୁ ୨୦୧୨ ମସିହାଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ୧୨ ବର୍ଷହେବ ଏକ ଘରିକିଆ କରି, ନିଆଁ, ପାଣି ବାଛନ୍ଦ କରିବା ସଂଗେ ସଂଗେ ଗ୍ରାମରେ ହେଉଥିବା ବିଭିନ୍ନ, ମେଳା, ମଉସବ ଓ ପର୍ବ, ପର୍ବାଣୀ ସାହିତ ଗ୍ରାମ ମନ୍ଦିରକୁ ମଧ ବାସନ୍ଧକରି ରଖିବା ଏବଂ ବାରମ୍ବାର ଗ୍ରାମରେ ମଧ ଉପରୋକ୍ତ ଅସାମାଜିକ ବ୍ୟକ୍ତିମାନେ ଗଣ୍ଡଗୋଳ ସୃଷ୍ଟିକରି ଆସୁଛନ୍ତି । ରାଜନଗର ପୋଲିସ ପାଖରେ ଅଭିଯୋଗ କଲେ ମଧ କିଛି ଫଳପ୍ରଦ ହେଉନି। ରାଜନଗର ପୋଲିସ ସବୁ ଜାଣି କିଛି ନ ଜାଣିବା ଭଳି ଅଭିନୟ କିରିଚାଲି ଥିବାବେଳେ ବିଜେଡି କୁଜି ନେତାଙ୍କ ଉତ୍ପାତ ଦିନକୁ ଦିନ ବଢି ବଢି ଚାଲିଛି। ଆଶା ପାର୍ବତୀ ମଝୀ କୁଆଡେ ସେହି ଗ୍ରାମରେ ଥିବା ୬ ଜଣ ଗର୍ଭବତୀ ମହିଳା ମାନଙ୍କୁ ପେଟରେ ଗୋଇଠା ମାରିବା, ଓ.ଆର.ଏସ୍ ଏବଂ ଆଇରନ୍ ବଟିକା ପ୍ରଭୃତି ନଦେବା ଏବଂ ପ୍ରସୂତୀ ମାନଙ୍କଠାରୁ ଟଙ୍କା ଲାଞ୍ଚ ମାଗିନେବା ଭଳି ସଂଗୀନ ସଂଗୀନ ମୂଳକ ସମ୍ପୁର୍ଣ୍ଣ ମିଥ୍ୟା କଳ୍ପ କଳ୍ପିତ ଅଭିଯୋଗ ଗୁଡିକ ବିଜେଡି କୁଜି ନେତା ଆଣି ତାଙ୍କୁ ଜୀବନରୁ ମାରି ଦେବକୁ ଧମକ ମଧ ଦେଉଥିବା ସେ ପ୍ରତି କ୍ରିୟାରେ କହିଛନ୍ତି । ଏବିଷୟରେ ରାଜନଗର ଥାନାରେ ପିଡୀତା ଆଶାକର୍ମୀ ପାର୍ବତୀ ମାଝୀ ଯେତେ ଅଭିଯୋଗ କଲେ ମଧ ରାଜନଗର ଥାନା ପୋଲିସ ଅଭିଯୁକ୍ତ ମାନଙ୍କଠାରୁ ମୋଟା ଅଙ୍କର ଲାଞ୍ଚଖାଇ ସେମାନଙ୍କୁ ଘଷ୍ଟ ଘୋଡାଉଥିବା ଅଭିଯୋଗ ହୋଇଛି । ସେହି ଗ୍ରାମରେ ୨୦୦୮ ମସିହାରୁ ଦୀର୍ଘ ୧୬ ବର୍ଷଧରି ପାର୍ବତୀ ମଝୀ ନାମକ ମହିଳା ଆଶାକର୍ମୀ ଭାବେ କାର୍ଯ୍ୟକରି ଆସୁଛନ୍ତି । ହେଲେ ସେହି ଗ୍ରାମର ବିଜେଡିର କିଛି କୁଜିନେତା ଆଶା କର୍ମୀ ବିଜେପି ଦଳର ଲୋକ ହୋଇଥିବାରୁ ତାଙ୍କୁ ବାରମ୍ବାର ବିରୋଧ କରିବା ସହିତ ଆକ୍ରମଣ କରି ଚାକିରୀରୁ ବାହାର କରିବା ପାଇଁ ଷଡଯନ୍ତ କରା ଯାଉଥିବା ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଂଜନ ପ୍ରଧାନକୁ ଗ୍ରାମବାସୀ ଅରବିନ୍ଦ ମାଝୀ, ତୁଳସୀ ମିସ୍ତ୍ରୀ, ମାଳତୀ ମିସ୍ତ୍ରୀ, ପାର୍ବତୀ ମଣ୍ଡଳ, ଗଣେଷ ମଣ୍ଡଳ, ଆରତୀ ଗାଇନ୍, କାର୍ତ୍ତିକ ମଣ୍ଡଳ, ସସ୍ମିତା ମିସ୍ତ୍ରୀ, ଗିରିଧାରୀ ମିସ୍ତ୍ରୀ, ଅଜିତ ମଣ୍ଡଳ, ରେବତୀ ବିଶ୍ୱାସ, ପ୍ରତୀମା ମଣ୍ଡଳ, ସୋନାଲୀ ମଣ୍ଡଳ, ଆରତୀ ମାଝୀ, ରୁଣୁଲତା ଗାଇନ୍, ରୀତା ବୈଦ୍ୟ, ବିଶାଖା ମଣ୍ଡଳ, ସୁଭଦ୍ରା ମଣ୍ଡଳ, ଟୁନି ମଣ୍ଡଳ, ରଶ୍ମିତା ମଣ୍ଡଳ, ସପନ ମଣ୍ଡଳ ଓ ମଦନ ମଣ୍ଡଳ ପ୍ରମୂଖ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ପାଇଁ ଏକ ଲିଖିତ ଦାବିପତ୍ର ଦେଇଥିବା ଜଣାପଡିଛି ।

## ଅଦିନିଆ ବର୍ଷାରେ ଚାଷୀ କୂଳ ହତାଶ

ଜଳେଶ୍ୱର,୩୦/୧୧ (ନି.ପ୍ର): ଚଳିତ ବର୍ଷ ଜଳେଶ୍ୱର ବ୍ଲକରେ,ଦୁଇ ଦୁଇ ଥର ବନ୍ୟା ପ୍ଲାବିତ ହେବା ପରେ ଚାଷୀ କଷ୍ଟେ ମଷ୍ଟେ ଧାନ ଫସଲ ଉପୁଜାଇଥିଲା। ବର୍ତ୍ତମାନ ସୁଦ୍ଧା ଜଳେଶ୍ୱର କୃଷି ଜିଲ୍ଲା ରେ ପ୍ରାୟ ୩୦ ପ୍ରତିଶତ ଧାନ ଅମଳ ହୋଇଥିବା ବେଳେ ସମସ୍ତ କ୍ଷେତରେ ଧାନ ପାଚି ପଡି ରହିଛି। ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ଅଦିନିଆ ବର୍ଷା ଫଳରେ କୃଷକ ମାନେ ମୁଣ୍ଡ ରେ ହାତ ଦେଇ ବସିଛନ୍ତି।ଏପରିକି ବହୁ ସ୍ଥାନରେ ଧାନ କାଟି ବିଲରେ ଓଦା ହେଉଛି ତ ବହୁ ସ୍ଥାନରେ ମେସିନ୍ ରେ ଧାନ ଅମଳ ହୋଇ ପଦାରେ ପଡିଛି। ବିଭିନ୍ନ ସଡକ,ଖୋଲା ଆକାଶ ତଳେ ଅମଳ ଧାନ ଓ ଅଳସା ପଡ଼ି ଓଦା ହେଉଥିବା ବେଳେ ବର୍ଷକ ଜାକ ର ପରିଶ୍ରମ ନଷ୍ଟ ହେବାକୁ ଯାଉଅଛି।ବହୁ ପରିମାଣ ରେ ଉତ୍ପନ୍ନ ଧାନ ଓଦା ହେବା ଦ୍ୱାରା, ସେଥିରୁ ବାହାରୁଥିବା ଚାଉଳ ବ୍ୟବହାର ଯୋଗ୍ୟ ହେବନାହିଁ। ଏପରିକି ସମବାୟ ଦ୍ୱାରା ନିର୍ଦ୍ଧାରିତ ଧାନ କ୍ରୟ କେନ୍ଦ୍ର ରେ ଚାଷୀ ଙ୍କ ଧାନ ଗ୍ରହଣ ଯୋଗ୍ୟ ହେବା ନେଇ ଚାଷୀ କୂଳ ଆଶା ଆଶଙ୍କାରେ ରହିଛନ୍ତି। ବେଢ଼ ଉପରେ କୋରଡ଼ା ମାଡ଼ ଭଳି ଚଳିତ ବର୍ଷ କୃଷକ ମାନେ ପ୍ରତିକୂଳ ପରିସ୍ଥିତିରେ ଖର୍ଚ୍ଚାନ୍ତ ହୋଇ ନିରାଶ ହୋଇ ପଡିଛନ୍ତି।

## ହୃଦ ଘାତରେ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା, ୩୦/୧୧ (ନି.ପ୍ର):ଗତକାଲି ମାର୍ଶାଘାଇ ବ୍ଲକ ଏବଂ ପାଟକୁରା ଥାନା ଅନ୍ତର୍ଗତ ଅଭୟପୂର ଗ୍ରାମର ପଞ୍ଚାନନ ବାରିକଙ୍କ ପୁଅ ରଞ୍ଜନ କୁମାର ବାରିକ(୬୩) ନାମକ ବ୍ୟକ୍ତିଙ୍କର ଘରେ ଶୋଇଥିବା ବେଳେ ପ୍ରାୟ ରାତ୍ର ୧୨ ଘଟିକା ସମୟରେ ହଠାତ୍ ହୃଦ ଘାତରେ ବିୟୋଗ ହୋଇ ଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ଆଖ ପାଖ ଅଞ୍ଚଳରୁ ବହୁ ମନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ଅଭୟପୁର ସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଆମର ଆତ୍ମାର ସଦଗତି କାମନା କରିଥିଲେ । ରଞ୍ଜନ ବାରିକ ଜଣେ ସମାଜସେବୀ, ଭଲ ମେଳାବି ଓ ପରଉପକାରୀ, ସ୍ନେହିଁ, ବାନ୍ଧୁ ବତ୍ସଳ ଲୋକଥିଲେ । ତାଙ୍କ ପାର୍ଥିବ ମୃତ ଶରୀରକୁ ବଂଧୁ, ବାନ୍ଧବ, ଜ୍ଞାନ୍ତି, କୁଟୁମ୍ବ ଓ ପରିଜନ ମାନଙ୍କ ଗ୍ରହଣରେ ପୁରୀ ସ୍ୱର୍ଗ ଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରା ଯାଇଥିବା ପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ୬୦ ଜଣ ନିରାଶ୍ରୟ ଙ୍କୁ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ କମ୍ବଳ ବଣ୍ଟନ

ଜଳେଶ୍ୱର,୩୦/୧୧ (ନି.ପ୍ର):ଆଜିର ଆଧୁନିକ ସମାଜରେ ଏବେ ମଧ ସହର ର ବିଭିନ୍ନ ସ୍ଥାନରେ ନିରାଶ୍ରୟ ଦୀନ ଦୁଃଖୀ, ଶୀତରେ କାଳାତିପାତ କରୁଛନ୍ତି। ତେଣୁ ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭୋଲା ଭଣ୍ଡାରି ଅନ୍ନଦାତା ପରିବାର ପକ୍ଷରୁ ୬୦ ଜଣ ନିରାଶ୍ରୟ ଦୀନ ଦୁଃଖୀ ଙ୍କୁ କମ୍ବଳ ବଣ୍ଟନ କରା ଯାଇଛି ।ଉକ୍ତ ଶୀତ ବସ୍ତ୍ର ଗୁଡ଼ିକୁ ସଙ୍ଗଠନର କୋଷାଧ୍ୟକ୍ଷ ଶାନ୍ତନୁ କୁମାର ସେନାପତି ନିଜସ୍ୱ ପାଣ୍ଠିରୁ ଯୋଗାଇ ଥିବା ବେଳେ, ନିଜେ ରାତ୍ରିରେ ଯାଇ ବଣ୍ଟନ କରିଥିଲେ ।ଜଳେଶ୍ୱର ଷ୍ଟେସନ ନିକଟ, ଟାଉନ ହଲ, ନୂତନ ଅଭରବ୍ରିଜ ତଳ, ପୂର୍ଣ୍ଣାବାଗ, କାହାଳିସାହି, ବ୍ଲକ ପାଖ, ହାଟ ମଧରେ ଥିବା ଅସହାୟ ଲୋକଙ୍କୁ ବାଣ୍ଟି ଥିଲେ ।ଏହା ସହିତ ନଗର ପାଟଣା ଅଞ୍ଚଳରେ, ରାତ୍ରିରେ ଏଣେ ତେଣେ ରାସ୍ତା କଡ ରେ ଶୋଇଥିବା ବ୍ୟକ୍ତି ଙ୍କ ନିକଟକୁ ଯାଇ କମ୍ବଳ ବିତରଣ କରିଛନ୍ତି। ବିତରଣ ସମୟରେ ଭୋଲା ଭଣ୍ଡାରି ସଙ୍ଗଠନର ମୁଖ୍ୟ ହରିଶଙ୍କର ପଣ୍ଡା, ସଦସ୍ୟ ବିଶ୍ୱ ରଞ୍ଜନ ଦାସ, ପଦ୍ମଲୋଚନ ମହାପାତ୍ର, ଲିପୁନ କୁମାର ପଣ୍ଡା ଏବଂ ଅନ୍ୟ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବେତନଟୀ କଲେଜ ପ୍ରିମିୟର ଲିଗ ସିଜିନ ୨ ଉଦଘାଟିତ

ବାରିପଦା ୩୦/୧୧ (ନି.ପ୍ର): ବେତନଟୀ କଲେଜ ଫିଲଡ଼ ଠାରେ ଆଜିଠାରୁ କଲେଜ ପ୍ରିମିୟର ଲିଗ ସିଜିନ ୨ ଆରମ୍ଭ ହେଇଛି। ଉଦଘାଟନୀ ଉତ୍ସବରେ ପୂର୍ବତନ ଓଡିଶା ରଣଜୀ ଟ୍ରଫି ଖେଳାଳୀ ତଥା ଦକ୍ଷ ଯୁବନେତା ଲଲାଟେନ୍ଦୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ. ଏହି ଉଦଘାଟନୀ ଉତ୍ସବରେ ପପୁ ବେହେରା, ପର୍ଶୁରାମ ଗୋଛାୟତ, ଜୟନ୍ତ ମହାନ୍ତ, ସୁମନ୍ତ ମୁଖି, ଚନ୍ଦନ ଗିରି ପ୍ରମୁଖ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଦିପ୍ତୀରେଖା ୱାରରିଅର୍ସ, ବିନ୍ଦାସ ଷ୍ଟ୍ରାଇକର୍ସ, ଜଙ୍ଗରି ଇଗଲସ, ସୁପର ଷ୍ଟାଇକର୍ସ, ବିବି ଇଲେଭେନ, ଏବଂ ଫୁଏଚର ଲିଯେଣ୍ଡସ ମୋଟ ୬ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଏହି ଖେଳ ଗୁଡିକୁ ଶୁଭମ ନାୟକ ଏବଂ ଅନୁପ ପରିଡା ପରିଚାଳନା କରୁଥିବା ବେଳେ ଚନ୍ଦନ ଗିରି ଧାରା ବିବରଣୀ ପ୍ରଦାନ କରୁଛନ୍ତି।

## ବୁଖାରୀବାବା ଅର୍ଡର ସାପ୍ଲାୟରସ ଜଳେଶ୍ୱର ପକ୍ଷରୁ ମେଗା ରକ୍ତଦାନ ଶିବିର ଲାଗି ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୩୦/୧୧ (ନି.ପ୍ର): ରକ୍ତଦାନ ମହତ ଦାନ, ରକ୍ତ ବଞ୍ଚାଏ ଅମୂଲ୍ୟ ଜୀବନ- ଅର୍ଜନ କର କୋଟିଏ ପୁଣ୍ୟ, ସଫଳ କର ମାନବ ଜୀବନ। ଏପରି ସ୍ଥଳେ ଝାଡେଶ୍ୱରପୁର ସ୍ଥିତ ବୁଖାରୀବାବା ଅର୍ଡର ସାପ୍ଲାୟରସ ଜଳେଶ୍ୱର ପକ୍ଷରୁ ଆସନ୍ତା ଡିସେମ୍ବର ୮ ତାରିଖ ମେଗା ରକ୍ତଦାନ ଶିବିର ପାଇଁ ଜଳେଶ୍ୱର ସ୍ଥିତ ମନ୍ନତ ବିଲଡିଙ୍ଗ ପରିସରରେ ଆଜି ୩ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି ।ପୂର୍ବରୁ ବୁଖାରୀ ବାବା ଅର୍ଡର ସାପ୍ଲାୟରସ, ଜଳେଶ୍ୱର ତରଫରୁ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନେକ ଲୋକଙ୍କର ରକ୍ତର ଆବଶ୍ୟକତା ପୂରଣ କରା ଯାଇଅଛି। ଉକ୍ତ କାର୍ଯ୍ୟପାଇଁ ବୁଖାରୀ ବାବା ଅର୍ଡର ସାପ୍ଲାୟରସ କୁ ବିଭିନ୍ନ ସରକାରୀ ଦପ୍ତର ଏବଂ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ତଥା ସମ୍ମାନୀତ ହୋଇଅଛି। ବାଲେଶ୍ୱର ଜିଲ୍ଲାରେ ରକ୍ତଦାନକୁ ଏକ ଲୋକାଭିମୁଖୀ ଆନ୍ଦୋଳନରେ ପରିଣତ କରିବା, ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତ ମାନଙ୍କୁ ରକ୍ତ ଯୋଗାଇବା, ଥାଲାସେମିଆ ରୋଗୀଙ୍କର ରକ୍ତର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟରୁ ରକ୍ତ ସଂଗ୍ରହ କରି ବାଲେଶ୍ୱର ଜିଲ୍ଲାର ରକ୍ତ ଭଣ୍ଡାରକୁ ଓଡ଼ିଶା ରାଜ୍ୟରେ ଶ୍ରେଷ୍ଠତ୍ୱ ହାସଲ କରିବାରେ ଯେଉଁ ବ୍ୟକ୍ତିଙ୍କର ନିରବଚ୍ଛିନ୍ନ, ଅବିଶ୍ରାନ୍ତ ଉଦ୍ୟମ ନିହିତ ଏବଂ ରକ୍ତଦାନ ଅଭିଯାନର ସଫଳ ରୂପାୟନ ଯାହାଙ୍କ ଜୀବନର ପରମ ବ୍ରତ, ସେହି ମହାନ ବ୍ୟକ୍ତି ହେଉଛନ୍ତି ବାଲେଶ୍ୱର ଜିଲ୍ଲାର ରକ୍ତଦାତା ସଂଘ ର ସଭାପତି କମଳ ଚକ୍ରବର୍ତ୍ତୀ ଯିଏକି ନିଜର ବୟସ ଦୃଷ୍ଟିରୁ ଶେଷଥର ପାଇଁ ରକ୍ତଦାନ କରିବେ ବୋଲି ବୁଖାରୀ ବାବା ଅର୍ଡର ସାପ୍ଲାୟରସ ର ପ୍ରତିଷ୍ଠାତା ସେଖ ସାଜନ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରକ୍ତଦାତା ସଂଘର ଉପଦେଷ୍ଟା ମନୁରଞ୍ଜନ ଦାସଙ୍କ ପୌରହିତ୍ୟରେ ବୁଖାରୀ ବାବା ସାପ୍ଲାୟରସ ର ପ୍ରତିଷ୍ଠାତା ସେଖ ସାଜନ, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଲ ଚକ୍ରବର୍ତ୍ତୀ, ଜାଇରା ବିବି, ସେଖ ଇସଲାମ, ସେଖ ସମୀର, ସେଖ ମୁସାଡ, ସେଖ ସଫିର, ସେଖ ସମସାର, ମୋତି ଖାଁ, ବିଜୟ ମହାନ୍ତି, ଅସୀମ ମହାନ୍ତି, ପ୍ରତାପ କେଶୋରୀ ମହାପାତ୍ର, ବିଦ୍ୟୁତ୍ ପାଳ, ଗୌରାଙ୍ଗ ସିଂହ, ଇନତାଜ ଖାଁ, ଶିବ ପ୍ରଧାନ, ଅଂଶୁମାନ ରାଉତ୍ ଓ ଫିରୋଜ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଭୋଗରାଇ ସଙ୍ଗଠନର ନେତୃତ୍ୱ ଅଂଶୁମାନ ରାଉତ୍ ପ୍ରତିଷ୍ଠାତା ସେଖ ସାଜନ୍ ଓ ତାଙ୍କ ଧର୍ମପତ୍ନୀ ଜାଇରା ବିବି ଙ୍କୁ ଉତ୍ତରୀୟ ସହ ଗୋଟିଏ ଗୋଟିଏ ବୃକ୍ଷ ଚାରା ପ୍ରଦାନ କରିଥିଲେ। ଆଗାମୀ ଡିସେମ୍ବର ୮ ତାରିଖ ଦିନ ହେବାକୁ ଥିବା ବିଶାଳ ରକ୍ତଦାନ ଶିବିର ପାଇଁ ଅଧିକ ରକ୍ତଦାତା ଯେପରି ଆସି ପାରିବେ ସେଥିପାଇଁ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ୍ସ ମିଡିଆଙ୍କୁ ପ୍ରସାର ପାଇଁ ଅନୁରୋଧ କରିଥିଲେ।




## ମ୍ୟୁନିସିପାଲଟି ଅନୁଦାନରେ ନିର୍ମିତ, ଭିନ୍ନକ୍ଷମ ବିଦ୍ୟାଳୟରେ ଶୌଚାଳୟ ଉଦଘାଟିତ

ଜଳେଶ୍ୱର,୩୦/୧୧ (ନି.ପ୍ର): ଜଳେଶ୍ୱର ସହର ଅନ୍ତର୍ଗତ,ନନ୍ଦିକା ସ୍ଥିତ,୧୩ ନମ୍ବର ୱାର୍ଡ଼ ର ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ରେ ମ୍ୟୁନିସିପାଲଟି ପକ୍ଷରୁ ନିର୍ମିତ ନୂତନ ଗୋଷ୍ଠୀ ଶୌଚାଳୟ କୁ ଉଦଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ନଗରପାଳ ପ୍ରତୀପ୍ କୁମାର ପ୍ରଧାନ ଓ ଦ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ ଶୌ ।ଚାଳୟ କୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧରେ ୧୩ ନଂ ୱାର୍ଡ କାଉନସିଲର ଶ୍ରୀମତୀ ସସ୍ମିତା ପାତ୍ର, ୧୧ ନଂ ୱାର୍ଡ ର କାଉନସିଲ ପ୍ରତିନିଧି ଆନନ୍ଦ କର, ସମାଜସେବୀ ଆଦିତ୍ୟ ନାରାୟଣ ପାତ୍ର, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଲ ଚକ୍ରବର୍ତ୍ତୀ, ସମରେଶ ଦିନ୍ଦା, ପ୍ରାକ୍ତନ ଅଧକ୍ଷ ରମାକାନ୍ତ ଭଞ୍ଜ, ଏମ.ଆଇସ ଅଧିକାରୀ ବ୍ରଜ ଗୋପାଳ ଘୋଷ ମହାପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ଧରିତ୍ରୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



## ଆଦୀବାସୀ ସଂଗଠନର ଦୃଢ଼ ପ୍ରତିବାଦ:-ଜଳେଶ୍ୱର ପ୍ରଶାସନ ଦ୍ୱାରା ୧୦ଟି ବେଆଇନ୍ ମାଟି ବୋଝେଇ ଡମ୍ଫର୍ ଜବତ୍

ଜଳେଶ୍ୱର,୩୦/୧୧ (ନି.ପ୍ର):ଜଳେଶ୍ୱର ତହସିଲ ଅନ୍ତର୍ଗତ ବରଡ଼ିହା ପଂଚାୟତ ର ବାଗବୁଡ଼ା ଠାରେ ଦିନ ରାତି ବେଆଇନ୍ ମାଟି ଉତ୍ତୋଳନ ହୋଇ ରେଲୱେ କାମ ନାଁରେ କାଗଜ ପତ୍ର ଦେଖାଇ ମାଟି ଚାଲାଣ ହେଉଥିଲା। ବୁଧବାର ରାତି ସମୟ ୧୦ଟା ସମୟ ରେ କାଳୀକ ପଂଚାୟତ ର ରଙ୍ଗାମାଠିଆ ଠାରେ ଆଦିବାସି ମାଝୀ ପାରଗାନା ସଂଗଠନ ତରଫରୁ ସମସ୍ତ ବେଆଇନ୍ ଡମ୍ଫର କୁ ଅଟକେଇ ଥିଲେ। ଦୀର୍ଘ ୧୨ ଘଣ୍ଟା ଅଟକାଇବା ପରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ଏସଡିପିଓ ଦିଲ୍ଲିପ ସାହୁ ଙ୍କ ନିର୍ଦ୍ଦେଶ କ୍ରମେ, ରାଇବଣିଆ ପୋଲିସ ପହଞ୍ଚି ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଆଲୋଚନା ପରେ ଉକ୍ତ ୧୦ ଟି ବେଆଇନ୍ ମାଟି ଡମ୍ଫର କୁ ଜବତ କରି ଫାଇନ୍ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଯାହା ଫଳରେ ଆଦିବାସି ମାଝୀ ପାରଗାମା ସଂଗଠନ ପୋଲିସ ଏବଂ ତହସିଲ୍‌ଦାର ଙ୍କୁ ଡମ୍ଫର ଗୁଡ଼ିକୁ ହସ୍ତାନ୍ତର କରିଥିଲେ । ଘଟଣା ସ୍ଥଳରେ ମାଝୀ ପାର ଗାନା ସଙ୍ଗଠନ ପକ୍ଷରୁ ଶୋଭାପତି ବୁଦ୍ଧିରାମ ମାଝୀ , ସମ୍ରାଇ ହାଁସଦା, ସମନ୍ ଟୁଡୁ, ବିକ୍ରମ ଟୁଡୁ, ନବିନ ହାଁସଦା, ଦୁଃଖୀରାମ ମାଝୀ, କାହ୍ନୁ ମୁର୍ମୁ,ବାଗାଇ ମାରାଣ୍ଡି, ଲକ୍ଷ୍ମଣ ମାରାଣ୍ଡି, ଲକ୍ଷ୍ମଣ ହେମ୍ବ୍ରମ୍, ସହିତ ରଙ୍ଗା ମାଟିଆ ଗ୍ରାମବାସୀ ଉପସ୍ଥିତି ଥିଲେ। ସୂଚନାଯୋଗ୍ୟ ୧୦ ଟି ଡମ୍ଫର ଖଣି ବିଭାଗ କୁ ହସ୍ତାନ୍ତର ହୋଇଥିବା କଥା, ସମ୍ପୃକ୍ତ ସଂଗଠନ କହୁଥିବା ବେଳେ ମାତ୍ର ୬ଟି ମାଟି ବୋଝେଇ ଡମ୍ଫର କୁ ଫାଇନ୍ ହୋଇଥିବା ଜଣାପଡ଼ିଛି।

## ବାଲି ଉତ୍ତୋଳନ ବେଳେ ଅତର୍କିତ ଚଢ଼ାଉ- ୩ ଗିରଫ

ଜଳେଶ୍ୱର,୩୦/୧୧ (ନି.ପ୍ର): ଜଳେଶ୍ୱର ତହସିଲ ଅଧୀନ ମହମ୍ମଦ ନଗର ପାଟଣା ଗ୍ରାମ ନିକଟରେ ସୁବର୍ଣ୍ଣରେଖା ନଦୀଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନ ଚାଲିଥିବା ବେଳେ ପୁଲିସ ଅତର୍କିତ ଚଢ଼ାଉ କରି ୩ ଜଣକୁ ଗିରଫ କରିଛି। ମହମ୍ମଦ ନଗର ପାଟଣା ଗ୍ରାମରେ ନଦୀଗର୍ଭରୁ ଗତ କିଛି ଦିନ ଧରି ବାଲି ଉତ୍ତୋଳନ ନେଇ ପୁଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗ ଆଧାରରେ ଗୁରୁବାର ପୂର୍ବାହ୍ନରେ ଜଳେଶ୍ୱର ଏସ୍ ?ଡିପିଓ ଦିଲ୍ଲୀପ କୁମାର ସାହୁ ଓ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠ ମିଳିତ ଭାବେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଦୁଇଟି ଟ୍ରାକ୍ଟ ?, ୪ଟି ବାଇକ୍ ଜବତ କରାଯିବା ସହ ୩ ଜଣକୁ ଗିରଫ କରାଯାଇଛି। ଏନେଇ ଜଳେଶ୍ୱର ଥାନାରେ ୬୦୨ ନମ୍ବରର ମାମଲା ରୁଜୁ ହୋଇଛି ।ବାଲି ଚୋରା ଚାଲାଣ କାରୀ ମାନେ , ଥାନା, ତହସିଲ,ଓ ବିଭିନ୍ନ ଛକ ସ୍ଥାନରେ ବସିରହି ପ୍ରଶାସନ ର ଗତି ବିଧିର ସମ୍ପୂର୍ଣ୍ଣ ସୂଚନା ଦେଉଛନ୍ତି। ଫଳରେ ଧରପଗଡ ଅଧିକ ନହୋଇ , ପୁଲିସ ସହିତ ଲୁଚକାଳି ଖେଳୁଥିବା ଦେଖାଯାଉଛି। ଏପରିକି ବେଆଇନ ବାଲି ଉତ୍ତୋଳନ ଓ କାରବାରରେ ଜଳେଶ୍ୱର ର ବହୁ ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟାରେ ହେଉଥିବା ଚର୍ଚ୍ଚା ମଧ ହେଉଛି ? ।

## ସଂପାଦକୀୟ

# ପୁଟିନ୍‌ଙ୍କ ଚରମ ଚେତାବନୀ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୨ଦିନ ଧରି ଚାଲିଥିବା ଭୟଙ୍କର ଯୁଦ୍ଧର କୁପରିଣତି ସାରା ବିଶ୍ୱକୁ ଭୋଗିବାକୁ ପଡୁଛି । ଏହି ଯୁଦ୍ଧରେ ୟୁକ୍ରେନ୍ ପ୍ରାୟତଃ ଧ୍ୱସସ୍ତୂପରେ ପରିଣତ ହୋଇଥିବାବେଳେ ରୁଷକୁ ମଧ୍ୟ କମ୍ କ୍ଷତି ସହିବାକୁ ପଡୁନାହିଁ । ଉଭୟ ଦେଶ ନିଜ ନିଜର ଜିଦ୍‌ରେ ଅଟଳରହି ପ୍ରଚଣ୍ଡ ଯୁଦ୍ଧରେ ବ୍ୟାପୃତ ରହିଛନ୍ତି । ତେବେ ଯୁଦ୍ଧର ଦ୍ୱାଦଶ ଦିବସ ଅର୍ଥାତ୍ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କିଛିଟା ନରମ ମନୋଭାବ ପୋଷଣକରି ରାଜଧାନୀ କିଭ୍, କାରକିଭ୍ ସମେତ ୟୁକ୍ରେନର ୪ଟି ସହରରେ ନିଜଆଡୁ କିଛି ଘଣ୍ଟା ପାଇଁ ଅସ୍ତ୍ରବିରତି ପାଳନ କରିଛନ୍ତି । ବିଦେଶୀ ଛାତ୍ର ଓ ନାଗରିକମାନେ ଯେପରି ନିରାପଦରେ ସହର ଛାଡ଼ି ଯାଇପାରିବେ ସେଥିପ୍ରତି ରୁଷ ଯୁଦ୍ଧ ବନ୍ଦ କରିବାକୁ ଏଭଳି ଅସ୍ଥାୟୀ ପଦକ୍ଷେପ ନେଇଛି । ରୁଷ ଓ ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା କ୍ଷେତ୍ରରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାର ଉପଲବ୍ଧି କରି ୟୁକ୍ରେନ ପକ୍ଷରୁ ଭାରତକୁ ଶାନ୍ତି ଆଲୋଚନା ଆରମ୍ଭ କରିବାକୁ ଆରମ୍ଭ କରାଯାଇଥିଲା । ତଦନୁଯାୟୀ ପ୍ରଧାନମନ୍ତ୍ରୀ ମୋଦି ଉଭୟ ରୁଷ ରାଷ୍ଟ୍ରପତି ପୁଟିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି । ୟୁକ୍ରେନ୍‌ର ଗୋଟିଏ ପରେ ଗୋଟିଏ ସହର ରୁଷ୍‌ର ଆଖିବୁଜା ବୋମା ବର୍ଷଣରେ ମାଟିରେ ମିଶିଯାଉଥିବାବେଳେ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜେ ଅସହାୟ ଅନୁଭବ କରୁଥିବାର ଖବର ପ୍ରଚାରିତ ହୋଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଟେଲିଫୋନକରି ସେ ତୁରନ୍ତ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇଦେବାକୁ ଆକୁଳ ନିବେଦନ କରିଛନ୍ତି । ୟୁକ୍ରେନ୍ ମହାସଂକଟରୁ ରକ୍ଷା କରିବା ଲାଗି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ ଆଗକୁ ନଆସିଲେ ଦେଶ ଧ୍ୱଂସ ପାଇଯିବ ବୋଲି ସେ ଉଲ୍ଲେଖ କରିଛନ୍ତି । ଆମେରିକା ଓ ୟୁରୋପର ବହୁ ଦେଶ ଏବେ ରୁଷ ବିରୋଧରେ କଠୋର ଆର୍ଥିକ କଟକଣା ଜାରି କରି ଏହାର ଅର୍ଥନୀତିକୁ ଧ୍ୱଂସ କରିବାକୁ ପଦକ୍ଷେପ ନେଇଛନ୍ତି । ଏହା ସତ୍ତ୍ୱେ ପରାକ୍ରମଶାଳୀ ରୁଷ୍‌ର ବିଶେଷ କୌଣସି କ୍ଷତି ଘଟିନାହିଁ ଏବଂ ଏହା ଅଧିକ ହିଂସ୍ର ହୋଇ ୟୁକ୍ରେନ ଉପରେ ଆକ୍ରମଣକୁ ଶାଣିତ କରିଛି । ଯେପରି ମନେହେଉଛି ରୁଷ - ୟୁକ୍ରେନ୍ ଯୁଦ୍ଧ କ୍ରମଶଃ ଏକ ନିର୍ଣ୍ଣାୟକ ମୋଡ଼ ନେଉଛି ଏବଂ ଅନ୍ୟ କୌଣସି ବାହ୍ୟ ଶକ୍ତି ପ୍ରତ୍ୟକ୍ଷ ଭାବରେ ଏଥିରେ ସାମିଲ ନହେଲେ ରୁଷ ଖୁବ୍ କମ୍ ସମୟ ମଧ୍ୟରେ ଏହାକୁ ଦଖଲ କରି ନେବାର ସମ୍ଭାବନା ରହିଛି । ସମ୍ଭବତଃ ୟୁକ୍ରେନ ରାଷ୍ଟ୍ରପତି ଯୁଦ୍ଧର ଚରମ ପରିଣତି କ'ଣ ହେବ ତାହା ଜାଣିସାରିଛନ୍ତି ଏବଂ ବାଇଡେନ୍‌ଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ ସମୟରେ ଏହା ମୋର ଶେଷ ବାର୍ତ୍ତା ହୋଇପାରେ ବୋଲି ମନ୍ତବ୍ୟ ଦେଇଛନ୍ତି । ଦେଶର ବିଭିନ୍ନ ସହରରେ ବର୍ତ୍ତମାନ ବିଦ୍ୟୁତ୍ ଓ ଗ୍ୟାସ୍ ଯୋଗାଣ ବନ୍ଦ ହେବାଯୋଗୁଁ ଜନସାଧାରଣ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷରୁ ଅଧିକ ଲୋକ ଦେଶ ଛାଡ଼ି ଚାଲିଗଲେଣି ଏବଂ ପ୍ରତିଦିନ ଅଧିକରୁ ଅଧିକ ଲୋକ ଦେଶ ଛାଡୁଛନ୍ତି । ରୁଷ ରାଷ୍ଟ୍ରପତି ପୁଟିନ କିଛିଦିନ ପୂର୍ବେ ୟୁକ୍ରେନ ଦଖଲ କରିବା ତାଙ୍କର ଅଭିପ୍ରାୟ ନୁହେଁ, କେବଳ ସରକାର ପରିବର୍ତ୍ତନ ଚାହାନ୍ତି ବୋଲି ସ୍ପଷ୍ଟ କରିଥିଲେ । ମାତ୍ର ଏବେ ନିଜର ଆଭିମୁଖ୍ୟକୁ ଅଧିକ କଠୋର କରିଥିବାର ଲକ୍ଷ୍ୟ କରାଯାଉଛି । ସର୍ତ୍ତ ନମାନିଲେ ୟୁକ୍ରେନ୍‌କୁ ମାନଚିତ୍ରରୁ ନିଶ୍ଚିହ୍ନ କରିଦିଆଯିବ ବୋଲି ସେ ଚରମ ଚେତାବନୀ ଶୁଣାଇଛନ୍ତି । ଏଭଳି ବିପଜ୍ଜନକ ସ୍ଥିତିରେ ସ୍ଥାୟୀ ଅସ୍ତ୍ରବିରତି ମାଧ୍ୟମରେ ଏହି ରକ୍ତାକ୍ତ ଯୁଦ୍ଧର ପରିସମାପ୍ତି ଘଟିବାକୁ ଭାରତର ପ୍ରଚେଷ୍ଟା ଫଳବତୀ ହେଉ, ଏହାହିଁ କାମ୍ୟ ।

# ମଧ୍ୟପ୍ରାଚ୍ୟରେ ଭାରତ

ବଦଳୁଥିବା ପୃଥିବୀର ସମୀକରଣ ଭିତରେ ବିଦେଶନୀତିକୁ ସକ୍ରୀୟକରି ବାଣିଜ୍ୟିକ ଲକ୍ଷ୍ୟ ହାସଲ ଲାଗି ସବୁଦେଶ ଆଜି ପୃଥିବୀରେ କାର୍ଯ୍ୟ କରୁଛନ୍ତି । ଭାରତ ମଧ ଠିକ୍ ସେମିତି ପାଞ୍ଚ ଟ୍ରିଲିଅନ୍ ଡଲାରର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ନିକଟରେ ବନ୍ଧୁରାଷ୍ଟ୍ରଗୁଡ଼ିକୁ ନିଜ ସହ ଅଧିକ ଯୋଡିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଯୋଜନା ନେଇ କାର୍ଯ୍ୟ କରୁଛି । ଗତ ଦିନମାନଙ୍କରେ ମଧ୍ୟପ୍ରାଚ୍ୟରେ ନିଜ ବାଣିଜ୍ୟିକ ସ୍ଥିତିକୁ ସୁଧାରିବା ପାଇଁ ଭାରତ କେତେକ ଭଲ ପଦକ୍ଷେପ ନେଇଛି । ସେଥିରୁ ଗୋଟିଏ ହେଲା ବ୍ୟାପକ ଅର୍ଥନୀତିକ ସହଯୋଗୀ ବୁଝାମଣା ନେଇ ୟୁନାଇଟେଡ ଆରବ ଅମିରାତ (ଏମିରେଟ) ସହ ବୁଝାମଣା ସରିଛି । ଏହା ଗୋଟିଏ ମାସ ଭିତରେ କାର୍ଯ୍ୟକରିବ । ନିକଟରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ପିୟୂଷ ଗୋୟଲ ଏବଂ ଅମିରାତର ଆର୍ଥିକ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ ଅଲ-ମାରୀଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ଆଲୋଚନା ହୋଇଥିଲା । ଭାରତର ମର୍ଚ୍ଚାଣ୍ଟ ଚେମ୍ବର୍ସ ଅଫ୍ କମର୍ସଠାରେ ଭାଷଣ ଦେଇ ଅମିରାତର ରାଷ୍ଟ୍ରଦୂତ ଅହମ୍ମଦ ଅବଦୁଲ ରହମନ ଅଲବାନା କହିଛନ୍ତି ଯେ ୧୯୮୦ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୫ ମିଲିଅନ ଡଲାର ଥିଲାବେଳେ ୨୦୨୧ରେ ତାହା ୪୫ ବିଲିଅନରେ ପହଞ୍ଚିଛି । ଆଗାମୀ ଦିନରେ ଏହା ୧୦୦ ବିଲିଅନକୁ ନେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୦ଲକ୍ଷ ରୋଜଗାର ସୃଷ୍ଟି ହେବାସହ ଦ୍ୱିପାକ୍ଷିକ ସଂପର୍କ ମଜଭୁତ ହେବ ବୋଲି କୁହାଯାଇଛି । ୧୮ ଫେବୃଆରୀ ୨୦୨୨ ଦିନ ହୋଇଥିବା ଏହି ବୁଝାମଣା ୧ ଜୁନଠାରୁ କାର୍ଯ୍ୟକାରୀ ହେବ । ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରେ ଏହା କୌଣସି ଦେଶ ସହ ପ୍ରଥମ ମୁକ୍ତ ବାଣିଜ୍ୟ ବୁଝାମଣା । ଏମିତି ବୁଝାମଣା ମାଲେସିଆ ସହ ୨୦୧୧ରେ ହୋଇଥିଲା । ଏହି ବୁଝାମଣା କାର୍ଯ୍ୟକାରୀ ହେଲେ ଭାରତର ଅଧିକ ଲାଭ ହେବ । କାରଣ ଅମିରାତରେ ପାଖାପାଖି ୩୫ଲକ୍ଷ ଭାରତୀୟ ଏବେ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କ ପାଇଁ ଭାରତରେ ପ୍ରସ୍ତୁତ ସାମଗ୍ରୀମାନ ଏମିରେଟର ସବୁ ମଲରେ ବିକ୍ରି ହେବାର ସୁବିଧା ମିଳିବ । ଭାରତ ଆଗାମୀ ଦିନରେ ବ୍ରିଟେନ, ଇଉରୋପୀୟ ସଂଘ, ଅଷ୍ଟ୍ରେଲିଆ, କାନାଡା, ଇସ୍ରାଏଲ ସମେତ ଗଲଫ୍ କୋ ଅପରେସନ କାଉନସିଲ ଅନ୍ତର୍ଗତ (ଜିସିସି) ରାଷ୍ଟ୍ରଗୁଡିକ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଲକ୍ଷ୍ୟ ରଖିଛି । ଏହି ବୁଝାମଣାରେ ଭାରତ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନେକ କୃଷିଜାତ ସାମଗ୍ରୀକୁ ବାହାରେ ରଖିଛି । ଦୁଗ୍ଧଜାତ ଦ୍ରବ୍ୟ, ଚାହା,କଫି, ରବର, ମସଲା, ଚିନି, ସିଗାରେଟ ଆଦିକୁ ତାଲିକାରୁ ବାହାରେ ରଖିଛି । ମଧ୍ୟପ୍ରାଚ୍ୟରେ ସାଉଦି ଆରବ, କୁଏତ, ବାହାରିନ, ଓମାନ ଜିସିସିର ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହିସବୁ ଦେଶଗୁଡିକ ସହ ଏମିରେଟର ସଂପର୍କ ଭଲ । ଦୁବାଇ ଏହିସବୁ ରାଷ୍ଟ୍ର ଏବଂ ଆଫ୍ରିକାର ଅନେକ ଦେଶପାଇଁ ବଡ ବଜାର ହୋଇରହିଛି । ଏମିରେଟ ବଜାର ମାଧ୍ୟମରେ ଭାରତର ବସ୍ତୁ ଅନେକ ଦେଶକୁ ଯିବାର ସୁବିଧା ପାଇବ । ଦୁବାଇଠାରେ ଆଇଆଇଟିର ଏକ ଶାଖା ଖୋଲାଯିବା ଲାଗି ସ୍ଥିର ହୋଇଛି । ପ୍ରଥମଥର ଲାଗି ଭାରତର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଶାଖା ବିଦେଶରେ ଖୋଲାଗଲେ ମଧ୍ୟପ୍ରାଚ୍ୟର ଛାତ୍ରଛାତ୍ରୀ ତାର ସୁଯୋଗ ନେଇପାରିବେ । ଭାରତରେ ଆଇଆଇଟିର ୨୩ଟି ଶାଖା ରହିଛି । ଦୁବାଇଶାଖା ୨୪ତମ ଏବଂ ଆନ୍ତର୍ଜାତିକ ଶାଖା ହେବ । ଏହାବାଦ ପ୍ରତିବର୍ଷ ମଧ୍ୟପ୍ରାଚ୍ୟରୁ ଭାରତକୁ ଚୋରାରେ ସୁନା ଏବଂ ଗହଣା ଆସୁଛି । ଦୁଇ ଦେଶ ମଧ୍ୟରେ ବୁଝାମଣା ପରେ ସୁନା ଚୋରା କାରାବାର କମ୍ ହେବ । ଦୁବାଇଠାରେ ଶସ୍ତାରେ ସୁନା ମିଳୁଥିବା ହେତୁ ଅନେକ ପର୍ଯ୍ୟଟକ ଦୁବାଇରୁ ସୁନା କିଣିବାକୁ ପସନ୍ଦ କରୁଥିଲେ । ଏମିରେଟ୍ (ଅମିରାତ) କର୍ତ୍ତୃପକ୍ଷ ନିଜର ତୈଳ ଆଧାରିତ ଅର୍ଥନୀତିକୁ କେନ୍ଦ୍ରରେ ନରଖି ଏବେ ଅଣତୈଳ ବାଣିଜ୍ୟ ଉପରେ ଜୋର ଦେବାରେ ଲାଗିଛନ୍ତି । ଆଗାମୀ ବର୍ଷଗୁଡିକରେ ଶକ୍ତିସ୍ରୋତକୁ ପ୍ରଦୂଷଣରୁ ମୁକ୍ତ କରିବାକୁ ଲକ୍ଷ୍ୟଥିବାରୁ ତୈଳର ବ୍ୟବହାର ପ୍ରତିବର୍ଷ ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏବେଠାରୁ ନିଜର ଅର୍ଥନୀତି, ବାଣିଜ୍ୟ ଆଦିକୁ ସଜାଡିବା ଲାଗି ଅମିରାତ ପ୍ରୟାସ କରୁଛି । ମଧ୍ୟପ୍ରାଚ୍ୟର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ସାଉଦି ଆରବର ସ୍ଥଳସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଅଲମୁତାହିର ଫେବୃଆରୀ ମାସରେ ଭାରତ ଗସ୍ତରେ ଆସିଥିଲେ । ଗତ ଡିସେମ୍ବର ମାସରେ ଭାରତୀୟ ସ୍ଥଳସେନା ପ୍ରମୁଖ ଜେନେରାଲ ନରବଣେ ସାଉଦି ଗସ୍ତରେ ଯାଇଥିଲେ । ଗତ ୨୦୨୧ ଅଗଷ୍ଟ ମାସରେ ଦୁଇଦେଶ ମଧ୍ୟରେ ପ୍ରଥମ ନୌସେନା ସମରାଭ୍ୟାସ ହୋଇଥିଲା । ସାଉଦି ସ୍ଥଳସେନା ମୁଖ୍ୟଙ୍କ ଭାରତ ଗସ୍ତକାଳରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଉତ୍ପାଦନରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ନେଇ ଆଲୋଚନା ହୋଇଥିଲା । ମଧ ପ୍ରାଚ୍ୟରେ ଆମେରିକାର ଭୂମିକା ସଂକୁଚିତ ହୋଇ ଆସୁଥିବା ବେଳେ ସେହି ସ୍ଥାନ ପୂରଣ କରିବାକୁ ଚୀନ ଜୋରସୋର ଉଦ୍ୟମ ଚଳାଇଛି । ମଧ୍ୟପ୍ରାଚ୍ୟର ସବୁବେଳେ ଆଶଙ୍କା ବଳବତ୍ତର ରହୁଥିବାରୁ ସାଉଦି ଆରବ ନିଜର ସୁରକ୍ଷାକୁ ମଜଭୁତ କରିବାକୁ ଚାହୁଁଛି । ସେହି ଯୋଜନାରେ ପୂର୍ବରୁ ପ୍ରଶିକ୍ଷଣ ଓ ସୁରକ୍ଷା ପାଇଁ ସାଉଦି ଆରବରେ ଥିବା ପାକିସ୍ଥାନର ପ୍ରାୟ ୧୮ ଶହ ଯବାନଙ୍କୁ ଫେରାଇ ଦିଆଯାଇଛି । ଏବେ ଭାରତୀୟ ସେନା ସେହି ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି । ମଧ ପ୍ରାଚ୍ୟରେ ଆଞ୍ଚଳିକ ସୁରକ୍ଷା ପାଇଁ ଭାରତ ଅଧିକ ଚିନ୍ତିତ । କାରଣ ଏହି କ୍ଷେତ୍ରରେ ସର୍ବାଧିକ ପ୍ରବାସୀ ଭାରତୀୟ କାର୍ଯ୍ୟରତ । କୌଣସି ପ୍ରକାର ଅସ୍ଥିରତା ଏଠାରେ ସୃଷ୍ଟିହେଲେ ତାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିବ । କାରଣ ସାଉଦି ଆରବ, ଅମିରାତ, ବାହାରିନ, କାତାର ଆଦି ରାଷ୍ଟ୍ରରେ ଭାରତୀୟମାନେ ପ୍ରାୟତଃ ସବୁ ପ୍ରମୁଖ ବ୍ୟବସ୍ଥାର ଦାୟିତ୍ୱରେ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପ୍ରଶାସନ, ବ୍ୟାଙ୍କିଂ ଆଦି ଅନେକ କ୍ଷେତ୍ରରେ ଭାରତୀୟଙ୍କ ଭାଗିଦାରୀ ଅନ୍ୟମାନଙ୍କଠାରୁ ଅଧିକ । ଆମେରିକା-ଇରାନ ଦ୍ୱନ୍ଦ୍ୱ ଯୋଗୁ ୨୦୨୧ରେ ଭାରତ ପକ୍ଷରୁ ଭାରତୀୟ ବାଣିଜ୍ୟିକ ପରିବହନର ସାମୁଦ୍ରିକ ସୁରକ୍ଷା ପାଇଁ ଅପରେସନ ସଂକଳ୍ପ ନାମରେ ନୌସେନା ପକ୍ଷରୁ ସୁରକ୍ଷା ପ୍ରଦାନ ଅଭିଯାନ ଚଳିଥିଲା । ଯେଉଁଥିରେ ୧୬ଟି ଜାହାଜକୁ ଭାରତର ଯୁଦ୍ଧପୋତଗୁଡିକ ସୁରକ୍ଷା ପ୍ରଦାନ କରି ପାରସ୍ୟ ଉପକୂଳରୁ ଭାରତୀୟ ମହାସାଗରକୁ ଆଣୁଥିଲେ । ଚୀନ ଏବଂ ଦକ୍ଷିଣ କୋରିଆ ଏହିପରି ସୁରକ୍ଷା ବ୍ୟବସ୍ଥା ନିଜ ନିଜର ବାଣିଜ୍ୟିକ ପୋତ ପାଇଁ କରିଛନ୍ତି । ସାଉଦି ଆରବ ହୁଥୀ ବିଦ୍ରୋହୀ ଏବଂ ଇରାନପଟୁ ସବୁବେଳେ ଆଶଙ୍କା କରୁଥିବା ହେତୁ ନିଜର ସୁରକ୍ଷାକୁ ଅଧିକ ସୁଦୃଢ କରିବାକୁ ଚାହୁଁଛି । ସେହିପରି ମଧ୍ୟପ୍ରାଚ୍ୟର ଅନ୍ୟ ଏକ ରାଷ୍ଟ୍ର ଓମାନ ସହ ଭାରତର ସଂପର୍କ ସୁଦୃଢ ହେବାରେ ଲାଗିଛି । ଡୁକମ ବନ୍ଦରକୁ ଓମାନ ଭାରତର ନୌସେନା ବ୍ୟବହାର ପାଇଁ ଅନୁମତି ଦେଇଛି । ଦୁଇଦେଶର ନୌସେନା ମଧ୍ୟରେ ଉତ୍ତମ ସଂପର୍କ ରହିଆସିଛି । ଫେବୃଆରୀ ମାସ୧୪ରୁ ୧୭ ପର୍ଯ୍ୟନ୍ତ ଓମାନ ନୌସେନା ମୁଖ୍ୟ ରିଅର ଆଡମିରାଲ ସୈଫ୍ ଅଲ ରହବୀ ଭାରତ ଗସ୍ତରେ ଆସି ସେନାମୁଖ୍ୟ ଏବଂ ବିଦେଶ ସଚିବଙ୍କ ସହ ସାକ୍ଷାତ କରିଥିଲେ । ଭାରତରୁ ନୌସେନା ଉପକରଣ ସଂଗ୍ରହ ଏବଂ ପ୍ରଶିକ୍ଷଣ ପାଇଁ ସ୍ଥାନ ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ରହିଥିଲା । ବର୍ତ୍ତମାନର ଓମାନ ନୌସେନା ମୁଖ୍ୟ ଗତ ୨୧ ଜାନୁଆରୀ ଦିନ ଦାୟିତ୍ୱ ଗ୍ରହଣ କରିଥିଲେ । ଉଭୟ ଦେଶରେ ନୌସେନା ମଧ୍ୟରେ ତଥ୍ୟ ଆଦାନପ୍ରଦାନ ପାଇଁ ଗତ ସେପ୍ଟେମ୍ବର ମାସରେ ହ୍ୱାଇଟ୍ ସିପିଙ୍ଗ୍ ଏକ୍ସଚେଞ୍ଜ ଏଗ୍ରିମେଣ୍ଟ ହୋଇଥିଲା । ଏବେ ସାମୁଦ୍ରିକ ସୁରକ୍ଷା ପାଇଁ ଓମାନ ସରକାର ଅଧିକ ଚିନ୍ତିତ । ତେଣୁ ଓମାନ୍ ନୌସେନା ମୁଖ୍ୟ ଭାରତର ପଶ୍ଚିମ ନୌସେନା କମାଣ୍ଡ, ମୁମ୍ବାଇସ୍ଥିତ ପୋତ ନିର୍ମାଣସ୍ଥଳୀ ଏବଂ ପୋତ ସଜଡାସ୍ଥଳୀକୁ ଗସ୍ତ କରିଥିଲେ । ଏହାଛଡା ଇଣ୍ଡିଆନ ଫ୍ୟୁଜନ ସେଣ୍ଟର ଫର ଇଣ୍ଡିଆନ ଓସେନ ରିଜନକୁ ସେ ଗସ୍ତ କରିଥିଲେ । ଫେବୃଆରୀ ମାସର ଆରମ୍ଭରେ ଓମାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସାଧାରଣ ସଚିବ ମହମ୍ମଦ ନାସେର ଅଲ ଜାବିଙ୍କ ଭାରତଗସ୍ତ ହୋଇଥିଲା । ମିଳିତ ପ୍ରତିରକ୍ଷା ସହଯୋଗ କମିଟିର ୧୦ମ ପର୍ଯ୍ୟାୟ ଆଲୋଚନା ପାଇଁ ସେ ଗସ୍ତ କରିଥିଲେ । ଉକ୍ତ ବୈଠକ ତିନିବର୍ଷ ପରେ ହୋଇଥିଲା । ତେଣୁ ନୌସେନା ମୁଖ୍ୟ ମୁମ୍ବାଇର ନାଭାଲ ଡକୟାର୍ଡ ଗସ୍ତ କରିଥିଲେ । ଦୁଇଦେଶର ନୌସେନା ମଧ୍ୟରେ ୧୯୯୩ରୁ ନସୀମ ଅଲ ବାହର ନୌ ସମରାଭ୍ୟାସ ପ୍ରତି ଦୁଇବର୍ଷରେ ହୋଇଆସୁଛି । ଗତଥର ୨୦୨୦ରେ ତାହା ଗୋଆରେ ହୋଇଥିଲା । ଏବର୍ଷ ସେହି ଅଭ୍ୟାସ ହେବ । ଆଗାମୀ ଦିନରେ ଓମାନର ବାୟୁସେନା ମୁଖ୍ୟଙ୍କ ଭାରତଗସ୍ତ କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ୧୫୦ ଓମାନ ଅଧିକାରୀ ଗସ୍ତରେ ଆସିବେ ବୋଲି ଜଣାପଡିଛି । ଉତ୍ତର ଆରବ ସାଗରରେ ଦୁଇଦେଶର ନୌସେନା ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ମିଳିତ ଅଭିଯାନ ଚଳାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ । ଓମାନର ସାଲାହଠାରେ ନୌସେନା ପକ୍ଷରୁ ପି ୧୮ ପୋସେଡନ ନିରୀକ୍ଷଣ ବିମାନକୁ କାର୍ଯ୍ୟରେ ଲଗାଯାଇଛି ଯାହା ନିଶା ଚୋରାଚାଲାଣକାରୀ ଏବଂ ଜଳଦସ୍ୟୁଙ୍କ ଉପରେ ନଜର ରଖିବ । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ଅଧିକ ସହଯୋଗ, ମିଳିତ ପ୍ରତିରକ୍ଷା ଉତ୍ପାଦନ ନେଇ କାର୍ଯ୍ୟାରମ୍ଭ ହେବାର ସୂଚନା ମିଳିଛି । ମଧ୍ୟପ୍ରାଚ୍ୟର ଅଧିକ ସହଯୋଗ ବୃଦ୍ଧିପାଇଁ ଭାରତର ପ୍ରୟାସକୁ ମଧ୍ୟପ୍ରାଚ୍ୟର ରାଷ୍ଟ୍ରସମୂହ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରିବ ।

**ସୌମେନ୍ଦ୍ର ଜେନା**

# ପରିବର୍ତ୍ତିତ ପ୍ରେମର ପରିଭାଷା

ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ପ୍ରେମଜନିତ ହତ୍ୟାକାଣ୍ଡ ଓଡ଼ିଶାରେ ବଢି ବଢି ଚାଲିଛି । ୨୦୧୮ ମସିହାରେ ଆମ ରାଜ୍ୟରେ ୩୮ଟି ପ୍ରେମଜନିତ ହତ୍ୟାକାଣ୍ଡ ଘଟିଛି । ୨୦୧୯ରେ ଏହି ସଂଖ୍ୟା ୫୨ରେ ପହଞ୍ଚିଥିବା ବେଳେ ୨୦୨୦ରେ ପ୍ରେମଜନିତ ମୃତ୍ୟୁ ସଂଖ୍ୟା ୫୯ ରେ ପହଞ୍ଚିଛି । ଏହା ପଛରେ ଅନେକ କାରଣ ଥାଇପାରେ କିନ୍ତୁ କେହି କେହି ପ୍ରେମରେ ବିଫଳ ହେଲେ, ଭୁଲ ବୁଝାମଣା, ପ୍ରତିଶୋଧ ପରାୟଣ ଓ ମାନସିକ ଭାରସ୍ୟାମ ହରାଇ ଏପ୍ରକାର କାର୍ଯ୍ୟ କରିଥାନ୍ତି । ପରିବର୍ତ୍ତିତ ଅବସ୍ଥାରେ ପ୍ରେମ ଓ ତା'ର ପରିଭାଷା ହଜି ହଜି ଯାଉଛି । ଆମ ସମାଜରେ ପ୍ରେମଜନିତ ଯାହା ଯାହା ସବୁ ଘଟୁଛି ସେଥିରୁ ଜଣା ପଡିଯାଉଛି ଯେ ଆଜିକାଲିକା ପ୍ରେମର ସଂଜ୍ଞା କ'ଣ ? ଏହାର ଉଦ୍ଦେଶ୍ୟ କ'ଣ ? ଆଧୁନିକ ଯୁଗରେ ପ୍ରେମ ଅଳ୍ପ ସମୟର ଦେଖାସାକ୍ଷାତ କିମ୍ବା ବିନା ଦେଖା ସାକ୍ଷାତରେ ମଧ ହୋଇଯାଉଛି । ଏମିତି ମଧ ଦେଖିବାକୁ ମିଳେ ସୋସିଆଲ ମେଡିଆ ମାଧ୍ୟମରେ ଅଥବା ମୋବାଇଲ ମିସିଡ଼ କଲରୁ ପ୍ରେମ ଗଢ଼ିଉଠୁଛି । ସବୁ କିଛି ଦେବାନେବା ଓ ଦେଖାଇ ହେବାରେ ଚାଲିଛି ପ୍ରେମ । ମନର ଆକାଂକ୍ଷାକୁ ପୁରା କରିବା ପାଇଁ ଅନେକ ପ୍ରେମ କରୁଛନ୍ତି ଯେଉଁଥିରେ ଟିକେ ମାତ୍ର ତ୍ୟାଗ ନାହିଁ ଯାହାକି ମିଛ, ପ୍ରତାରଣା ଏବଂ ଧୋକାରେ ପରିଣତ ହେଉଛି । ଜଣେ ଅନ୍ୟକୁ ଭଲ ଭାବରେ ଜାଣିବା ଓ ବୁଝିବା ଆଗରୁ ବିବାହ ପାଇଁ ଚିନ୍ତା କରୁଛନ୍ତି । ପସନ୍ଦର ବ୍ୟକ୍ତିଙ୍କୁ ଭଲ ପାଇବା ପୂର୍ବରୁ ନିଜକୁ, ପରିବାରକୁ ଓ ନିଜର ସ୍ଥିତି ଉପରେ ଭଲ ଭାବରେ ନଜର ଦେଉନାହାନ୍ତି । ଯେଉଁ ପରିବାରରେ ସେମାନେ ଛୋଟରୁ ବଡ଼ ହୋଇଛନ୍ତି ସେହି ସଂପର୍କକୁ ଖୁବ ଅଳ୍ପ ଦିନ ମଧ୍ୟରେ ପାଦରେ ଏଡେଇ ଦେଉଛନ୍ତି । କେହି କେହି ପ୍ରେମରେ ଅସଫଳ ହେଲେ କିମ୍ବା ସ୍ୱାର୍ଥ ପୂରଣରେ ବାଧା ସୃଷ୍ଟି ହେଲେ, ସେମାନେ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଅପବିତ୍ର କରି ଦେଉଛନ୍ତି । ନିଜେ ଯାହା ଯାହା ସବୁ ଖରାପ କାର୍ଯ୍ୟ କରୁଛନ୍ତି ତାକୁ ସୋସିଆଲ ମେଡିଆ ମାଧ୍ୟମରେ ପ୍ରସାରଣ କରି ସମସ୍ତଙ୍କୁ ଦେଖାଉଛନ୍ତି । ଏହାଦ୍ୱାରା ସେମାନେ କଳୁଷିତ ହେବା ସହିତ ଏହାର ଖରାପ ପ୍ରଭାବ ସମାଜ ଉପରେ ପଡୁଛି । ତେଣୁ ଅଭିଭାବକମାନେ ପିଲାଙ୍କ ସହିତ ବନ୍ଧୁ ଭଳି ବ୍ୟବହାର କରିବା ସହିତ ସେମାନଙ୍କର ମାନସିକ ସ୍ଥିତିକୁ ବୁଝିବା ଆବଶ୍ୟକ । ପିଲାମାନେ ଯେଉଁଳି ଅବାଟକୁ ନଯିବେ ସେଥିଲାଗି ଅଭିଭାବକ ଦୃଷ୍ଟି ଦେବା ଉଚିତ । ସମୟକ୍ରମେ ପ୍ରେମ ଏମିତି ହେଲାଣି ଯେ ଯଦି ପ୍ରେମୀଯୁଗଳ ମଧ୍ୟରେ କିଛି ମନୋମାଳିନ୍ୟ କିମ୍ବା ବିଶୃଙ୍ଖଳା ହେଉଛି ତାହା ନିମିଷକେ ମଧ୍ୟରେ ଦାଣ୍ଡରେ ପଡି ହାଟରେ ଗଡୁଛି । ନା ସେମାନଙ୍କର ସହିବାର ଶକ୍ତି ଅଛି ନା ବୁଝିବାକୁ ଜ୍ଞାନ ଅଛି । ଯେମିତି ଲାଗେ ସେମାନେ ଗୋଟେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ବହୁ ମାତ୍ରାରେ ଚେଷ୍ଟା କରିଥାନ୍ତି ଜଣେ ଅନ୍ୟ ଜଣକର ଦୋଷ ଦୁର୍ଗୁଣକୁ ସମାଜ ସମ୍ମୁଖରେ ପ୍ରମାଣିତ କରିବା ପାଇଁ । ସେମାନଙ୍କର ବିଶୃଙ୍ଖଳା ଏତେ ମାତ୍ରାରେ ଉଗ୍ରରୂପ ନେଉଛି ଯେ ପାରିବାରିକ ଜୀବନ ଧ୍ୱଂସ ହୋଇଯାଉଛି । ସର୍ବ ସମ୍ମୁଖରେ ପାରିବାରିକ ବିଶୃଙ୍ଖଳା ଓ ବ୍ୟକ୍ତିଗତ ମାମଲାକୁ ପ୍ରଦର୍ଶିତ କରିବା ଦ୍ୱାରା ସେମାନଙ୍କର ସମ୍ମାନ ହାନି ହେବା ସହିତ ଲୋକମାନଙ୍କର ଜୀବନ ଏବଂ ମାନସିକତା ଉପରେ ଏହାର ଖରାପ ପ୍ରଭାବ ପଡୁଛି । ପ୍ରେମ କରି ଅନେକ ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି । ବିଶ୍ୱାସ କରାଯାଏ ବିବାହ ପରେ ସ୍ୱାମୀ ଆଉ ସ୍ତ୍ରୀ ୭ ଜନ୍ମ ପାଇଁ ଏକ ସୂତ୍ରରେ ବାନ୍ଧି ହୋଇଥାନ୍ତି କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ଗୋଟିଏ ଜନ୍ମ ପାଇଁ ବି ସେମାନେ ସାଥିରେ ରହିବା ସମ୍ଭବ ହୋଇପାରୁନି । ଏଥିପାଇଁ ଭିନ୍ନ ଭିନ୍ନ କାରଣ ମାନ ଥାଇପାରେ ଯେମିତିକି ପରସ୍ପର ଠାରୁ ଅଧିକ ଆଶା କରିବା, ଆର୍ଥିକ ସମସ୍ୟା, ପରସ୍ପରକୁ ସମୟ ଦେଇ ନପାରିବା ଓ ଭୁଲ ବୁଝାମଣା ଦ୍ୱାରା ସେମାନଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥାଏ । ଅଧିକାଂଶ ସମୟରେ ଛୋଟ ଛୋଟ କଥା ପାଇଁ ମଧ ପ୍ରେମ ବିବାହ ଟି ବିଚ୍ଛେଦରେ ପରିଣତ ହୋଇଯାଉଛି । ଯଦି କିଛି ମତାନ୍ତର ଓ ମନାନ୍ତର ଅଛି ତାହାକୁ ନିଜ ନିଜ ଭିତରେ ସମାଧାନ କରିବା ପାଇଁ ଉପାୟ ବାହାର କରିବା ବୁଦ୍ଧିମାନର ପରିଚୟ ଅଟେ । କିନ୍ତୁ ପ୍ରକୃତ ପ୍ରେମ ହିଁ ସଂପର୍କକୁ ମଜବୁତ କରିଥାଏ । ଯେତେ ପ୍ରକାର ବାଧା ଆସିଲେ ମଧ ପ୍ରେମ ହିଁ ସେମାନଙ୍କ ମଧ୍ୟରେ ବିଶ୍ୱାସ ହୋଇ ଠିଆ ହୁଏ ଆଉ ଶକ୍ତି ଯୋଗାଏ । ପ୍ରେମ ହେଉଛି ଚିରନ୍ତନ ସତ୍ୟ, ଶାଶ୍ୱତ, ପବିତ୍ର, ସ୍ନେହ ଓ ସଂଯୋଗ । ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, କ୍ଷମା, ସ୍ନେହ, ପ୍ରଣୟ ଇତ୍ୟାଦି ପ୍ରେମର ଗୋଟିଏ ଗୋଟିଏ ରୂପ ଅଟେ । ପ୍ରକୃତ ପ୍ରେମୀ ପରସ୍ପର ପ୍ରତି ଯତ୍ନବାନ ଥାଅନ୍ତି ଓ ପରସ୍ପରକୁ ଇଜ୍ଜତ ଦେଇଥାନ୍ତି । ଭବିଷ୍ୟତ ଯୋଜନାରେ ଉଭୟଙ୍କ ସହଯୋଗ ଥାଏ କାରଣ ସେମାନେ ଜୀବନ ସାରା ଜୀବନ ସାଥି ହୋଇ ରହିବେ । ଯେଉଁ କାମ କରିବାକୁ ଇଚ୍ଛା ନଥାଏ ତାହା କରିବାକୁ କେହି କାହାକୁ ବାଧ କରିନଥାନ୍ତି ଓ ସେମାନେ ପରସ୍ପରକୁ ବିଶ୍ୱାସ କରିଥାନ୍ତି । ଯେଉଁଠାରେ ପ୍ରେମ, ସେହିଠାରେ ଜ୍ଞାନ ଓ କର୍ତ୍ତବ୍ୟ ନିଷ୍ଠା । ଯେଉଁଠାରେ ଏହାର ବିପରୀତ ଭାବ ଅଛି ସେଠାରେ ପ୍ରକୃତ ପ୍ରେମ ହିଁ ନାହିଁ । କିଛି ଅର୍ଥ ଶୂନ୍ୟ କଥା ଅଛି ଯେମିତିକି ଅଗ୍ନିର ଉତ୍ତାପ ନାହିଁ; ସୂର୍ଯ୍ୟ ଅଛି କିନ୍ତୁ ଆଲୋକ ନାହିଁ, ସେପରି ଅର୍ଥଶୂନ୍ୟ ସେମାନଙ୍କର ପ୍ରେମ କାହାଣୀ । ପ୍ରେମ କରୁଛନ୍ତି ହେଲେ ଭଲ ପାଇବା ନାହିଁ କି ବିଶ୍ୱାସ ନାହିଁ । ପ୍ରେମ ପାଇବା ପାଇଁ ଭଲ ପାଇବା ଦରକାର, ମନକୁ ଜିଣିବା ଦରକାର । ଏହା କୌଣସି ବସ୍ତୁ କିମ୍ବା ଜାଗା କିମ୍ବା ଟଙ୍କା ନୁହେଁ ଯାହାକୁ ବଳପୂର୍ବକ ନିଜର କରି ହେବ । ଲୋକ ଦେଖାଣିଆ ଓ ସ୍ୱାର୍ଥ ଉଦ୍ଦେଶ୍ୟରେ କେବଳ ମୁଁ ଭଲ ପାଏ କହିଦେଲେ ଯଥେଷ୍ଟ ହେବ ନାହିଁ । ଆମର ଭଲ ପାଇବା ଆମର କ୍ରିୟା ଦ୍ୱାରା ପ୍ରକଟ ହେବା ଆବଶ୍ୟକ । ଯାହାକୁ ଆମେ ଭଲ ପାଇବା ତା'ପ୍ରତି ସର୍ବଦା ଏକ ସମ୍ବେଦନଶୀଳ ହୃଦୟ ରହିବା ଦରକାର ।

**ଗଣେଶ ଚନ୍ଦ୍ର କୁଣ୍ଡ**

# ଭୂତଙ୍କ ସହର ଧନୁଷ୍କୋଡି

କିଛିଦିନ ତଳର କଥା ନୁହେଁ । ୧୯୬୪ ଶେଷ ବେଳକୁ ଦକ୍ଷିଣ ଭାରତର ପ୍ରସିଦ୍ଧ ତୀର୍ଥ ସହର ରାମେଶ୍ୱରମ୍ ଠାରୁ ମାତ୍ର ୧୫ /୧୬ କିଲୋମିଟର ଦୂରରେ ରହିଥିଲା ରାମାୟଣର ପ୍ରସିଦ୍ଧ ଧନୁଷ୍କୋଡି ବନ୍ଦର । ସେ ସମୟରେ ଏହା ଭାରତର ସର୍ବବୃହତ୍ ସାମୁଦ୍ରିକ ମାଛ ବ୍ୟବସାୟର କେନ୍ଦ୍ର ଥିବାବେଳେ ଅନ୍ୟାନ୍ୟ ବାଣିଜ୍ୟ ବ୍ୟବସାୟର ପେଣ୍ଠ ସହର ଥିଲା । ମାଡ୍ରାସ ଠାରୁ ରାମେଶ୍ୱରମ୍ ବାଟ ଦେଇ ଏଠାକୁ ଦୈନିକ ପାସେଞ୍ଜର ଟ୍ରେନ ଚଳାଚଳ କରୁଥିଲା । ଧନୁଷ୍କୋଡିରେ ରେଲଷ୍ଟେସନ, ଷ୍ଟେସନ ମାଷ୍ଟରଙ୍କ ଅଫିସ, କ୍ୱାଟର୍ସ, କଷ୍ଟମ୍ସ୍ ଅଫିସ, ପୋଷ୍ଟ ଓ ଟେଲିଗ୍ରାଫ ଅଫିସ, ୨ଟି ମେଡିକାଲ, ଗୋଟିଏ ରେଳବାଇ ହାସପାତାଳ, ପଂଚାୟତ ୟୁନିଅନ ଔଷଧାଳୟ, ଗୋଟିଏ ଉଚ୍ଚତର ଏଲିମେଂଟାରିଷ୍ଟ ସ୍କୁଲ, ହୋଟେଲ, ଟେକ୍ସଟାଇଲ ସପ, ଧର୍ମଶାଳା, ପୋର୍ଟ ଅଫିସ ଓ ଗୋଟିଏ ବଡ ଚର୍ଚ୍ଚ ସହିତ ଏକ ସମୃଦ୍ଧ ଜନବସତି ଥିଲା । ଏହି ଅଂଚଳବାସୀଙ୍କର ମୁଖ୍ୟ ଏବଂ କୌଳିକ ବ୍ୟବସାୟ ଥିଲା ମାଛ । ଏହା ସହିତ ସମୁଦ୍ରରୁ ପ୍ରଚୁର ପରିମାଣରେ ମିଳୁଥିବା ଶଙ୍ଖ, ସିପ , ମାଳି , ବଡ ବଡ କଉଡି, ସାଜସଜ୍ଜା ପାଇଁ ସମୁଦ୍ରଜାତ ପଦାର୍ଥରେ ନିର୍ମିତ ସୁନ୍ଦର ସୁନ୍ଦର ସାମଗ୍ରୀ ଓ ମୂଲ୍ୟବାନ ପଥର ଆଦି ଏଠାରୁ ଦେଶ ବିଦେଶକୁ ରପ୍ତାନୀ କରାଯାଉଥିଲା । ହିନ୍ଦୁ ତୀର୍ଥଯାତ୍ରୀମାନେ ବନାରସ /କାଶୀ ଦର୍ଶନ ପରେ ପାକ୍‌ପ୍ରଣାଳୀରେ ସ୍ନାନ ନ କଲେ ପୁଣ୍ୟ ମିଳେନାହିଁ ବୋଲି ବିଶ୍ୱାସ ରଖି ଧନୁଷ୍କୋଡି ସମୁଦ୍ରରେ ବୁଡ ପକାଇବା ପାଇଁ ଏଠାକୁ ଆସୁଥିଲେ । ୧୯୬୪ ପର୍ଯ୍ୟନ୍ତ ସବୁକିଛି ସ୍ୱାଭାବିକ ଥିଲା । ମାତ୍ର ସେଦିନର ଭୟାବହ ମହାବାତ୍ୟାରେ ସବୁକିଛି ଧ୍ୱଂସ ହୋଇଗଲା । ମାନଚିତ୍ର ବଦଳି ଯିବା ସହିତ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି କ୍ଷୁଦ୍ର ଅଥଚ ସମୃଦ୍ଧ ସହର ଧନୁଷ୍କୋଡି ପୃଥିବୀପୃଷ୍ଠରୁ ଲୋପ ପାଇଗଲା । ଡିସେମ୍ବର ୨୨ ତାରିଖ ମଧ୍ୟରାତ୍ରିରେ ପମ୍ବନ ଦ୍ୱୀପର ଦକ୍ଷିଣପୂର୍ବ ଭାରତ ମହାସାଗରର ଶୀର୍ଷାଞ୍ଚଳରେ ସୃଷ୍ଟି ହୋଇଥିବା ମହାବାତ୍ୟା ଉକ୍ତଦିନ ରାମେଶ୍ୱରମ ଠାରେ ଭୂପୃଷ୍ଠ ସ୍ପର୍ଶ କରି ମାତ୍ର କେଇଘଣ୍ଟା ଭିତରେ ସବୁକିଛି ଧ୍ୱଂସ କରିଦେଲା । ତାମିଲନାଡୁ ସରକାରଙ୍କ ତରଫରୁ ଆଗତ ବାତ୍ୟା ସଂବନ୍ଧରେ ପୂର୍ବରୁ ସୂଚନା ଦିଆଯାଇ ଥିଲେ ହେଁ ୨୨ତାରିଖ ଦିନ ୬ ଡବା ବିଶିଷ୍ଟ ପମ୍ବନ ଧନୁଷ୍କୋଡି ଡେଲି ପାସେଞ୍ଜର ଟ୍ରେନ ନଂ ୬୫୩ ରାତି ପ୍ରାୟ ଏଗାରଟା ବେଳେ ସିଗନାଲ ନ ମିଳିବା କାରଣରୁ ଧନୁଷ୍କୋଡି ଷ୍ଟେସନର ଆଉଟର ସିଗନାଲ ପାଖରେ ପହଂଚି ଅଟକି ଯାଇଥିଲା । ରେଳରେ ଥିବା ଗାର୍ଡ କିମ୍ବା ଡ୍ରାଇଭର ଆଗତ ବାତ୍ୟା ସଂବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ସିଗନାଲ ଖରାପ ହୋଇ ଯାଇଥିବ ଭାବି ପ୍ରାୟ ୧ ଘଣ୍ଟା ଅପେକ୍ଷା କଲା ପରେ ଟ୍ରେନ ଡ୍ରାଇଭର ରିସ୍କ ନେଲେ । ସେତେବେଳେ ଷ୍ଟେସନର ଅପର ପାର୍ଶ୍ୱରେ ରେଳରେ ଥିବା ଯାତ୍ରୀମାନଙ୍କୁ ଶ୍ରୀଲଙ୍କା ନେଇଯିବା ପାଇଁ ଗୋଟିଏ ଷ୍ଟିମର ଅପେକ୍ଷା କରି ରହିଥିଲା । ଟ୍ରେନଟି ଆଉଟର ସିଗନାଲ ଛାଡି ଆଗେଇ ଯିବା ମାତ୍ରେ ଭୟଙ୍କର ତୋଫାନ ମାଡି ଆସିଲା । ରାତି୧୧ଟା ୫୫ ମିନିଟରେ ମାତ୍ର ୩ ମିନିଟ ମଧ୍ୟରେ ଦେଖୁ ଦେଖୁ ଘଣ୍ଟାପ୍ରତି ୨୮୦ କିଲୋ ମିଟରରୁ ଅଧିକ ବେଗରେ ପବନ ବୋହିବା ସହିତ ପ୍ରାୟ ୨୩ ଫୁଟ ଉଚ୍ଚରେ ସମୁଦ୍ର ଲହଡି ମାଡି ଆସି ରେଳ ଷ୍ଟେସନ ସମେତ ସେହି ଟ୍ରେନ ଓ ସମଗ୍ର ଧନୁଷ୍କୋଡି ସହର ସମୁଦ୍ର ଗର୍ଭରେ ଲୀନ ହୋଇଗଲା । ମୃତକଙ୍କ ମଧ୍ୟରେ ଟ୍ରେନରେ ଥିବା ଲୋକୋ ଡ୍ରାଇଭର ଗାର୍ଡ ଓ ଅନ୍ୟ କର୍ମଚାରୀଙ୍କ ସମେତ ମୋଟ ୨୦୦ ଜଣ ଯାତ୍ରୀ ଥିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଉକ୍ତ ଦିନ ଠିକ୍ ସେହି ସମୟରେ ରାମେଶ୍ୱରମ୍ ମନ୍ଦିର ଭିତରେ ଆଶ୍ରୟ ନେଇ ବାତ୍ୟା କବଳରୁ ରକ୍ଷା ପାଇଯାଇଥିଲେ । ସେତେବେଳର ସରକାରୀ ହିସାବ ଅନୁଯାୟୀ ବାତ୍ୟାରେ ମୋଟ ମୃତକଙ୍କ ସଂଖ୍ୟା ୧୮୦୦ ଏବଂ ଧନ ସଂପତି କ୍ଷୟ କ୍ଷତିର ପରିମାଣ ପ୍ରାୟ ୧୫୦ ମିଲିଅନ ଆମେରିକାନ ଡଲାର ଥିଲା । ବାତ୍ୟାର ୫ ଦିନ ପର୍ଯ୍ୟନ୍ତ ନିକଟବର୍ତ୍ତୀ ଅଂଚଳରେ ଶହ ଶହ ପୋଟା ଶଢା ଶବ ସମୁଦ୍ରରେ ଭାସୁଥିଲା ଯାହାକି ହିସାବକୁ ନିଆଯାଇ ନ ଥିଲା । ସହରର ଧ୍ୱଂସାବଶେଷ ସମେତ ଭାଙ୍ଗି ମୋଡି ହୋଇଯାଇଥିବା ରେଲଲାଇନ, ରେଳ ଷ୍ଟେସନ ଇତ୍ୟାଦିର କିଛିଅଂଶ ଏବେ ମଧ୍ୟ ସେଠାରେ ଦୃଶ୍ୟମାନ । ରାମାୟଣର ପ୍ରସିଦ୍ଧ ଧନୁଷ୍କୋଡି ମାତ୍ର କେତେଘଣ୍ଟା ଭିତରେ ଭାରତର ମାନଚିତ୍ର ପୃଷ୍ଠାରୁ ଲିଭିଗଲା । ଅନ୍ୟତମ ଦର୍ଶନୀୟ ରେଲପୋଲ ସମୁଦ୍ର ଉପରେ ଥିବା ପମ୍ବନ ରେଲବ୍ରିଜ ମଧ୍ୟ ଆଂଶିକ ନଷ୍ଟ ହୋଇ ଯାଇଥିଲା । ସେତେବେଳେ ବାତ୍ୟାର ବିସ୍ତାରିତ କ୍ଷେତ୍ର ଥିଲା ୯୬୫ କି.ମି ଏବଂ ପମ୍ବନ ଦ୍ୱୀପର ୧୬ କି.ମି.ବ୍ୟାପି ଅଂଚଳରେ ଝଡର ଆଖିରହିଥିଲା, ଯାହାକି ୨୦୧୯ ମାର୍ଚ୍ଚ ମାସରେ ପୁରୀରେ ହୋଇଥିବା ସୁପର ସାଇକ୍ଲୋନ ଫନୀ ଠାରୁ ଅଧିକ ଭୟଙ୍କର ଥିଲଲା । ସିଂହଳର ଜାଫନା ଜିଲାରେ ୫୦୦୦ଘର ଭାଙ୍ଗି ଯାଇଥିଲା ଏବଂ ୭୦୦ ମାଛଧରା ଡଙ୍ଗା ନିଖୋଜ ହୋଇ ଯାଇଥିଲା । ବାତ୍ୟାପରେ ପରେ ଧନୁଷ୍କୋଡିରେ ରହି ୪ ଜଣ ରେଡିଓ ଅପରେଟର ଝଡର ସେଇ ଘନଘଟା ଭିତରେ ଜୀବନକୁ ବାଜି ଲଗାଇ ପ୍ରତ୍ୟେକ ଦିନ କ୍ରମାଗତ ଭାବେ ପରିସ୍ଥିତିର ରିପୋଟିଂ କରିବା ଫଳରେ ସୁପର ସାଇକ୍ଲୋନର ବାର୍ତ୍ତାଶୁଣି ସାରା ବିଶ୍ୱ ସ୍ତବ୍ଧ ହୋଇଯାଇ ଥିଲା । ଫଳତଃ ବାତ୍ୟାର ମାତ୍ର ୪/୫ ଦିନ ଭିତରେ ଦେଶ ବିଦେଶରୁ ସରକାରୀ ବେସରକାରୀ ସାହାଯ୍ୟ ଆସି ପହଂଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା ପାଇ ଯାଇଥିଲା । ସେତେବେଳେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଧନଷ୍କୋଡି ସହରର ପୁନଃରୁଦ୍ଧାର ପାଇଁ କୌଣସି ଉଦ୍ୟମ କରା ନ ଯାଇ ଏହାକୁ ଅତି ତରବରିଆ ଭାବେ ଘୋଷ୍ଟ ଟାଉନ ବା ଭୂତଙ୍କ ସହର ଘୋଷଣା ସହିତ ଅଂଚଳରେ ସଂଧ୍ୟା ପରେ ଯାତାୟାତ ସଂପୂର୍ଣ୍ଣ ନିଷେଧ କରି ନିଜ ଦାୟିତ୍ୱ ସାରି ଦେଇ ଥିଲେ । ବିଶ୍ୱରେ ପ୍ରଥମ ଥର ପାଇଁ ଭୂତଙ୍କ ସ୍ଥିତିକୁ ତାମିଲନାଡୁ ସରକାର ସ୍ୱୀକୃତି ଦେଇଥିଲେ । ଏବେ ମଧ୍ୟ ସେ ସ୍ଥାନରେ ସହରର ଭଗ୍ନାବଶେଷ ଦେଖିବାକୁ ମିଳେ । ପ୍ରାନ୍ତରରେ ୫୦୦ ମତ୍ସ୍ୟଜୀବୀ ପରିବାର ସରକାରଙ୍କ ଅନୁମତି କ୍ରମେ କୁଡିଆ ଘର ତିଆର କରି ରହୁଛନ୍ତି । ସେମାନଙ୍କୁ ପ୍ରତିବର୍ଷ ଦୁଇଥର ସବୁଦିନିଆ ସାମୁଦ୍ରିକ ଝଡ ପବନ ଦ୍ୱାରାକ୍ଷତିଗ୍ରସ୍ତ ଘରର ପୁନଃନିର୍ମାଣ କରିବାକୁ ପଡୁଛି । ପ୍ରତି ଥରର ଖର୍ଚ୍ଚ ପ୍ରାୟ ୧୦ ହଜାର ଟଙ୍କା । ଏଭଳି ଅବସ୍ଥାରେ କେନ୍ଦ୍ରର ବିଜେପି ସରକାର ଆଗେଇ ଆସି ବାସଚ୍ୟୁତ ଏହି ପରିବାରର ଥଇଥାନ ସମେତ ରାମେଶ୍ୱରମ୍ ଓ ଧନୁଷ୍କୋଡି ସହରର ବିକାଶ, ଆର୍ଥିକ ତଥା ସାମାଜିକ ଉନ୍ନତି ପାଇଁ ଅନେକ ଗୁଡିଏ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନଙ୍କର ଆଗମନ ପାଇଁ ଏକ ନୂଆଜାତୀୟ ରାଜପଥର ବିକାଶ ସହିତ ପମ୍ବନ ଠାରେ ସମୁଦ୍ର ଉପରେ ଏକ ନୂଆ ବ୍ରୀଜ ନିମାଣ କରାଯାଇଛି । ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ପମ୍ବନ ରେଲପୋଲର ନିର୍ମାଣ ଶହେ ବର୍ଷ ପର୍ଣ୍ଣ ହୋଇଯାଇଥିବାରୁ ଭାରତ ସରକାରଙ୍କ ତରଫରୁ ଏକ ନୂଆ ରେଲ ପୋଲର ନିର୍ମାଣ ଆରମ୍ଭ ହେଇଯାଇଛି ଯାହାକି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହୋଇଯିବାର ଆଶା କରାଯାଉଛି । କେବଳ ସେତିକି ନୁହେ, ଭାଙ୍ଗିଯାଇଥିବା ୧୭ କି.ମି. ଲମ୍ବର ମଣ୍ଡପମ-ଧନୁଷ୍କୋଡି ରେଲଲାଇନ ମଧ୍ୟ ପୁନଃ ନିର୍ମାଣ କରାଯିବା ନିମନ୍ତେ ସ୍ଥିର କରା ଯାଇଛି । ନିକଟରେ ରାମେଶ୍ୱରମ୍ ମନ୍ଦିର ଠାରୁ ଧନୁଷ୍କୋଡି ପର୍ଯ୍ୟନ୍ତ ଥିବା କଚ୍ଚା ରାସ୍ତା ସ୍ଥାନରେ ଜାତୀୟ ରାଜପଥ ପକ୍ଷରୁ ନୂଆବନ୍ଧ ଓ ପ୍ରଶସ୍ତ ରାସ୍ତା ତିଆର କରା ଯାଇଥିବାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ସିଧାସଳଖ ଧନୁଷ୍କୋଡିରେ ଥିବା ଶ୍ରୀରାମ ସେତୁର ଅତି ନିକଟରେ ପହଁଚି ପାରୁଛନ୍ତି । ସେଠାରୁ ଦୃଶ୍ୟମାନ ଶ୍ରୀରାମ ସେତୁ ତଥା ପୁରାତନ ଜନବସତିର ଭଗ୍ନାବଶେଷ ଦର୍ଶନ ପାଇଁ ପ୍ରତିଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିବା ଆରମ୍ଭ ହୋଇଯାଇଛି । ଏହାଛଡା ରାମେଶ୍ୱରମ୍ ସହରର କେନ୍ଦ୍ର ସ୍ଥଳରେ ଭାରତ ସରକାରଙ୍କ ପକ୍ଷରୁ ୨୦୧୫ ମସିହାରେ ପୂର୍ବତନ ରାଷ୍ଟ୍ରପତିଙ୍କ ସ୍ମୃତିରେ ଅତୀବ ଆକର୍ଷଣୀୟ ନୂତନ ଏପିଜେ ଅବଦୁଲ କାଲାମ ମ୍ୟୁଜିୟମର ଉଦଘାଟନ ପରେ ରାମେଶ୍ୱରମର ମର୍ଯ୍ୟାଦା ଓ ମହତ୍ତ୍ୱ ଅଧିକ ବୃଦ୍ଧି ପାଇଛି । କୁହାଯାଏ ଲଙ୍କା ବିଜୟ ପରେ ବିଭୀଷଣ ଶ୍ରୀରାମଙ୍କୁ ବିଦାୟ ଦେବା ପାଇଁ ଏହି ସ୍ଥାନକୁ ଆସିଥିବା ବେଳେ ତାଙ୍କ ଦେଶର ଭବିଷ୍ୟତ ସାମରୀକ ନିରାପତ୍ତା ପାଇଁ ସେତୁବନ୍ଧ ଭାଙ୍ଗିଦେବାକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ ରକ୍ଷା କରି ଶ୍ରୀରାମ ନିଜର ଧନୁଶରରେ ଏହାକୁ ଭାଙ୍ଗି ଦେଇଥିଲେ । ତାମିଲ ଭାଷାରେ ଧନୁଷ୍କୋଡିର ଅର୍ଥ -ଧନୁର ଶେଷଭାଗ ବା ହୁଳ । ପ୍ରଭୁ ଶ୍ରୀରାମ ଏହିସ୍ଥାନରେ ନିଜର ଧନୁରେ ଚିହ୍ନଦେଇ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏବେ ଧନୁଷ୍କୋଡି ପର୍ଯ୍ୟଟକ ଓ ଗବେଷକମାନଙ୍କର ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି ।

**ପ୍ରସନ୍ନ କୁମାର ମିଶ୍ର**



# ଦୁବାଇରେ ବିଶ୍ୱର ଗଭୀରତମ ପୁଲ୍

ଦୁବାଇ ନିର୍ମାଣ କରିଛି ବିଶ୍ୱର ସବୁଠୁ ଗଭୀର ସ୍ୱିମିଂ ପୁଲ୍। ନାଦ୍ ଅଲ୍ ଶେବା କ୍ଷେତ୍ରରେ ଏହା ଅବସ୍ଥିତ। ନାଁ ଡିପ୍ ଡାଇଭ୍ ଦୁବାଇ। ଦୁବାଇର କ୍ରାଉନ୍ ପ୍ରିନ୍ସ ହମିଦ୍ ବିନ ମହମ୍ମଦ ଏହି ଗଭୀରତମ ପୁଲ୍ ଉନ୍ମୋଚନ କରିଛନ୍ତି। ଏହାର ଏକ ଭିଡିଓ ସେ ଟ୍ୱିଟରରେ ଶେୟାର କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ବିଶ୍ୱର ଗଭୀରତମ ପୁଲ୍ ଡିପ୍ ଡାଇଭ୍ ଦୁବାଇର ସମଗ୍ର ବିଶ୍ୱକୁ ଅପେକ୍ଷା। ଦୁବାଇ ସରକାରଙ୍କ ୱେବ୍‌ସାଇଟ୍ ଷ୍ଟେଟ୍‌ରେ ଏନେଇ ଏକ ପ୍ରେସ୍ ଇସ୍ତାହାର ଉପଲବ୍ଧ ହେଉଛି। ପୁଲ୍‌ର ଗଭୀର ୬୦.୦୨ ମିଟର। ୧ କୋଟି ୪୦ ଲକ୍ଷ ଲିଟର ଜଳଧାରଣ କରିବାର କ୍ଷମତା ଏହାର ରହିଛି। ଯାହା ଅଲିମ୍ପିକ୍ ଆକାରବିଶିଷ୍ଟ ୬ ସ୍ୱିମିଂ ସହ ସମାନ। ଜୁଲାଇ ଶେଷ ବେଳକୁ ଡିପ୍ ଡାଇଭ୍ ଦୁବାଇର ବୁକିଂ ଏହାର ୱେବ୍‌ସାଇଟ୍ ଜରିଆରେ ସର୍ବସାଧାରଣଙ୍କ ପାଇଁ ଆରମ୍ଭ ହେବାର ଯୋଜନା ହୋଇଛି। ୧୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନେ ପୁଲ୍‌ର ମଜା ନେଇପାରିବେ। ଆଥ୍‌ଲେଟଙ୍କ ପାଇଁ ଏହା ଉପଯୁକ୍ତ ସ୍ଥଳୀ ହେବ। ଜଳମଗ୍ନ ସହର ଏହି ପୁଲ୍‌ର ବିଶେଷତ୍ୱ ଏବଂ ପର୍ଯ୍ୟଟକ ଓ ବୁଡାଳିଙ୍କ ମୁଖ୍ୟ ଆକର୍ଷଣ। ଏଥିରେ ଏକ ଆପାର୍ଟମେଂଟ୍, ଗ୍ୟାରେଜ୍ ଏବଂ ଆର୍କେଡ୍ ରହିଛି। ପୁଲ୍ ଭିତରେ ୫୬ କ୍ୟାମେରା ଲାଗିଛି, ଯାହା ସବୁ ଦିଗରୁ ପୁଲ୍ ଉପରେ ନଜର ରଖିବ। ପୁଲ୍‌ରେ ବୁଡ଼ିବାର ଅନୁଭବକୁ ଆହୁରି ସୁନ୍ଦର କରିବା ଲାଗି ମ୍ୟୁଜିକ୍ ଓ ଚିତବିନୋଦନକାରୀ ଲାଇଟ୍ ସିଷ୍ଟମ୍ ରହିଛି। ପୁଲ୍‌ର ସତେଜ ଜଳ ସିଲିସିୟସ୍ ଭୋଲ୍‌କାନିକ୍ ଉକ୍, ନାସା ଦ୍ୱାରା ବିକଶିତ ଫିଲ୍ଟର ଟେକ୍ନୋଲୋଜି ଓ ଅତି ବାଇଗଣି ବିକିରଣ ଜରିଆରେ ପ୍ରତି ୬ ଘଂଟଶରେ ଥରେ ପରିସ୍କୃତ ଓ ପରିଚାଳିତ ହେଉଛି। ଏହା ଉକ୍ତ ଅଂଚଳର ସର୍ବବୃହତ୍ ଓ ଦ୍ରୁତତମ ପରିଷ୍କରଣ ପଦ୍ଧତି।

# ମିସ୍ କରୁଛନ୍ତି ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୂତାରିଆ ଏବେ ଫିଲ୍ମ ଏକ୍ ଭିଲେନ୍-୨ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତେବେ ଘରକୁ ସେ ବହୁତ ମିସ୍ କରୁଛନ୍ତି। ସୋସିଆଲ ମିଡିଆରେ ଶେୟାର କରିଥିବା ତାଙ୍କ ସଦ୍ୟ ପୋଷ୍ଟରୁ ଏହା ଅନୁମାନ କରାଯାଉଛି। ଘରେ ରହିବାକୁ ବୋଧହୁଏ ତାରା ବହୁତ ଭଲ ପାଆନ୍ତି। ଗତ ରବିବାର ତାରା ନିଜ ଇନ୍‌ଷ୍ଟା ଷ୍ଟୋରୀରେ ଏକ ଫଟୋ ପୋଷ୍ଟ କରିଥିଲେ। ଏଥିରେ ଏକ ସୁସଜ୍ଜିତ ଡାଇନିଙ୍ଗ ଟେବଲର ଛବି ଦେଖିବାକୁ ମିଳିଥିଲା। ଫଟୋ ସହ କ୍ୟାପସନ୍ ଲେଖିଥିଲେ ଘର, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନକୁ ମିସ୍ କରୁଛି। ଏତ୍‌ସହ ଏକ ଦୁଃଖୀ ଇମୋଜି ଶେୟାର କରିଥିଲେ। ଏକ୍ ଭିଲେନ୍-୨ ୨୦୧୪ରେ ମୁକ୍ତିପ୍ରାପ୍ତ ଫିଲ୍ମ ଏକ ଭିଲେନ୍‌ର ସିକ୍ୱେଲ୍। ଏକତା କପୁର ଓ ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି। ସିକ୍ୱେଲରେ ଜନ୍ ଆବ୍ରାହମ୍, ଦିଶା ପଟାନି ଓ ଅର୍ଜୁନ କପୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ ଫେବୃଆରୀରେ ଫିଲ୍ମଟି ମୁକ୍ତିଲାଭ କରିବ। ତାରାଙ୍କହାତରେ ମିଲନ୍ ଲୁଥ୍ରିଆଙ୍କ ନିର୍ଦ୍ଦେଶିତ ଫିଲ୍ମ ତଡପ୍ ମଧ୍ୟ ରହିଛି। ଏଇଟି ତେଲଗୁ ହିଟ୍ ଆର୍‌ଏକ୍ସ୧୦୦ର ରିମେକ୍। ଏଥିରେ ଅଭିନେତା ସୁନୀଲ ସେଟ୍ଟୀଙ୍କ ପୁଅ ଆହାନଙ୍କ ଅପୋଜିଟ୍‌ରେ ତାରା ନଜର ଆସିବେ। ଆହାନ ଏହି ଫିଲ୍ମ ଜରିଆରେ ବଲିଉଡ୍‌ରେ ଏଂଟ୍ରି କରିବାକୁ ଯାଉଛନ୍ତି। ହିରୋପନ୍ତିର ସିକ୍ୱେଲ୍‌ରେ ମଧ୍ୟ ତାରାଙ୍କୁ କାଷ୍ଟ କରାଯାଇଛି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଟାଇଗର ଶ୍ରଫ୍।


# ସାଥୀ ଖୋଜୁଛନ୍ତି ୮୫ ବର୍ଷୀୟା



୩୯ ବର୍ଷୀୟ ପ୍ରେମିକଙ୍କଠାରୁ ଅଲଗା ହେବା ପରେ ୮୫ ବର୍ଷୀୟ ଜଣେ ବୃଦ୍ଧା ସାଥୀ ଖୋଜୁଛନ୍ତି। ନ୍ୟୁୟର୍କ ବାସିନ୍ଦା ହାଟି ରିଟ୍ରୋଏଜ୍ ବମ୍ବଲରେ ଏକ ଆକାଂଉଟ୍ ଖୋଲିବାକୁ ଯୋଜନା କରୁଛନ୍ତି। ଏହା ଜରିଆରେ ସେ ନିଜ ପାଇଁ ଜଣେ ସାଥୀ ଖୋଜିବେ। ୪୮ ବର୍ଷ ବୟସରେ ହାଟିଙ୍କର ବିବାହ ବିଚ୍ଛେଦ ହୋଇଥିଲା। ତା' ପରଠୁ ସେ କେବଳ ଯୁବକଙ୍କୁ ଡେଟ୍ କରିବାକୁ ଚାହିଁଲେ। ହାଟି କହିଛନ୍ତି ମୁଁ ଏବେ କାହାକୁ ଡେଟ୍ କରୁନାହିଁ। ବମ୍ବଲରେ ଏ ବିଷୟରେ ପୋଷ୍ଟ କରିବି। ମୋର କିଛି ସାଙ୍ଗ ସେଠାରେ ପୁରୁଷଙ୍କୁ ଭେଟିଛନ୍ତି। ମୁଁ ପୁଣି ଡେଟିଂ ଆରମ୍ଭ କରିବି ଏବଂ ୮୫ ବର୍ଷ ବୟସରେ ପୁଣି ପ୍ରେମକୁ ଉପଭୋଗ କରିବି। ନିକଟରେ ଇସ୍ରାଏଲର ଜଣେ ଯୁବକ ମୋତେ ଫୋନ୍ କରି କହିଲେ ଯେ ତାଙ୍କର ମୋ ପ୍ରତି ଦୁର୍ବଳତା ଥିଲା। ପୂର୍ବରୁ ଏକ ଆପ୍‌ରେ ହାଟି ସପ୍ତାହକୁ ୩ଥର ଡେଟ୍‌ରେ ଯାଉଥିଲେ। ତେବେ ତାଙ୍କୁ ବ୍ଲକ୍ କରିଦିଆଗଲା। ସେବେଠାରୁ କୌଣସି ଡେଟିଂ ଆପ୍‌ରେ ସେ ଯୋଡ଼ି ହୋଇ ନଥିଲେ। ଥରେ ସେ ଖବରକାଗଜରେ ବିଜ୍ଞାପନ ଦେଇଥିଲେ, ଯେଉଁଥିରେ ଉଲ୍ଲେଖ କରିଥିଲେ କେବଳ ୩୫ ବର୍ଷରୁ କମ୍ ବୟସର ପୁରୁଷଙ୍କୁ ଡେଟ୍ କରିବାକୁ ଚାହୁଁଛନ୍ତି। ଏହା ପରେ ତାଙ୍କ ପାଖକୁ ଅସଂଖ୍ୟ ଅନୁରୋଧ ଆସିଲା।

# ଏଡିଟ୍ ଫଟୋ ପୋଷ୍ଟ କଲେ ଜେଲ୍

ସୋସିଆଲ ମିଡିଆରେ ଆମେ ଯେତେବେଳେ କାହାର ଫଟୋ ଦେଖୁଛୁ, ତାହା ଏଡିଟ୍ ହୋଇଛି କି ନାହିଁ, ଜାଣିବା କଷ୍ଟକର ହେଉଛି। ଏହି ପ୍ଲାଟଫର୍ମରେ ସୋସିଆଲ ମିଡିଆକୁ ପ୍ରଭାବିତ କରୁଥିବା ଅନେକ ଅଛନ୍ତି, ଯେଉଁମାନେ ନିଜ ଫଟୋକୁ ଏଡିଟ୍ ଓ ଫିଲ୍ଟର କରି ପୋଷ୍ଟ କରୁଛନ୍ତି। ଏଭଳି ଆକର୍ଷଣୀୟ ତ୍ୱଚା କିମ୍ବା ଶରୀର ଆଶାରେ ଅନେକ ଯୁବକଯୁବତୀ ଭୁଲ୍ ପଦକ୍ଷେପ ନେଉଛନ୍ତି। କିନ୍ତୁ ନରୱେରେ ଏ ନେଇ ଏକ ନୂଆ ନିୟମ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନିୟମ ଅନ୍ତର୍ଗତ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନେ ଫଟୋ ଏଡିଟ୍ ହୋଇଛି ବୋଲି ଘୋଷଣା ନ କରିବା ପର୍ଯ୍ୟନ୍ତ ସେମାନଙ୍କର ଏଡିଟ୍ କିମ୍ବା ଫିଲ୍‌ଟର ଫଟୋ ପୋଷ୍ଟ କରିପାରିବେ ନାହିଁ। ଯୁବବର୍ଗଙ୍କ ମଧ୍ୟରେ ଶରୀର ଚାପ ହ୍ରାସ ନାମକ ଏକ ପ୍ରୟାସର ଅଂଶବିଶେଷ ଏହି ନିୟମ ଲାଗୁ ହୋଇଛି। ନରୱେର ମୋସ୍ ସ୍ଥିତ ଇନ୍‌ଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସର ୨୬ ବର୍ଷୀୟା ମାଡିଲିନ୍ ପିଡରସନ୍ କହିଛନ୍ତି, ଏହା ସମୟର କଥା। ଅବାସ୍ତବ ଫଟୋ ସହ ଯୁବବର୍ଗ ନିଜକୁ ତୁଳନା କରିବା ବନ୍ଦ କରିବେ ବୋଲି ଆଶା। ଅନେକ ନିଜ ଶରୀର ଓ ମୁହଁକୁ ନେଇ ଅସୁରକ୍ଷିତ ମନେ କରନ୍ତି। ଇନ୍‌ଷ୍ଟାଗ୍ରାମ୍ ଯୋଗୁ ଅତୀତରେ ସେ ନିଜେ ନିଜ ଶରୀରରକୁ ନେଇ ସଂଘର୍ଷ କରିଥିବା କଥା କହିଛନ୍ତି। ଅନ୍ୟମାନେ ସେମାନଙ୍କ ଫଟୋ ଏଡିଟ୍ କରି ପୋଷ୍ଟ କରୁଛନ୍ତି କି ନାହିଁ ସେ ଜାଣନ୍ତି ନାହିଁ। ସମସ୍ତେ ଏ ବିଷୟରେ ଜାଣିବା ଉଚିତ୍। ତେଣୁ ଏହି ନିୟମ ବହୁତ ଜରୁରୀ ବୋଲି ସେ କହିଛନ୍ତି। ଏହି ନିୟମ ଅନୁସାରେ ସୋସିଆଲ ମିଡିଆରେ ପ୍ରଭାବଶାଳୀ ବ୍ୟକ୍ତିମାନେ ଯଦି ନିଜ ବିଜ୍ଞାପନ ପୋଷ୍ଟ ବିଷୟରେ ସ୍ପଷ୍ଟ କରିବେ ନାହିଁ ଯେ ତାହା ଏଡିଟ୍ ହୋଇଛି କି ନାହିଁ, ତେବେ ସେମାନଙ୍କୁ ତଣ୍ଡ ଗଣିବାକୁ ପଡ଼ିବ। ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ। ନରୱେ ମାର୍କେଟିଙ୍ଗ ଆକ୍ଟ ଅନ୍ତର୍ଗତ ସବୁ ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ଏହି ନିୟମ ଲାଗୁ ହୋଇଛି।



# ଇମ୍ୟୁନିଟି ବଢ଼ାଇବ ଫିଶ୍ ବିସ୍କୁଟ

ଲୁଧିଆନାର ଗୁରୁ ଅଙ୍ଗଦ ଦେବ ଭେଟେନାରୀ ଆଣ୍ଡ ଆନିମଲ ସାଇନ୍ସେସ୍ ୟୁନିଭର୍ସିଟିର କଲେଜ ଅଫ୍ ଫିଶରିଜ୍ ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବା ପାଇଁ ଫିଶ୍ ବିସ୍କୁଟ ପ୍ରସ୍ତୁତ କରିଛି। ଏଥିରେ ଥିବା ପୋଷକ ତତ୍ୱ ଇମ୍ୟୁନିଟି ବଢ଼ାଏ ଏବଂ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ମାଛ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭକର। ଏଥିରେ ଥିବା ପୋଷକ ତତ୍ୱ ଶରୀରକୁ ଅନେକ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥା,। ଉକ୍ତ ପ୍ରତିଷ୍ଠାନର ବୈଜ୍ଞାନିକ ଡା. ଅଜିତ ସିଂହ ଏହି ମାଛ ବିସ୍କୁଟ ପ୍ରସ୍ତୁତ କରିଛନ୍ତି। ଏହା ସାଧାରଣ ବିସ୍କୁଟ ତୁଳନାରେ ଖୁବ୍ ଅଧିକ ମହଙ୍ଗା। ଏହା ଔଷଧ ଭଳି କାମ କରିବ। ଅଜିତ ସିଂହଙ୍କ ଦାବି ଯେ, ରୋଗ ବିରୋଧରେ ଲଢ଼ିବାର କ୍ଷମତା ବୃଦ୍ଧି କରିବାରେ ମାଛ ବିସ୍କୁଟ ବେଶ ଉପଯୋଗୀ ହେବ। ବଜାରରେ ଉପଲବ୍ଧ ସାଧାରଣ ବିସ୍କୁଟ କାର୍ବୋହାଇଡ୍ରେଟ୍‌ଯଂୁକ୍ତ। ଏଥିରେ ୭୫ ପ୍ରତିଶତରୁ ଅଧିକ କାର୍ବୋହାଇଡ୍ରେଟ୍ ରହିଛି। ସେହିପରି ଫାଇବର ଓ ପ୍ରୋଟିନ୍ ଏଥିରେ କମ୍। ପ୍ରୋଟିନ୍ କେବଳ ୫ ପ୍ରତିଶତ ଓ ଫାଇବର ମାତ୍ର ୧ ପ୍ରତିଶତ ଥାଏ। ସେଥିପାଇଁ ଏଗୁଡିକ ସ୍ୱାସ୍ଥ୍ୟକର ନୁହେଁ ଏବଂ ପୋଷଣ ଅଭାବ ପୂରଣ କରେ ନାହିଁ। ତେବେ କାର୍ପ ମାଛର ମାଂସରୁ ପ୍ରସ୍ତୁତ ଏହି ଫିଶ୍ ବିସ୍କୁଟ ପ୍ରୋଟିନ୍ ଓ ଫାଇବର ଯୁକ୍ତ। ବିସ୍କୁଟରେ ଫାଇବର ସାମିଲ କରିବା ପାଇଁ ଅଜିତ ସିଂହ ଏଥିରେ ରାଗୀ ଓ ଓଟ୍‌ସ ପ୍ରୟୋଗ କରିଛନ୍ତି। ସାଧାରଣ ବିସ୍କୁଟଗୁଡିକର ସବୁ ଗୁଣ ଉଚ୍ଚ ପ୍ରୋଟିନ୍‌ଯୁକ୍ତ ଏହି ବିସ୍କୁଟରେ ରହିଛି।ଖାସ୍ କଥା ହେଉଛି ଆମିଷ ଗନ୍ଧ ଏଥିରେ ନାହିଁ। ତେଣୁ ପିଲାମାନେ ଏହାକୁ ଆନନ୍ଦରେ ଖାଇପାରିବେ। ମାଛ ବିସ୍କୁଟରେ କାର୍ବୋହାଇଡ୍ରେଟ୍ ମାତ୍ର ୫୦ ପ୍ରତିଶତ ଏବଂ ପ୍ରୋଟିନ୍ ୧୭ ପ୍ରତିଶତ ରହିଛି। ରାଗୀରେ ୫ ପ୍ରତିଶତରୁ ଅଧିକ ଏବଂ ଓଟ୍‌ସରେ ୨ରୁ ୩ ପ୍ରତିଶତ ଫାଇବର ଅଛି। ସେହି ଦୃଷ୍ଟିରୁ ପୋଷଣ ମାମଲାରେ ମାଛ ବିସ୍କୁଟର ଅନେକ ଫାଇଦା ରହିଛି। ଏଗୁଡିକର ବ୍ୟବହାର ସମୟ ସୀମା ୬ ମାସରୁ ଅଧିକ।



# ସମସ୍ୟା ଘେରରେ ବୁଗୁଡା ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ



ବୁଗୁଡା, ୩୦/୧୧ (ନି.ପ୍ର):ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଓ ଏନଏସିର ପଶୁ ଓ ପକ୍ଷୀଙ୍କ ଚିକିତ୍ସା ପାଇଁ ବୁଗୁଡ଼ାରେ ଅବସ୍ଥିତ ଏକମାତ୍ର ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ ବିଭିନ୍ନ ସମସ୍ୟା ଘେରରେ ପରିଚାଳିତ ହେଉଛି । ବୁଗୁଡାରେ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ ପାଇଁ ନୂତନ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ଅଳ୍ପ କିଛି କାର୍ଯ୍ୟ ହୋଇନଥିବା ଯୋଗୁଁ ତାହା ପ୍ରାୟ ଏକ ବର୍ଷ ହେଲା କାର୍ଯ୍ୟ ନହୋଇ ବିଭାଗକୁ ହସ୍ତାନ୍ତର ହେଉନାହିଁ । ନୂତନ କୋଠା ତୁରନ୍ତ ବିଭାଗକୁ ହସ୍ତାନ୍ତର ହେବା ଜରୁରୀ ଅଟେ, ଯେହେତୁ ବର୍ତ୍ତମାନ ଅତି ପୁରୁଣା କୋଠାରେ କାର୍ଯ୍ୟ ଚାଲୁଅଛି । ଏଥିସହ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକଙ୍କ ପାଇଁ ଥିବା ବହୁ ପୁରୁଣା କୋଠା ରହିବା ପାଇଁ ଉପଯୁକ୍ତ ନଥିବା ବେଳେ ଡାକ୍ତରଙ୍କ ରହିବା ପାଇଁ ନୂତନ କୋଠା ନିର୍ମାଣ ବା ପୁରୁଣା କୋଠାକୁ ମରାମତି କରିବା ଆବଶ୍ୟକତା ରହିଛି । ବୁଗୁଡା ବ୍ଲକରେ ପୂର୍ବରୁ ଆଠ ଗୋଟି ପ୍ରାଣୀଧନ ଉପକେନ୍ଦ୍ର ଥିବା ବେଳେ ଆଉ ଦୁଇଟି ଉପକେନ୍ଦ୍ର ମଞ୍ଜୁରୀ ହୋଇ ୧୦ ଗୋଟି ଉପକେନ୍ଦ୍ର ବୁଗୁଡା ବ୍ଲକରେ ଥିବା ବେଳେ ୭ ଜଣ ପ୍ରାଣୀଧନ ନିରୀକ୍ଷକ ଅଛନ୍ତି, ଆହୁରି ତିନିଜଣ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡ଼ିଛି । ଏହି ୧୦ ଗୋଟି ଉପକେନ୍ଦ୍ର ମଧ୍ୟରୁ ମାଣିତରା, ପାଙ୍ଗିଡି, ଚିରିକିପଡା ଓ ଗୌଡ଼ିଆବୋରଦା ଉପକେନ୍ଦ୍ରର ନିଜସ୍ୱ କୋଠା ନାହିଁ, ଯାହା ଫଳରେ ପ୍ରାଣୀଧନ ନିରୀକ୍ଷକମାନେ ବିଭିନ୍ନ ବ୍ୟକ୍ତିଙ୍କ ବାରଣ୍ଡାରେ ବସି ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି । ଶୁଣାଯାଉଛି ଏହି ଚାରିଗୋଟି ଉପକେନ୍ଦ୍ର ପାଇଁ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗ ପକ୍ଷରୁ କୋଠା ନିର୍ମାଣ ପାଇଁ ବୁଗୁଡା ବ୍ଲକକୁ ଅର୍ଥ ଆସିଥିଲେ ମଧ୍ୟ ପ୍ରାଣୀଧନ ଉପକେନ୍ଦ୍ର ପାଇଁ କୋଠା ନିର୍ମାଣ ହୋଇ ପାରିନାହିଁ । ମାଣିତରା ଓ ପାଙ୍ଗିଡି ପ୍ରାଣୀଧନ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ସ୍ଲାବ ଲେବଲ ପର୍ଯ୍ୟନ୍ତ କାନ୍ଥ ଉଠିଥିଲେ ମଧ୍ୟ ଉପର ଛାତ ନପଡ଼ି ରହିଅଛି । ଶୁଣାଯାଉଛି ଛାତ ପକାଇବା ପାଇଁ ବ୍ଲକରୁ ସିମେଣ୍ଟ ଉଠାଯାଇଥିଲେ ମଧ୍ୟ ଛାତ ପଡ଼ିନାହିଁ । ସେତେବେଳେ ବୁଗୁଡା ବ୍ଲକର ସହକାରୀ ଯନ୍ତ୍ରୀ ଭାବେ ଇଞ୍ଜିନିୟର ମୋହନ ସାହୁ ଥିବା ପ୍ରକାଶ । ବର୍ତ୍ତମାନ ସରକାର ଗୋପାଳନ, ଛେଳି ପାଳନ ଓ କୁକୁଡ଼ା ପାଳନ ପାଇଁ ସବସିଡ ଦେଉଥିବା ଯୋଗୁଁ ବହୁ ଯୁବକ ଏହି ଚାଷ ପାଇଁ ଆଗ୍ରହ ପ୍ରକାଶ କରି ଆତ୍ମନିର୍ଭରଶୀଳ ହେବାକୁ ଚାହୁଁଛନ୍ତି, ଫଳରେ ପ୍ରାଣୀଧନ ଚିକିତ୍ସା ପାଇଁ କେବଳ ବୁଗୁଡାର ଏକମାତ୍ର ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ ଯଥେଷ୍ଟ ନୁହେଁ । ଏଣୁ ଆହୁରି ଦୁଇଟି ପ୍ରାଣୀଧନ ଚିକିତ୍ସାଳୟର ଆବଶ୍ୟକତା ରହିଅଛି । ବର୍ତ୍ତମାନ ମଧ୍ୟ ବୁଗୁଡ଼ା ଠାରୁ ୨୦ / ୩୦ କିଲୋମିଟର ଦୂରରେ ଥିବା ଗ୍ରାମ ଗୁଡିକର ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ପ୍ରାଣୀଧନ ଡାକ୍ତର ଯାଇ ପାରୁନାହାଁନ୍ତି କି ଚାଷୀମାନେ ପ୍ରାଣୀମାନଙ୍କୁ ବୁଗୁଡା ଆଣି ପାରୁନାହାଁନ୍ତି । ପ୍ରାଣୀଧନ ନିରୀକ୍ଷକମାନଙ୍କ ପ୍ରାଥମିକ ଚିକିତ୍ସା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଖୁସିର ବିଷୟ ମାନ୍ୟବର ସ୍ଥାନୀୟ ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ବୁଗୁଡା ବ୍ଲକର ହୋଇଥିବା ବେଳେ ସେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ହୋଇ ବୁଗୁଡା ବ୍ଲକ ଅଞ୍ଚଳର ପ୍ରଥମ ମନ୍ତ୍ରୀ ଭାବେ ଗୌରବ ଆଣିପାରିଛନ୍ତି । ଆଶା କରାଯାଉଛି ମାନ୍ୟବର ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ବିଭାଗର ଉପରୋକ୍ତ ସମସ୍ୟା ନେଇ ପଦକ୍ଷେପ ଗ୍ରହଣ କରି ସମାଧାନ କରିବେ ।

## କର୍ଣ୍ଣାଟକରେ ଅଖିଳ ଭାରତୀୟ କବି ସମ୍ମିଳନୀରେ ଓଡ଼ିଶାର ପ୍ରଶଂସନୀୟ ପ୍ରତିନିଧିତ୍ୱ : ଯୋଗଦେଲେ ୨୫ରୁ ଉର୍ଦ୍ଧ୍ୱ କବୟିତ୍ରୀ

ମୟୂରଭଞ୍ଜ, ୩୦/୧୧ (ନି.ପ୍ର): ଚଳିତ ନଭେମ୍ବର ୨୨ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କର୍ଣ୍ଣାଟକ ରାଜ୍ୟର ଶିବମୋଗା ଜିଲ୍ଲା କୁଭେମ୍ପୁ ରଙ୍ଗମନ୍ଦିର ଠାରେ ଅଖିଳ ଭାରତୀୟ କବୀ ସମ୍ମିଳନୀର ୨୪ ତମ ଅନ୍ତର୍ଜାତୀୟ ମେଗା କନଭେନ୍ସନ ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଲାରି ଆଜାଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ସାରା ଭାରତର ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ତଥା ଅନ୍ୟାନ୍ୟ ଦେଶରୁ ମଧ୍ୟ ବିଭିନ୍ନ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ତିନିଶହରୁ ଉର୍ଦ୍ଧ୍ୱ ମହିଳା ପ୍ରତିଭାମାନେ ଯୋଗଦେଇ ଉତ୍ସବଟିକୁ ପ୍ରାଣବନ୍ତ କରିଥିଲେ । ଆମ ଓଡ଼ିଶାରୁ ପ୍ରଫେସର ବୀଣାପାଣି ମିଶ୍ରଙ୍କୁ ତାଙ୍କର ବଳିଷ୍ଠ ନେତୃତ୍ୱ ଏବଂ ସାହିତ୍ୟରେ ଉତ୍ସର୍ଗୀକୃତ ସେବା ପାଇଁ ଉକ୍ତ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଫେସର ମିଶ୍ରଙ୍କ ଆବାହକତ୍ୱରେ ୨୫ରୁ ଉର୍ଦ୍ଧ୍ୱ କବୟିତ୍ରୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ପ୍ରତିଭାମାନେ ଯୋଗଦେଇ ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି । ସେମାନଙ୍କ ମଧ୍ୟରେ ଡକ୍ଟର ଆଞ୍ଜୁମାନ ଆରା, ସୁଷମା ରାଉତ, ଗୀତାଞ୍ଜଳି ପୃଷ୍ଟି, ଜୟନ୍ତୀ ପତି, ତରୁଲତା ସାମଲ, ସୁଧା ପଟ୍ଟନାୟକ, ଝୁମୁରି ସାହୁ, ସୁଲୋଚନା ଦାଶ, ଇମ୍ରାନା ଇସ୍ରାଇଲ, ପ୍ରିୟଦର୍ଶିନୀ ମହାନ୍ତି, ସୌମ୍ୟା, ସୌର୍ଯ୍ୟା, ରାଧା ପ୍ରିୟଦର୍ଶିନୀ, ବିଷ୍ଣୁପ୍ରିୟା ମିଶ୍ର, ସ୍ନେହା ମିଶ୍ର, ସୌଦାମିନୀ ତ୍ରିପାଠୀ ପ୍ରମୁଖ ଓଡ଼ିଆ ଭାଷା ସାହିତ୍ୟକୁ ଜାତୀୟ ସ୍ତରରେ ପ୍ରତିପାଦିତ କରି ସାଉଁଟିଛନ୍ତି ବେଶ କିଛି ସଫଳତା । ମଞ୍ଚରେ ବାଦ୍ୟ ଯନ୍ତ୍ରର ତାଳେତାଳେ ଆମ ଓଡ଼ିଶା ମାଟିର ନାରୀ ପ୍ରତିଭାମାନେ ମାତୃ ବନ୍ଦନା 'ବନ୍ଦେ ଉତ୍କଳ ଜନନୀ' ଗାନ କରି ସମ୍ବର୍ଦ୍ଧିତ ହେବାର ଗୌରବ ଅର୍ଜନ କରିଛନ୍ତି । ତା ସହିତ 'ବେଟି ହିଁ ଅପରାଜିତା ' ନାମରେ ରାଷ୍ଟ୍ରଭାଷା ହିନ୍ଦୀରେ ଏକ ସଚେତନତା ଧର୍ମୀ ନାଟକ ପରିବେଷଣ କରି ସୌଦାମିନୀ ତ୍ରିପାଠୀ, ଜୟନ୍ତୀ ପତି ଏବଂ ଗୀତାଞ୍ଜଳି ପୃଷ୍ଟି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅନେକ ସମ୍ମାନର ଅଧିକାରିଣୀ ହୋଇଛନ୍ତି । ଏଥିପାଇଁ ବୁଦ୍ଧିଜୀବି ମହଲରୁ ପ୍ରଶଂସାର ସୁଅ ଛୁଟୁଛି । ଆଗାମୀ ଦିନରେ ଏ ସମ୍ମିଳନୀକୁ ଓଡିଶା ମାଟିରେ କରିବା ସହିତ ଅଧିକରୁ ଅଧିକ ନାରୀ ପ୍ରତିଭା ଏଥିରେ ଯୋଡିହୋଇ ଓଡ଼ିଶାର ସୁନାମକୁ ବିଶ୍ୱ ଦରବାରରେ ପ୍ରତିପାଦନ କାରିବାର ସୁଯୋଗକୁ ଏଆଇପିସି ମାଧ୍ୟମରେ ଆହ୍ୱାନ କରାଯାଇଛି ।

## ସମସ୍ୟା ଘେରରେ ୪୨ ମୌଜା ଝାରକଟା ଶାଖା ଡାକଘର

କଟକ, ୩୦/୧୧ (ନି.ପ୍ର): କଟକ ସଦର ୪୨ ମୌଜା ବେଣ୍ଟକାର ଉପ ଡାକଘର ଅଧୀନରେ ପାଞ୍ଚ ଗୋଟି ଶାଖା ଡାକଘର ଝିଙ୍କିରିଆ, ଦଧିବାମନପୁର, ଝାରକଟା, କଳପଡା ଓ ସରିଚୁଆଁ ଶାଖା ଡାକଘର ମାନ କାର୍ଯ୍ୟ କରୁଛି । କେବଳ ଝାରକଟା ଶାଖା ଡାକଘର ବ୍ୟତୀତ ଅନ୍ୟ ଚାରୋଟି ଶାଖା ଡାକଘର ତାଙ୍କ ନିଜ ନିଜ ଏରିଆ ପରିସରରେ ଖୋଲାଯାଇ ଲୋକମାନଙ୍କୁ ଡାକ ସେବା ଯୋଗାଉଛନ୍ତି । ମାତ୍ର ଅକ୍ଟୋବର ୨୦୧୭ ମସିହାରୁ ଦୀର୍ଘ ଆଠବର୍ଷ ହେବ ଝାରକଟା ଶାଖା ଡାକଘର ବେଣ୍ଟକାର ଉପ ଡାକଘରେ ଚାଲୁଛି । ବେଣ୍ଟକାର ଉପ ଡାକଘରେ ସ୍ଥାନ ଅଭାବରୁ ଝାରକଟା ଶାଖା କାର୍ଯ୍ୟ ଉପ ଡାକଘରର ଦକ୍ଷିଣ ପଟ ଝରକା ବାଟେ ଚାଲୁଛି, ଫଳରେ ଝାରକଟା ଶାଖା ଡାକଘର ଅଧୀନରେ ଥିବା ଗ୍ରାମ ଝାରକଟା, ମଣ୍ଡିାଡ, ଗୋବିନ୍ଦପୁର, ଅଇନି, ନହରପଦା ଓ ପଟଣା ଆଦି ଗ୍ରାମର ଶହଶହ ହିତାଧିକାରୀ ମାନେ ବର୍ଷ ତମାମ ଖୋଲା ଆକାଶ ତଳେ ଖରା ବର୍ଷାରେ ଝରକା ପାଖେ ଠିଆ ହୋଇ ପୋଷ୍ଟ ଅଫିସରେ ଥିବା ତାଙ୍କ କାର୍ଯ୍ୟ କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ବିଷୟ ଅବଗତ କରାଯାଇଥିଲେ ସୁଦ୍ଧା ଏହାର ପ୍ରତିକାର କରାଯାଇନାହିଁ । ଏଣୁ ଡାକ ବିଭାଗର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହାକୁ ଗୁରୁତର ସହ ବିଚାରକୁ ନେଇ ଝାରକଟା ଶାଖା ଡାକଘରକୁ ତାର ନିଜ ଏରିଆରେ ଖୋଲିବାର ବିହୀତ ଅନୁମତି ଦେବାକୁ ୪୨ ମୌଜା ବିକାଶ ପରିଷଦର ଉପଦେଷ୍ଟା ତଥା ୪୨ ମୌଜା ଯାଦବ ମହାସଭା ସଭାପତି ବରିଷ୍ଠ ସଙ୍ଗଠକ ବୁଲେଇ ବେହେରା ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି ।

## ଜାମଦା ଏସଏସଟି ବିଦ୍ୟାଳୟରେ ଠକ୍କର ବାପା ଜୟନ୍ତୀ ପାଳିତ

ଜାମଦା, ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଏସଏସଟି ବିଦ୍ୟାଳୟରେ ଶିକ୍ଷୟତ୍ରୀ ଆନି ଗଞ୍ଜୁଙ୍କ ସଂଯୋଜନାରେ ଠକ୍କର ବାପା ଜୟନ୍ତୀ ପାଳିତ ହୋଇଯାଇଛି । ମୁଖ୍ୟବକ୍ତା ଦୁଃଖହରଣ ପାତ୍ର ଯୋଗଦେଇ କହିଥିଲେ ଯେ ଠକ୍କର ବାପା ଆଶ୍ରମ ୧୯୩୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ୧୯୩୮ ମସିହାରୁ ୧୯୪୨ ମସିହା ମଧ୍ୟରେ ଅମୃତଲାଲ ବିଠଲଦାସ ଠକ୍କରଙ୍କ (ଠକ୍କର ବାପା) ବିହାର ତଥା ଓଡ଼ିଶାରେ ଜନଜାତିମାନଙ୍କର ଉନ୍ନତି ସକାଶେ ବିଭିନ୍ନ କମିଟିରେ କାର୍ଯ୍ୟରତ ଥିବା ସମୟରେ ଏହି ଆଶ୍ରମଟିର ପରିକଳ୍ପନା ହୋଇଥିଲା । ପରେ ୧୯୫୮ ମସିହାରେ ଆଶ୍ରମ ପରିସରରେ ଏକ ବିଦ୍ୟାଳୟ ସ୍ଥାପନ କରାଗଲା । ଏହି ଆଶ୍ରମଟି ସର୍ଭେଣ୍ଟ୍ ?ସ ଅଫ୍ ଇଣ୍ଡିଆ ସୋସାଇଟିଦ୍ୱାରା ପରିଚାଳିତ । ଆଶ୍ରମ ପରିସରରେ ଥିବା ବିଦ୍ୟାଳୟଟି ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ଯାଏ ଅନୁସୂଚିତ ଉପଜାତିର ପିଲାଙ୍କ ଶିକ୍ଷାର ମାନ ଉନ୍ନତ କରିବା ପାଇଁ ଉଦ୍ଦିଷ୍ଟ । ଏହି ଦିବସଟି ଆଜି ଆମ ରାଜ୍ୟର ପ୍ରତିଟି ଆଶ୍ରମରେ ପାଳନ କରାଯାଇଛି ବୋଲି ସେ କହିଥିଲେ । ଆୟୋଜକ ସୁରେନ୍ଦ୍ରନାଥ ନାୟକ, ଦାୟିତ୍ୱ ସୁପରିଚାଳନା ଉମାକାନ୍ତ ବାରିକ୍, କ୍ଷୀରୋଦ କୁମାର ବେହେରା କରିଥିବାବେଳେ ଶିକ୍ଷୟତ୍ରୀ ଆନି ଗଞ୍ଜୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଦେଇଥିଲେ ।

# ଘୋର ଅବ୍ୟବସ୍ଥା ମଧ୍ୟରେ ଚାଲିଛି ସହୀଦ ଲକ୍ଷ୍ମଣ ନାୟକ ମଧ୍ୟ ଇଂରାଜୀ ବିଦ୍ୟାଳୟ

## ପଞ୍ଚାୟତର ସଭାଗୃହରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ, ପ୍ରଶାସନର ନିଘା ନାହିଁ





କୋଷାଗୁମୁଡ଼ା, ୩୦/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ତାରାଗାଁ ପଞ୍ଚାୟତ ମହକୁମାରେ ଥିବା ସହୀଦ ଲକ୍ଷ୍ମଣ ନାୟକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୭୭ ପିଲାଙ୍କୁ ନେଇ ୨ ଜଣ ଶିକ୍ଷକ ପାଠ ପଢାଉଥିବା ବେଳେ ବିଦ୍ୟାଳୟର ପୂର୍ବରୁ ଥିବା ଦୁଇଟି ଗୃହ ବିପର୍ଯ୍ୟସ୍ତ ହୋଇଛି ପଡିଛି । ଫଳରେ ବିଦ୍ୟାଳୟର ଷଷ୍ଠ ଓ ୭ମ ଶ୍ରେଣୀର ପିଲାମାନେ ନିକଟସ୍ଥ ପଞ୍ଚାୟତର ରାଜୀବ ଗାନ୍ଧୀ ସଭାଗୃହରେ ପ୍ରାୟ ୩ବର୍ଷରୁ ପାଠପଢି ଆସୁଛନ୍ତି । ଏପଟେ ୮ମ ଶ୍ରେଣୀରେ ପଢୁଥିବା ପିଲା ବିଦ୍ୟାଳୟର କାର୍ଯାଳୟରେ ବସି ଅତି ଦୟନୀୟ ଅବସ୍ଥାରେ ପଢ଼ିବା ସହ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି । ୬ଷଷ୍ଠ ଶ୍ରେଣୀରେ ୫୪ ଜଣ ଛାତ୍ରଛାତ୍ରୀ ଥିବା ବେଳେ ୭ମ ଶ୍ରେଣୀରେ ୭୧ ଜଣ ଛାତ୍ରଛାତ୍ରୀ ଓ ୮ମ ଶ୍ରେଣୀରେ ୫୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏହି ବିଦ୍ୟାଳୟଟି ବ୍ଲକ ଗ୍ରାଣ୍ଟରେ ପରିଚାଳନା ହେଉଥିବା ବେଳେ ବିଦ୍ୟାଳୟଟିର ସ୍ଥାପନ ୮/୭/୧୯୯୯ ରେ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ଅସୁବିଧା ମଧ୍ୟରେ ଅଧବର୍ଷିକ ଓ ବାର୍ଷିକ ପରୀକ୍ଷା ଦେଇଆସୁଛନ୍ତି । ବର୍ଷା ଦିନେ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ବ୍ୟାକୁଳ ଥିବା ବେଳେ ଶ୍ରେଣୀ ଗୃହର ଅଭାବ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଥିବା ଏକମାତ୍ର ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ଦୀର୍ଘ ୩ବର୍ଷରୁ ଛାତ୍ରଛାତ୍ରୀ ନିକଟରେ ଥିବା ଗ୍ରାମ ଦେବୀଙ୍କ ମନ୍ଦିର ନିକଟରେ ଥିବା ନଳକୂପର ପାଣି ବ୍ୟବହାର କରି ଆସୁଛନ୍ତି । ଏପଟେ ବିଦ୍ୟାଳୟ ପାଇଁ ଶ୍ରେଣୀ ଗୃହଟିଏ ନିର୍ମାଣ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ପଞ୍ଚାୟତ ସରପଞ୍ଚ, ପିଇଓ, ବିଇଓ, ବିଡିଓ, ରାଜନେତାଙ୍କୁ ମୌଖିକ ଓ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କେହି ମଧ୍ୟ କର୍ଣ୍ଣପାତ କରୁନଥିବା ଦର୍ଶାଇଛନ୍ତି । ଏହି ବିଷୟରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ, ସେ କହିଛନ୍ତି ବିଦ୍ୟାଳୟଟି ବ୍ଲକ ଗ୍ରାଉଣ୍ଡ ହୋଇଥିବାରୁ ସରକାରୀ ଅନୁଦାନ ଆସୁନଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟର କୌଣସି ଉନ୍ନତି ହୋଇନାହିଁ, ଯଦି ରାଜନେତା କିମ୍ବା ପଞ୍ଚାୟତ ସମିତି ଚାହେଁ ତେବେ ନିଶ୍ଚିତ ଭାବରେ ବିଦ୍ୟାଳୟ ପାଇଁ ଶ୍ରେଣୀ ଗୃହଟିଏ ହେବ ବୋଲି କହିଛନ୍ତି । ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ବିଡ଼ିଓଙ୍କୁ ପଚାରି ବୁଝିବାରୁ ଶୁକ୍ରବାର ଦିନ ସହକାରୀ ଯନ୍ତ୍ରୀଙ୍କୁ ପଠାଇ ସ୍ଥିତି ଅନୁଧ୍ୟାନ କରି ଯାହା ସମ୍ଭବ ସେହି ଅନୁସାରେ ବିଦ୍ୟାଳୟର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି । ବିଦ୍ୟାଳୟଟି ତାରାଗାଁ ପଞ୍ଚାୟତ ଅଧୀନରେ ୨୫ବର୍ଷ ଧରି ଚାଲି ଆସୁଥିବା ବେଳେ ଅନେକ ଯୁବକଯୁବତୀଙ୍କୁ ଶିକ୍ଷିତ କରିଛି । ଯଦି ଆଗକୁ ଏଭଳି ସ୍ଥାନୀୟ ପ୍ରଶାସନର ଅଣଦେଖା ଭାବ ରହେ ତେବେ ନିଶ୍ଚିତ ଭାବରେ ବିଦ୍ୟାଳୟର ଯେଉଁ ନାମଟି ସହୀଦ ଲକ୍ଷ୍ମଣ ନାୟକ ମଧ୍ୟ ଇଂରାଜୀ ବିଦ୍ୟାଳୟ ରହିଛି ତାର ନାମ ଇତିହାସରେ ରହିଯିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## କୋଦଳା ଏନଏସି ଦୁର୍ନୀତିର ପର୍ଦ୍ଦାଫାସ

### ଗଣମାଧ୍ୟମରେ ଦୁର୍ନୀତି ଖବର ପ୍ରକାଶ ହେବା ପରେ ବାତିଲ ହେଲା ୬୨ଟି କାମ

କୋଦଳା, ୩୦/୧୧ (ନି.ପ୍ର): ଜାଲ ବିଲ କରି ଲକ୍ଷଲକ୍ଷ ଟଙ୍କା ଖାଇବା ପାଇଁ ଚଳାଇ ଥିଲେ ଯୋଜନା ! ବାହାର କରିଥିଲେ ୬୨ଟି ଟେଣ୍ଡେର, ସେଥି ମଧ୍ୟରୁ କିଛି କାମ ସରିଯାଇଥିବା ବେଳେ କିଛି କାମ ଦୁଇ ଥର ବାହାର କରିଥିଲେ । ଏନେଇ କାଉନସିଲର ଭଗବାନ ପାଢ଼ୀ ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମକୁ ଜଣାଇଥିଲେ, ଏହା ସହ ଡୁଡା ସଂସ୍ଥା ପିଡିଙ୍କ ନଜରକୁ ମଧ୍ୟ ଆଣିଥିଲେ । ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ଫଳରେ ଅଫିସରଙ୍କର ଚେତା ପଶିଥିଲା । ଗତ ୧୮ତାରିଖରେ ଚିଠି ନମ୍ବର ୪୧୦୨ ମାଧ୍ୟମରେ ଗୋଟେ କାମ ବାତିଲ କରିବା ସହ ଗୋଟେ କାମର ନାମ ପରିବର୍ତନ କରିଥିଲେ । ବର୍ତମାନ ୨୮ତାରିଖରେ ଚିଠି ନମ୍ବର ୪୧୭୫ ରେ ସମସ୍ତ କାମକୁ ବାତିଲ କରାଯାଇଛି । ପ୍ରକାଶ ଥାଉକି ଏହି ୬୨ଟି କାମ ଭିତରୁ ଦଣ୍ଡେଶ୍ୱର ଗେଟ ଠାରୁ ନାମ ମନ୍ଦିର ପର୍ଯ୍ୟନ୍ତ ପେଭର, ଇଣ୍ଡୋର ଷ୍ଟାଡିୟମ ପାର୍ଶ୍ୱରେ ପେଭର କାମ ଓ ସବଜେଲ ନିକଟରେ ମାଟି ଫିଲିଙ୍ଗ କାମ ସରିଯାଇଥିବା ବେଳେ କିଛି କାମର ଦୁଇ ଥର ଟେଣ୍ଡର ବାହାର କରାଯାଇଥିଲା ଏବଂ ଏନଏସି ଅଞ୍ଚଳ ପରିସର ଭିତରେ ଯାଉନଥିବା କିଛି କାମର ମ??ଧ ଟେଣ୍ଡର ବାହାର କରାଯାଇଥିଲା ତଥା ମନ୍ଦିର କଲର କରିବା, ମନ୍ଦିରରେ ମାଟି ଫିଲିଙ୍ଗ କରିବା, ସ୍କୁଲରେ ମାଟି ଫିଲିଙ୍ଗ କରିବା, ମନ୍ଦିରରେ ପେଭର ପକାଇବା ଭଳି ଅନେକ କାମ ରହିଛି । ଏନେଇ କାଉନସିଲର ଶ୍ରୀ ପାଢ଼ୀ ସମସ୍ତ ଗଣମାଧ୍ୟମଙ୍କୁ ଧନ୍ୟବାଦ ଦେବାସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ପାଢ଼ୀ ଆଶା ରଖିଛନ୍ତି ଆଗାମୀ ଦିନରେ କୋଦଳା ଏନଏସିର ଯେକୌଣସି ଟେଣ୍ଡର ବାହାରିବ ଏନଏସି ପରିସରଭୁକ୍ତ ଥିବା ଟେଣ୍ଡର ବାହାରିବା ସହ ସରିଯାଇଥିବା କାମର ଟେଣ୍ଡର ଯେମିତି ନ ବାହାରିବ ଏବଂ ଯେକୌଣସି ଟେଣ୍ଡର ବାହାର କରାଯାଉଛି ତାହାର ସଂପୂର୍ଣ୍ଣ ତଥ୍ୟ ପେପରରେ ଉଲେଖ କରାଯିବ ।

## ମିଛ ଘଟଣାରେ ସଂପୃକ୍ତି ଦର୍ଶାଇ ଦୁଇ କର୍ମଚାରୀଙ୍କୁ ବଦ୍‌ନାମ କରାଯାଉଥିବା ପଛରେ କାହାର ହାତ




ନିଶ୍ଚିନ୍ତକୋଇଲି, ୩୦/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟର ଦୁଇ କର୍ମଚାରୀ ଯଥା କାର୍ଯ୍ୟାଳୟର କିରାଣୀ ବନ୍ଦନ କୁମାର ରାଉତ ଓ ରାଜେନ୍ଦ୍ର କୁମାର ଭୂୟାଁଙ୍କୁ ଆକ୍ରୋଶ ମୂଳକ ଭାବେ ବଦ୍‌ନାମ କରିବା ଓ ହଇରାଣ ହରକତ କରିବା ଭଳି ଏକ ସଂଗୀନ୍ ତଥ୍ୟ ସାମ୍ନାକୁ ଆସିଛି । ସଂପୃକ୍ତ ଦୁଇ କର୍ମଚାରୀ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତୀ ପାର୍ବତୀ ନନ୍ଦଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଚମକ ଦେଇଥିବା ନେଇ ଏକ ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଉଭୟ କର୍ମଚାରୀଙ୍କ ବିରୁଦ୍ଧରେ କେନ୍ଦିଲୋସ୍ଥିତ ବାବା ତାରକ ଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାନେତ୍ରୀ ପୂର୍ବତନ ସଭାପତିଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ସଦସ୍ୟା ଓ ଛାତ୍ର ଅଭିଭାବକମାନେ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗରେ ଦର୍ଶାଯାଇଥିଲା କି ସଂପୃକ୍ତ ଦୁଇ କର୍ମଚାରୀ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତୀ ନନ୍ଦଙ୍କୁ ଗାଳିଗୁଲଜ କରିବା ସଂପର୍କରେ । ହେଲେ ଉକ୍ତ ଘଟଣାରେ ସତ୍ୟତା ନଥିବା ସାଧାରଣରେ ଆଲୋଚନା ହେଉଛି । ସଂପୃକ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଏ ଘଟଣାକୁ ନିଜେ ଅସ୍ୱୀକାର କରିଛନ୍ତି । ତାଙ୍କ କହିବା ଅନୁଯାୟୀ ମୁଁ କୌଣସି ବ୍ୟକ୍ତି ବିଶେଷ ବା କୌଣସି ସାମ୍ବାଦିକଙ୍କୁ ଏ ବିଷୟରେ କିଛି କହି ନାହିଁ । ଏଥିରୁ ସ୍ପଷ୍ଟ ଜଣାପଡୁଛି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ କର୍ମଚାରୀଙ୍କୁ ମିଛ ଘଟଣାରେ ସଂପୃକ୍ତ କରାଇ ଉଭୟଙ୍କୁ ବଦ୍ ?ନାମ କରିବା ପାଇଁ ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ । ଏଠାରେ ସୂଚନା ଥାଉ କି ଏଥିପୂର୍ବରୁ ମଧ୍ୟ କେନ୍ଦିଲୋ ବାବା ତାରକଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଓ ମଧ୍ୟାହ୍ନ ଭୋଜନ ବୁଝୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ହିସାବ ରକ୍ଷକ ବନ୍ଦନ କୁମାର ରାଉତ ଓ ରାଜେନ୍ଦ୍ର କୁମାର ଭୂୟାଁ ସେତେବେଳର ଉକ୍ତ ବିଦ୍ୟଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ତ୍ରିପାଠୀଙ୍କୁ ଲାଞ୍ଚ ମାଗିବା ଅଭିଯୋଗରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ ସମୟରେ ସେତେବେଳର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ତ୍ରିପାଠୀ ସ୍ପଷ୍ଟ ଭାବେ କହିଥିଲେ କି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ କର୍ମଚାରୀ ବନ୍ଦନ କୁମାର ରାଉତ ଓ ରାଜେନ୍ଦ୍ର କୁମାର ଭୂୟାଁ ମୋତେ କୌଣସି ଦିନ କୌଣସି ବାବଦରେ ଲାଞ୍ଚ ମାଗିନାହାଁନ୍ତି କି ମୁଁ ସେମାନଙ୍କୁ ଦେଇ ନାହିଁ । ଉଭୟ କର୍ମଚାରୀ ଦୁଇ ଜଣ ସାହାଯ୍ୟକାରୀ, ସଙ୍କୋଚ ଓ ଉପକାରୀ । ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ, ଅବାସ୍ତବ, ମିଥ୍ୟା ଓ ମନଗଢା ବୋଲି ପୁଷ୍ପାଞ୍ଜଳୀ ତ୍ରିପାଠୀ କହିଥିଲେ । ଏସବୁକୁ ଦେଖିଲା ବେଳକୁ ସ୍ପଷ୍ଟ ଜଣାପଡୁଛି କି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଏହି ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ କେହି ଜଣେ ଷଡଯନ୍ତ୍ର କରି ଉଭୟଙ୍କୁ ବଦନାମ କରିବା ଲକ୍ଷ୍ୟରେ ଅଛନ୍ତି ।

## ମାହାଙ୍ଗା ଠାରେ ମଣ୍ଡଳ-ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନମେଳା ଅନୁଷ୍ଠିତ

ମାହାଙ୍ଗା, ୩୦/୧୧ (ନି.ପ୍ର): ମାହାଙ୍ଗା ମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ମାହାଙ୍ଗା ରାଧାଶ୍ୟାମ ନୋଡାଲ ବିଦ୍ୟାପୀଠଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥି ଭାବେ କଟକ ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ବେହେରା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁ?ଷାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀମାନେ ୧୫୮ ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଜ୍ଞାନପ୍ରତି ଛାତ୍ର ଛାତ୍ରୀମାନଙ୍କ ବହୁ ଆଗ୍ରହ ଥିବା ଦେଖିବାକୁ ମିଳିଥିଲା । ପିଲାମାନଙ୍କ ଦ୍ୱାରା ନିଜ ହାତ ତିଆରି ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା । ଏହାକୁ ଦେଖି ବିଧାୟକଙ୍କ ସମେତ ଅନ୍ୟ ଅତିଥିମାନେ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଅବଧି ପୂରଣ ପରେ ବି ସରୁନି ରାସ୍ତା କାର୍ଯ୍ୟ





ନିଶ୍ଚିନ୍ତକୋଇଲି, ୩୦/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏମ୍.ଆର.ଏଲ୍ - ୦୧ ପୂର୍ତ୍ତ ବିଭାଗ ରାସ୍ତା କେନ୍ଦୁପାଟଣା ଛକଠାରୁ ରାଇସୁଙ୍ଗୁଡା ଭାୟା କାଜିହାଟ ରାସ୍ତା ଯାହାର ପ୍ୟାକେଜ୍ ନଂ - ଓଆର-୦୭-୩୫୩ ରାସ୍ତା କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କାର୍ଯ୍ୟ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଅନୁଦାନରେ ନିର୍ମିତ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡିଶା ସରକାର ତଦାରଖ କରିବା କଥା । ଏହି ରାସ୍ତାକୁ ଠିକାଦାର ତା.୧୭.୦୮.୨୦୨୩ ରିଖରେ ଶେଷ କରିବା କଥା । ହେଲେ ବିଭାଗୀୟ ଅଧିକାରୀଙ୍କ ସହ ସଂପର୍କ ରଖି ନିର୍ଦ୍ଧିଷ୍ଟ ସମୟ ପୂର୍ବରୁ ନସାରି ଠିକାଦାର କାର୍ଯ୍ୟ କରିବା ସମୟ ଅବଧି ସରକାରଙ୍କ ତରଫରୁ ବଢାଇଥିଲେ । ଏହା ପରେ ମଧ୍ୟ ଅବଧି ଶେଷ ହେବାକୁ ବସିଲାଣି । ଦେଢ ବର୍ଷରୁ ଉଦ୍ଧ୍ୱର୍ ହେଲା ରାସ୍ତା କାର୍ଯ୍ୟ ଶେଷ ହେଉନି । ଜେସିବି ମେସିନ ଦ୍ୱାରା ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳି ଦିଆଯାଇଥିବାରୁ ଲୋକମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଏହି ରାସ୍ତାର ପ୍ରାୟ ୨.୫ କି.ମି. ରାସ୍ତାରୁ କିଛି ଅଂଶ ପିଚୁ ପାଇଁ ଗୋଡି ପକା ଯାଇଛି । ଯେଉଁଥିରେ କି ପାଣି ସିଞ୍ଚନ କରାଯାଉନି କି ରୋଲିଂ କରାଯାଉନି । ଗୋଡି ଗୁଡିକ ଉପରେ ଗଡୁଛି । ଗୋଡି ଉଠିଯାଇଥିବାରୁ ଉକ୍ତ ରାସ୍ତାରେ ଯିବାଆସିବା କରିବା ଆଦୌ ସମ୍ଭବପର ହେଉନାହିଁ । ରାସ୍ତାରେ ଚାରିଚକିଆ ଯାନ ଯାତାୟତ ସମୟରେ ଏତେ ମାତ୍ରାରେ କ୍ରସର ଗୁଣ୍ଡ ଉଡୁଛି ଯାହାଫଳରେ ବାଇକ ଓ ସାଇକେଲ ଆରୋହୀ ଏପରିକି ବହୁ ଛାତ୍ର ଛାତ୍ରୀ ଯିବା ଆସିବା ସମୟରେ ଗୁଣ୍ଡ ଉଡି ସେମାନଙ୍କ ଆଖି ଓ ନାକରେ ଭରି ଯାଉଥିବାରୁ ସେମାନେ ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ରାସ୍ତାର କାର୍ଯ୍ୟକୁ ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀମାନେ ତଦାରଖ କରିବା କଥା । ଏହି କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରାଯାଉନଥିବାରୁ କାର୍ଯ୍ୟରେ ବହୁ ବିଳମ୍ବ ହେଉଥିବା ଏବଂ ସଠିକ୍ ଢଙ୍ଗରେ ରାସ୍ତା କାର୍ଯ୍ୟ ହେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ସଠିକ୍ ଢଙ୍ଗରେ କରି ସମାପ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ବାଣପୁର : ଗାଡ଼ିରେ ଲିଫ୍ଟ ନେଇ ମନିପର୍ସ ଚୋରି କରି ଗିରଫ ହେଲେ ଯୁବକ

ବାଣପୁର, ୩୦/୧୧ (ନି.ପ୍ର): ଗାଡ଼ିରେ ଲିଫ୍ଟ ଦେଇ ଫସିଲେ ବ୍ୟକ୍ତି । ଗାଡ଼ିରୁ ପର୍ସ ଲୁଟିନେଇ ଫେରାର ହେଲା ଲିଫ୍ଟ ନେଇଥିବା ବ୍ୟକ୍ତି । ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ । ସୂଚନା ମୁତାବକ ଗତକାଲି ଅପରାହ୍ନରେ ବଡ଼ ହନ୍ତୁଆଡ଼ ଅଞ୍ଚଳର କୃଷ୍ଣଚନ୍ଦ୍ର ପଟ୍ଟନାୟକ ବାଲୁଗାଁ ଏଲଆଇସି ଅଫିସରେ କାର୍ଯ୍ୟସାରି ବାଣପୁର କେନାଲ ରୋଡ ଦେଇ ଘରକୁ ଫେରୁଥିବା ବେଳେ ଉକ୍ତ ରାସ୍ତାରେ ଗୋରଡାଝରି ଗ୍ରାମର ପ୍ରଶାନ୍ତ ନାୟକ (୧୯) ଓରଫ ନନ୍ଦୁ କୃଷ୍ଣଚନ୍ଦ୍ରଙ୍କୁ ଲିଫ୍ଟ ମାଗିଥିଲେ । ଲିଫ୍ଟ ନେଇ ପ୍ରଶାନ୍ତ କୃଷଚନ୍ଦ୍ରଙ୍କ ବାଇକରେ ପଲଟନ ପଡିଆ ପର୍ଯ୍ୟନ୍ତ ଯାଇଥିଲେ । ତେବେ କୃଷ୍ଣଚନ୍ଦ୍ର ଘରକୁ ଫେରି ଦେଖିବାକୁ ପାଇଥିଲେ ଯେ ତାଙ୍କ କାନ୍ଧ ପଛପଟେ ଥିବା ବ୍ୟାଗର ଚେନ ଖୋଲାଅଛି ଏବଂ ମନିପର୍ସ ଗାୟବ ଅଛି । ଉକ୍ତ ମନିପର୍ସରେ ନଗଦ ୨୨୦୦ ଟଙ୍କା ଓ ଜରୁରୀ କାଗଜ ଥିଲା । କୃଷ୍ଣଚନ୍ଦ୍ର ସଙ୍ଗେସଙ୍ଗେ ଏ ନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତ୍ୱରିତ ପଦକ୍ଷେପ ନେଇଥିଲା ଏବଂ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ପଲଟନ ପଡିଆ ନିକଟରୁ ଗିରଫ କରିଥିଲା ।

## ବ୍ଲକ-ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ପାଟଣା, ୩୦/୧୧ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆଜି ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଣୀ ଭୁବନେଶ୍ୱରୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାମାଜିକ ସୁରକ୍ଷା ବିଭାଗର ଲକ୍ଷ୍ମୀଧର ମହାନ୍ତ ଓ ଚନ୍ଦ୍ରଶେଖର ମାନସିଂ ପଞ୍ଜିକରଣ ଆଦି ପରିଚାଳନା କରିଥିଲେ । ଶିବିରରେ ବ୍ଲକ ଅଞ୍ଚଳରୁ ମୋଟ ୫୧୬ ଜଣ ଦିବ୍ୟାଙ୍ଗ ଏଠାରେ ଯୋଗ ଦେଇଥିଲେ । ଅସ୍ଥିଶଲ୍ୟ ବିଭାଗର ଡାକ୍ତର ପ୍ରଭାତ କୁସୁମ ମହାପାତ୍ର, ଚକ୍ଷୁ ଚିକିତ୍ସା ବିଭାଗର ଡାକ୍ତର ସୁଭମ ସେଠୀ, କର୍ଣ୍ଣ ନାସା ଓ ଗଳା ବିଭାଗର ଡାକ୍ତର ଅନିତା ମଞ୍ଜରୀ ଜେନା, ଶ୍ରବଣ ବାଧିତ ବିଭାଗର ମାନସ କୁମାର ମହାନ୍ତ ଓ ମାନସିକ ରୋଗ ବିଭାଗର ଡାକ୍ତର ନିହାର ରଞ୍ଜନ ରଥ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କର ଚିହ୍ନଟ କରିଥିଲେ । ବିଭିନ୍ନ ବର୍ଗରୁ ମୋଟ ୩୫୬ ଜଣ ଦିବ୍ୟାଙ୍ଗଙ୍କୁ ଏଠାରେ ଚିହ୍ନଟ କରାଯିବା ସହ ୩୩ ଜଣକୁ ବସ ପାସ, ୨୯ଜଣକୁ ଡିଆରଆଇ ଋଣ ଏବଂ ୯୮ ଜଣକୁ ଗ୍ରାମୀଣ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବାକୁ ତାଲିକା ପ୍ରସ୍ତୁତ କରାଯାଇଥିଲା । ଶିବିରକୁ ଏପିଓ ଦୀପକ କୁମାର ବେହେରା, ଯୋଗାଣ ନିରିକ୍ଷୀକା ସୁନିତା ମାରାଣ୍ଡି ଓ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଏନଏସଏସ ଛାତ୍ରଛାତ୍ରୀ ମାନେ ପରିଚାଳନାଗତ ସହଯୋଗ ଯୋଗାଇ ଦେଇଥିଲେ ।

# ୫ ହଜାର ବାଳୁତଙ୍କ ପୃଷ୍ଟି ସାଧନ ପାଇଁ ୨୩୯ଟି କ୍ରେଚ କେନ୍ଦ୍ର କାର୍ଯ୍ୟକ୍ଷମ

ମୟୂରଭଞ୍ଜ, ୩୦/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ରାଇରଙ୍ଗପୁର ବ୍ଲକର ହଳଦା ଗ୍ରାମରେ ତଥା ବ୍ଲକ ବିଡିଓ, ସିଡିପିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ପ୍ରମୁଖ ସାରସକଣା ବ୍ଲକର ଏକଡାଳି ଗ୍ରାମରେ କ୍ରେଚ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ନୂଆଗାଁ ଗ୍ରାମରେ ଏବଂ ମମତା ଓ ସୁଭଦ୍ରା ଯୋଜନାର ଡି.ପି.ଏମ. ମନୋରଥ ଜଗନ୍ନାଥ ବଣସାହିରେ କ୍ରେଚ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ସମାଜର ସବୁ ସ୍ତର ଲାଭାର୍ଥୀଙ୍କର ସହଯୋଗ ଓ ଯୋଗଦାନକୁ ପ୍ରାଧାନ୍ୟ ଦିଆଯାଇ, ୨୩୯ଟି ଗ୍ରାମରେ ୫ ହଜାରରୁ ଊର୍ଦ୍ଧ୍ୱ ୬ ମାସରୁ ୩ ବର୍ଷ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କ୍ରେଚ୍ କେନ୍ଦ୍ରରେ ୨ଜଣ ମହିଳା କ୍ରେଚ କର୍ମୀ ନିଯୁକ୍ତି ପାଇଥିବା ସ୍ଥଳେ ଗ୍ରାମର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଗ୍ରାମର ମହିଳା ସ୍ୱୟଂ ସହାୟିକା ନେତ୍ରୀ ଓ ଗ୍ରାମ ୱାର୍ଡମେମ୍ବର କ୍ରେଚ କେନ୍ଦ୍ରର ପରିଚାଳନା ଓ କାର୍ଯ୍ୟକ୍ରମର ତଦାରଖ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଓମ୍ୱାଡିସି କ୍ରେଚ୍ କେନ୍ଦ୍ର ମାନଙ୍କର ଦୈନନ୍ଦିନ ଖାଦ୍ୟ ସାରଣୀ ଅନୁଯାୟୀ ଶିଶୁଙ୍କ ପାଇଁ ଖାଦ୍ୟ ପରସା ଯିବ । କେନ୍ଦ୍ର ଗୁଡ଼ିକ ସକାଳ ୮ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଖୋଲା ରହିବ । ଏଠାରେ କର୍ମଜିବୀ ମହିଳା ତାଙ୍କର ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ କାର୍ଯ୍ୟକ୍ଷେତ୍ରକୁ ଯିବା ପୂର୍ବରୁ କ୍ରେଚ୍ କର୍ମୀଙ୍କର ଦାୟିତ୍ୱରେ ହସ୍ତାନ୍ତର କରିଯିବେ ଓ କାର୍ଯ୍ୟରୁ ଫେରିଲା ପରେ କେନ୍ଦ୍ରରୁ ଶିଶୁକୁ ଘରକୁ ନେଇଯିବେ । କ୍ରେଚ୍ କେନ୍ଦ୍ରରେ ଶିଶୁଟି ଖାଦ୍ୟ, ମନୋରଞ୍ଜନ, ଖେଳ, ଔଷଧ



ସେବନ ଓ ନିରାପଦ ପରିବେଶରେ ରହିବାର ବ୍ୟବସ୍ଥା ହୋଇଛି । ଯୋଜନା ଅନୁଯାୟୀ କ୍ରେଚ୍ କେନ୍ଦ୍ର ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସା ଓ ଆବଶ୍ୟକ ପ୍ରତିଷେଧକ ଟୀକା ଆଦି ପାଇବେ । ଶିଶୁଟି ବୃଦ୍ଧି ରେକର୍ଡର ସମସ୍ତ ବିବରଣୀ କ୍ରେଚ୍ କେନ୍ଦ୍ରରେ ଉପଲବ୍ଧ ହେବା ସହିତ ଓମ୍ୱାଡିସି କ୍ରେଚ୍ କେନ୍ଦ୍ର ଗ୍ରାମର ସମୁଦାୟ ମାଲିକାନାରେ କାର୍ଯ୍ୟକାରୀ ହେବ । କ୍ରେଚ୍ କେନ୍ଦ୍ର ପରିଚାଳନା ସମୟରେ ଉପୁଜିଥିବା କୌଣସି ପ୍ରକାରର ଅଭିଯୋଗ ଗ୍ରାମ ସମୁଦାୟ ଦ୍ୱାରା ବୁଝାମଣା ଭିତ୍ତିରେ ଶିଶୁଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନ ହେବ । ଏଠାରେ ପ୍ରକାଶ ଥାଉକି, ସାରସକଣା ବ୍ଲକ ଅଧିନସ୍ଥ ଭରଶାଣୀ ନୂଆଗାଁ ଗ୍ରାମର କ୍ରେଚ୍ କେନ୍ଦ୍ରକୁ ମମତାମୟୀ ବିଶ୍ୱାଳ ପୋଷ୍ୟ କ୍ରେଚ୍ କେନ୍ଦ୍ର ରୂପେ ଗ୍ରହଣ କରିଛନ୍ତି । ଉଦ୍‌ଘାଟନ ଉତ୍ସବରେ ଆର.ଡ଼ି.ଏ.ସି ପ୍ରକଳ୍ପ ନିର୍ଦ୍ଦେଶକ ସାଧନ ଦାଶ, ଗୁଣନିଧି ଧାରୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ସ୍ଥଳେ ୮ଟି ବ୍ଲକର କ୍ଲଷ୍ଟର ମ୍ୟାନେଜର, ସୁପରଭାଇଜର, କ୍ରେଚ୍ ସ୍ୱେଚ୍ଛାସେବୀମାନେ କ୍ରେଚ୍ କେନ୍ଦ୍ରମାନଙ୍କର ଉଦଘାଟନ ସଫଳ କରିବାରେ ସହଯୋଗ କରିଥିଲେ ।

## ସ୍ୱର୍ଗତ କୁଞ୍ଜବିହାରୀ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, ୩୦/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ଓଥକା ଗ୍ରାମର ସ୍ୱର୍ଗତ କୁଞ୍ଜବିହାରୀ ମହାପାତ୍ରଙ୍କ ଦ୍ୱାଦଶାହ ତିଥିରେ ସ୍ୱର୍ଗତ ମହାପାତ୍ରଙ୍କ ପୈତୃକ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ପୂର୍ବତନ ସରପଂଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ଭୂପତି ଭୂଷଣ ଷଣ୍ଢ, ଯୁବନେତା ମନୋଜ କୁମାର ସେଠୀ, ସାମ୍ବାଦିକ ବଲ୍ଲଭ ଚନ୍ଦ୍ର ପଲେଇ, ଅଶୋକ କୁମାର ମହାପାତ୍ର, ସତ୍ୟଜିତ୍? ମହାପାତ୍ର, ପ୍ରଶାନ୍ତ ପଣ୍ଡା, ସନ୍ତୋଷ କୁମାର ସାହୁ, ପ୍ରମୋଦ କୁମାର ନାୟକ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱର୍ଗତ ମହାପାତ୍ରଙ୍କ ପରିବାର ସଦସ୍ୟସଦସ୍ୟାମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସ୍ୱର୍ଗତ ଦୁଃଶାସନ ବେହେରାଙ୍କ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ସାଲେପୁର, ୩୦/୧୧ (ନି.ପ୍ର): ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ପିତା ସ୍ୱର୍ଗତ ଦୁଃଶାସନ ବେହେରାଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆଇନଜୀବୀ ନାରାୟଣ ଦ୍ୱିବେଦୀ, ତାପସ ରଂଜନ ଭୋଳ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତ ବେହେରାଙ୍କ ଦୁଇ ପୁତ୍ର ପ୍ରକାଶ ଚନ୍ଦ୍ର ବେହେରା ଓ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

## ଓଡିଶାର କାଶ୍ମୀର ଦାରିଙ୍ଗବାଡ଼ିରେ

### ସୂର୍ଯ୍ୟାସ୍ତର ଆନନ୍ଦ ଉପଭୋଗ କରିବା ପାଇଁ ଶାନ୍ତି ଉପତ୍ୟକାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି



ବାଲିଗୁଡା, ୩୦/୧୧ (ନି.ପ୍ର): ଓଡିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ବୁଲିବା ପାଇଁ ଆସିଲେ ଅନେକ ପର୍ଯ୍ୟଟନ କ୍ଷେତ୍ର ଦେଖିବାର ସୁଯୋଗ ପାଇଥାନ୍ତି । ହେଲେ ଏଠାରେ ଏଭଳି ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ରହିଛି, ଯେଉଁଠିକି ପର୍ଯ୍ୟଟକ ଅଧିକ ପସନ୍ଦ କରିବା ସହ ଗୋଟିଏ ମୁହୂର୍ତ୍ତ ଦେଖିବା ପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିଥାନ୍ତି । ତାହା ହେଲା ସାଇଲେଣ୍ଟ ଭ୍ୟାଲି ବା ଶାନ୍ତି ଉପତ୍ୟକା । ଦାରିଙ୍ଗବାଡ଼ି ବଜାର ଠାରୁ ପ୍ରାୟ ୨ କିମି ଦୂରତା ପର୍ଡମାହା ପଞ୍ଚାୟତକୁ ଯିବା ବାଟରେ ପଡ଼େ ଏହି ଉପତ୍ୟକା । ଯାହାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ସୂର୍ଯ୍ୟାସ୍ତର ଝଲକ ଟିକେ ପାଇବା ପାଇଁ ବହୁତ ପସନ୍ଦ କରନ୍ତି । ପୁରୀ ଜିଲାର ଚନ୍ଦ୍ରଭାଗା ଠାରେ ସୂର୍ଯ୍ୟୋଦୟ ଦେଖିବାକୁ ଯେମିତି ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ ସେମିତି ଅପରାହ୍ନ ହେଲେ ସୂର୍ଯ୍ୟାସ୍ତ ଦେଖିବାକୁ ଦାରିଙ୍ଗବାଡ଼ିର ଏହି ଶାନ୍ତି ଉପତ୍ୟକା ବୁଲିବା ପାଇଁ ପର୍ଯ୍ୟଟକ ଆସିଥାନ୍ତି । କେବଳ ସୂର୍ଯ୍ୟାସ୍ତ ନୁହଁ, ଉକ୍ତ ଉପତ୍ୟକାରେ ଶାନ୍ତି ପରିବେଶ ଚାରିଆଡେ ପାହାଡ଼ ପଦ୍ମପାଖୁଡା ଭଳି ସଜେଇ ହୋଇଥିବା ବେଳେ କିଛି ଦୂରରେ ଏକ ଘରୋଇ ରିସର୍ଟ ରହିଛି । ତାହା ଦେଖିବାକୁ ପର୍ଯ୍ୟଟକ ଖୁବ୍ ପସନ୍ଦ କରନ୍ତି । ରାସ୍ତାକଡ଼ରେ ଏହି ସବୁ ଭିୟୁ ବା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ପାହାଡ଼ ଭିତରେ ସୂର୍ଯ୍ୟ ଲୁଚି ଯାଉଥିବା ଦୃଶ୍ୟ ସବୁଠାରୁ ବେଶି ଆକୃଷ୍ଟ କରିଥାଏ । ଏଥି ପାଇଁ ଏହି ଅଞ୍ଚଳ ସଦାସର୍ବଦା ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ ।

## ଢେଙ୍କିକୋଟ ଅନ୍ତର୍ଗତ ଶ୍ରୀ ଗୁରୁକୁଳ ଶିକ୍ଷ୍ୟାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ

ପାଟଣା, ୩୦/୧୧ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଶ୍ରୀ ଗୁରୁକୁଳ ଶିକ୍ଷ୍ୟାର ଦୁଇ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଶିକ୍ଷ୍ୟାର ନିର୍ଦ୍ଦେଶିକା ସୁଶାନ୍ତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅମର ସିଂ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷ୍ୟାର ଅଧ୍ୟକ୍ଷା ନିରୁପମା ଦାଶ, ଶିକ୍ଷୟତ୍ରୀ ଶୁଭଶ୍ରୀ ଶତପଥୀ, ଲିପିକା ସାହୁ, ରୁବିନା ପରିଡା, ଶୁଭଶ୍ରୀ ଆପଟ୍ଟ, ଶ୍ରଦ୍ଧାଞ୍ଜଳି ମହାନ୍ତ, ସବିତା ନାୟକ କ୍ରୀଡା ଶିକ୍ଷକ ଲିଜା ବାରିକ ଓ ପଙ୍କଜ ନାୟକଙ୍କ ସହ ବିଣା ମହାକୁଡ, ଊର୍ମିଳା ମହାନ୍ତ ଓ ଲିଲି ନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଥିବା ବେଳେ ଶିକ୍ଷାବିତ ଧବଳେଶ୍ୱର ବେହେରା ସଭା ପରିଚାଳନା କରିଥିଲେ । ୬୫ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଦୌଡ, ଚକଲେଟ ଦୌଡ, ଗଣିତ ଦୌଡ, ବକେଟ ବଲ, ମାର୍ବଲ ଏଣ୍ଡ ସ୍ପୁନ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ବିଇଡି ମହାବିଦ୍ୟାଳୟର ଅଧ୍ୟାପକ ଦେବୀ ପ୍ରସାଦ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହେଉଛି ।

## ଘଟଗାଁ ଅନ୍ତର୍ଗତ ରୁଟିଶିଳା ଗ୍ରାମରେ ଧାନ ଅମଳ ଦିବସ ପାଳିତ

ପାଟଣା, ୩୦/୧୧ (ନି.ପ୍ର): ଘଟଗାଁ ବ୍ଲକ ରୁଟିଶିଳା ପଞ୍ଚାୟତ ଅନ୍ତର୍ଗତ ଆଙ୍କଲପଡା ଗ୍ରାମରେ ପାୟୋନିୟର କମ୍ପାନୀ ପକ୍ଷରୁ ୨୭ ପି ୩୭ ଧାନ ଫସଲ ଅମଳ ଦିବସ ପାଳିତ ହୋଇଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲା କ୍ଷେତ୍ରୀୟ ଅଧିକାରୀ ନିହାର ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଚାଷୀ ଭାଇଭଉଣୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁକ୍ଷମ ସାର ଓ କୀଟନାଶକ ପ୍ରୟୋଗ କଲେ ଧାନରେ କିପରି ରୋଗ ପୋକ ନିୟନ୍ତ୍ରଣ ହୋଇପାରିବ ସେ ନେଇ ବିସ୍ତୃତ ଭାବେ ବୁଝାଇବା ସହ ଆଲୋଚନା ହୋଇଥିଲା । ଏହି ୨୭ପି୩୭ ଧାନ ଚାଷର ଗୁଣାତ୍ମକ କ୍ରପ୍ କଟିଂ ରୁ ଜଣାଗଲା ଯେ ଗୋଟେ ଏକର ଧାନ ଚାଷ ଜମିରୁ ୩୭ କୁଇଣ୍ଟାଲ ଧାନ ଅମଳ ହୋଇଛି । ଏହି ଧାନ ଫସଲ ଅମଳ ଦିବସ ପାଳିତ କାର୍ଯ୍ୟକ୍ରମରେ ରୁଟିଶିଳା ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଏମଡିଆର ସୁରେନ୍ଦ୍ର କୁମାର ମହାନ୍ତ ପରିଚାଳନା କରିଥିବା ବେଳେ ଅଗ୍ରଣୀ ଚାଷୀ ଭାବେ ଈଶ୍ୱର ନାଏକ, ରଞ୍ଜନ କୁମାର ନାଏକ, ପ୍ରମିଳା ନାଏକ, ଗନ୍ଧା ନାଏକ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଠାରେ ଉଭିଦ ବିଜ୍ଞାନ ବିଭାଗର ସେମିନାର ଅନୁଷ୍ଠିତ

ନିମାପଡା, ୩୦/୧୧ (ନି.ପ୍ର): ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ବିନୋଦିନୀ ଦାଶଙ୍କ ଅଧ୍ୟକ୍ଷତାରେ ଉଭିଦ ବିଜ୍ଞାନ ବିଭାଗର ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ଅଧ୍ୟାପିକା ଡକ୍ଟର ବନାନୀ ମହାନ୍ତି ଯୋଗଦେଇ 'ବାଇଓପ୍ଲାଷ୍ଟିକ' ବିଷୟ ଉପରେ ଆଲୋଚନା କରିଥିଲେ । ନିଗମାନନ୍ଦ ମହାବିଦ୍ୟାଳୟର ଉଭିଦ ବିଜ୍ଞାନର ମୁଖ୍ୟ ଅଧ୍ୟାପିକା ମଧୁସ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ବିଭାଗର ଅଧ୍ୟାପିକା ମେନକା ନାୟକ ବିଷୟ ବସ୍ତୁର ପ୍ରାକ ସୂଚନା ଦେଇଥିଲେ । ଏହି ସଭାରେ ଏନସିସି ମେଜର ପୁଷ୍ପଲତା ଦତ୍ତ, ଅଧ୍ୟାପିକା ଇତିଶ୍ରୀ ସାହୁ, ସଂଗୀତା ଦାଶ, ଓଡ଼ିଆ ବିଭାଗର ମୁଖ୍ୟ ଶ୍ରମିଷ୍ଠା ରାଣୀ ମହାନ୍ତି, ଉଭିଦ ବିଜ୍ଞାନ ବିଭାଗର ପ୍ରଦର୍ଶନକର୍ତ୍ତା ସବ୍ୟସାଚୀ ନାୟକ ଓ ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସର୍ବଶେଷରେ ବିଭାଗର ମୁଖ୍ୟ ଅଧ୍ୟାପିକା ଶ୍ରୀମତୀ ମହାପାତ୍ର ଓ ଅଧ୍ୟାପିକା ମେନକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱତନ୍ତ୍ର ହାଟ 'ରଙ୍ଗାମାଟିଆ' ଜିନିଷ କିଣିବାକୁ ଲୋଡ଼ା ନାହିଁ ଟଙ୍କା



ବାରିପଦା: ଏଠି ବ୍ୟବସାୟ ପାଇଁ ନଗଦ ଟଙ୍କା ନେଣଦେଣ ହୁଏନି। ଅନ୍‌ଲାଇନ୍ ପେମେଣ୍ଟ ବ୍ୟବସ୍ଥା ତ ଦୂରର କଥା, ଏଠାରେ ଆଜି ବି ଚାଲିଛି ମୁଦ୍ରା ପ୍ରଚଳନ ପୂର୍ବର ବଦଳ ବ୍ୟବସ୍ଥା। ଏମିତି ଏକ ବିରଳ ହାଟ ହେଉଛି ମୟୂରଭଞ୍ଜ ଜିଲ୍ଲାର ରଙ୍ଗାମାଟିଆ ସାପ୍ତାହିକ ହାଟ। ଶାମାଖୁଣ୍ଟା ବ୍ଲକ୍ ରଙ୍ଗାମାଟିଆ ପଞ୍ଚାୟତର ଏହି ହାଟ ପ୍ରତି ଶନିବାର ବସେ। ଦିନ ୨ଟାରୁ ରାତି ଯାଏ ଏଠାରେ ଶହଶହ ଗ୍ରାହକଙ୍କ ଭିଡ଼ ଜମେ। ତେବେ ଏହି ହାଟରୁ କିଛି ସାମଗ୍ରୀ କିଣିବା ପାଇଁ ହେଲେ ଲୋକଙ୍କୁ ଟଙ୍କା ପଇସା ଧରି ଆସିବାକୁ ପଡ଼େନି। ବରଂ ଧାନଚାଉଳ ଧରି ହାଟ ସଉଦା କରିବାକୁ ଆସନ୍ତି। ନିଜ ପସନ୍ଦର ସାମଗ୍ରୀ ନିଅନ୍ତି ଓ ବଦଳରେ ଧାନଚାଉଳ ଦିଅନ୍ତି। ପନିପରିବାଠାରୁ ଆରମ୍ଭ କରି ଲୁଗାପଟା ପର୍ଯ୍ୟନ୍ତ ସବୁକିଛି ଏଠି ଉପଲବ୍ଧ ଓ ଏସବୁ କିଣାବିକା ଚାଲେ ସାମଗ୍ରୀ ବଦଳରେ। ସେହିପରି ଧାନଚାଉଳ ଓଜନ କରିବା ପାଇଁ ବି ଏଠାରେ ବିଶେଷ ଚିନ୍ତା କରିବାକୁ ପଡ଼େନି। କେବଳ ହାତରେ ଭାଗ ଭାଗ କରିଦେଲେ ଅନ୍ୟ ଲୋକଟି ବିଶ୍ୱାସରେ ନେଇଯାଏ। ରଙ୍ଗାମାଟିଆ ଗାଁର ରଘୁନାଥ ସିଂ' କହିଛନ୍ତି, ପିଲାଟି ଦିନରୁ ମୁଁ ଏ ହାଟକୁ ଆସୁଛି। ଏଠାରୁ ସମ ମୂଲ୍ୟର ଜିନିଷ ଦେଇ ନିଜ ଆବଶ୍ୟକ ଜିନିଷ ନେଉଛି। ଏଠାରେ ବ୍ୟବସାୟ କରୁଥିବା ସାଗରିକା ସିଂଙ୍କ କହିବା ଅନୁସାରେ ସବୁ ହାଟ ପାଳିରେ ମୁଁ ପନିପରିବା ଧରି ୨ଟା ବେଳେ ପହଞ୍ଚେ। ସନ୍ଧ୍ୟା ସୁଦ୍ଧା ପନିପରିବା ବଦଳରେ ଧାନଚାଉଳ ନେଇ ଘରକୁ ଯାଏ। ଏଥିସହ ନିଜ ଘର ପାଇଁ କିଛି ନେବାର ଥିଲେ, ପାଇଥିବା ଚାଉଳରୁ ଦୋକାନୀଙ୍କୁ ଦେଇ ନିଜ ପସନ୍ଦର ସାମଗ୍ରୀ ନିଏ। ଏଠାରେ ଆମେ ଲାଭ ଦେଖି ନଥାଉ, ବରଂ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଏକ ଅତୁଟ ବିଶ୍ୱାସରେ ହିଁ ଏହି ହାଟ କେଉଁ କାଳରୁ ଚାଲି ଆସିଛି ବୋଲି କହିଛନ୍ତି ସ୍ଥାନୀୟ ବ୍ୟବସାୟୀ ଅକାଳି ଚରଣ ସିଂ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ

ପାଟଣା, ୩୦/୧୧ (ନି.ପ୍ର):ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈତରଣୀ ବିହାରର ୨୮ ତମ ବାର୍ଷିକ କ୍ରୀଡ଼ା ଆଜି ଉଦଯାପିତ ହୋଇ ଯାଇଛି । ଦୁଇଦିନ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ବଡ଼ପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯୁବ ସମାଜସେବୀ ତଥା ପାଟଣା ପ୍ରେସ କ୍ଲବ ସମ୍ପାଦକ ବିଜୟ ରତ୍ନ ପତି, ପରିଚାଳନା ସମିତି ଉପସଭାପତି ମଦନମୋହନ ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାର୍ଷିକ କ୍ରୀଡ଼ାକୁ ଶିଶୁମନ୍ଦିରର ଶାରୀରିକ କ୍ରୀଡ଼ା ପ୍ରମୁଖ ଗଜେନ୍ଦ୍ର କୁମାର ମହାନ୍ତ ପରିଚାଳନା କରିବା ସହିତ ବାର୍ଷିକ କ୍ରୀଡ଼ାର ବିବରଣୀ ପାଠ କରିଥିଲେ । ଏଠାରେ ବିଭିନ୍ନ ଖେଳକୁଦ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବୀକା ମାନେ ସହଯୋଗ କରିଥିଲେ । ଶିଶୁ ମନ୍ଦିରର ଗୁରୁଜୀ ପ୍ରମୋଦ କୁମାର ମହାନ୍ତ, ବେଣୁଧର ମହାନ୍ତ, ଶମ୍ଭୁନାଥ ସେଠୀ, ହୀରାଲାଲ ମହାନ୍ତ, ରବୀନ୍ଦ୍ର କୁମାର ନାଏକ, ଶୋଭାଶ୍ରୀ ଷଡଙ୍ଗୀ, ରେବତୀ ତ୍ରିପାଠୀ, ସବିତା ମହାନ୍ତଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ମନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଦାରିଙ୍ଗବାଡ଼ି ମା' ଠାକୁରାଣୀ ମନ୍ଦିର କମିଟିର ବୈଠକ ଅନୁଷ୍ଠିତ

ବାଲିଗୁଡା, ୩୦/୧୧ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ମା'ଠାକୁରାଣୀ ମନ୍ଦିର କମିଟି ପକ୍ଷରୁ ଶୁକ୍ରବାର ଡୁଲୁରୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ତଥା ବଣିକ ସଂଘର ସଭାପତି ଲଡୁ କିଶୋର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଭଗବାନ ସାହୁ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡ଼ି ସରପଞ୍ଚ ତଥା କାର୍ଯ୍ୟକାରୀ ସଭାପତି ଚନ୍ଦ୍ରିକା ମଲିକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ଜଳେଶ୍ୱର ବାବା ବୋଲବମ ସଂଘର ସଭାପତି ପ୍ରଦୀପ କୁମାର ସାହୁ, ଭାଗବତ ଟୁଙ୍ଗିର ସଭାପତି ସରୋଜ ସାହୁ, ଟୁକୁନା ସାହୁ, ପ୍ରମୋଦ ସାହୁ, ମଣ୍ଟୁ ସାହୁ ପ୍ରମୁଖ ଯୋଗଦେଇ ଅର୍ଦ୍ଧ ନିର୍ମିତ ରହିଥିବା ମା' ଠାକୁରାଣୀଙ୍କ ମନ୍ଦିର କିଭଳି ସମ୍ପୂର୍ଣ୍ଣ କରାଯିବା ତଥା ସମ୍ପୂର୍ଣ୍ଣ ନୀତିକାନ୍ତିରେ କିଭଳି ପୂଜାର୍ଚ୍ଚନା କରାଯିବା ସହ ଦୈନିକ ଭୋଗ ଲାଗି କରାଯିବା ଆଦି ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ବଡ଼ ଧୂମ୍ ?ଧାମରେ ଏହି ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପୁଣି ଆଗାମୀ ୩ ବର୍ଷ ପରେ ଏହି ଯାତ୍ରା କିଭଳି ବଡ଼ ଧୂମ୍ ?ଧାମରେ ପାଳନ କରାଯିବ ଓ ଯୁବପିଢ଼ି ଏହାକୁ କିଭଳି ଆଗକୁ ନେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଲୋକ ଯୋଗଦାନ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

## ନିଶ୍ଚିନ୍ତକୋଇଲି ଅଞ୍ଚଳର ୮୦୨ରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ

ନିଶ୍ଚିନ୍ତକୋଇଲି, ୩୦/୧୧ (ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନରେ ଥିବା ୨୭ ଟି ପଂଚାୟତର ୮୦୨ ରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଛି । ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିଥିଲେ । ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ କେହିବି ଜଣେ ଯୋଗ୍ୟ ହିତାଧିକାରୀ ଯେପରି ରାସନକାର୍ଡ ପାଇବାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଶ୍ରୀ ପ୍ରଧାନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାଛଡା ଯେଉଁ ହିତାଧିକାରୀମାନଙ୍କ ଇ-ଶ୍ରମ କାର୍ଡ ଅଛି ସେମାନେ ମଧ୍ୟ ପଡିକାର୍ଡ ହିତାଧିକାରୀ ହୋଇ ପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାଶ ଯୋଗ ଦେଇଥିଲେ ।


## ନିମାପଡା ଏନଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ନିମାପଡା, ୩୦/୧୧ (ନି.ପ୍ର):ପୁରୀ ଜିଲ୍ଲା ନିମାପଡା ଏନଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଚିନ୍ମୟ ଦାସ ଯୋଗଦାନ କରିଛନ୍ତି । ଶ୍ରୀ ଦାସ ପୂର୍ବରୁ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ସହକାରୀ ଜିଲ୍ଲାପାଳ ଭାବେ କାର୍ଯ୍ୟକରି ବେଶ ଲୋକପ୍ରିୟ ହୋଇଛନ୍ତି । ସେ ନିମାପଡା ବାସୀଙ୍କର ସେବା କରିବା ସହ ନିମାପଡା ଏନଏସିକୁ ସ୍ୱଚ୍ଛ ଓ ନିର୍ମଳ ଭାବେ ଗଢି ତୋଳିବାକୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି । ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ନିଷ୍ଠା ଓ ସଫଳତାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।

## ମୟୂରଭଞ୍ଜ ଜିଲ୍ଲା କାନଖାଁରେ ଚତୁଃ-ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

ଜାମଦା, ୩୦/୧୧ (ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାନଖା ଗ୍ରାମର ବିବିଓ୍ୱାଇ କ୍ଲବ ଆନୁକୂଲ୍ୟରେ ଚାରି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମୁଖ୍ୟଅତିଥୀ ଭୂତପୂର୍ବ ସରପଞ୍ଚ କାହ୍ନୁ ଚରଣ ହାଁସଦାଃ, ସମ୍ମାନୀୟ ଅତିଥୀ ପିକେ.ଏସ ଙ୍କ ଉପସ୍ଥିତିରେ ଉଦଘାଟନ କରାଯାଇ ଶୁଭାରମ୍ଭ କରାଯାଇଛି । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୋଟ ୬୪ ଗୋଟି ଟିମ ତଥା ଗ୍ରୁପ ମାଧ୍ୟମରେ ଅନୁଷ୍ଠିତ ହେଉଛି । ସମ୍ପାଦକ ଖିଦୁ ମାର୍ଣ୍ଡି, ସହ ସମ୍ପାଦକ ବିନୋଦ ସୋରେନ୍, ସଭାପତି ରାମରାଏ ସୋରେନ୍, ଉପସଭାପତି ମଙ୍ଗଳ ହାଁସଦାଃଙ୍କ ପ୍ରଚେଷ୍ଟାରେ ଖେଳ ଅନୁଷ୍ଠିତ ହେଉଛି ।

# ବାଘଛାଲ ସହ ଦେଶୀ ବନ୍ଧୁକ ଜବତ ଦୁଇ ଅଭିଯୁକ୍ତ ଅଟକ, ମୁହଁ ଖୋଲୁନି ବିଭାଗ



ଫୁଲବାଣୀ ତା,୩୦/୧୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ବନ ବିଭାଗ ପକ୍ଷରୁ ବାଘ ଛାଲ ଓ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଏ ନେଇ କିନ୍ତୁ ବନବିଭାଗ ମୁହଁ ଖୋଲୁ ନାହାନ୍ତି । ଘଟଣାରୁ ପ୍ରକାଶ ଯେ, ଜି.ଉଦୟଗିରି ବନବିଭାଗ ଅନ୍ତର୍ଗତ କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ବନ କର୍ମଚାରୀ ମାନେ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ଏକ ଦେଶୀ ବନ୍ଧୁକ ପାଇଥିବା ବେଳେ ଏହି ଘଟଣାରେ ଦୁଇ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଛି । ବନ ବିଭାଗ ଏହି ବାଘ ଶିକାରରେ ଅନ୍ୟ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ନେଇ ତନାଘନା ଚଳାଇଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । କିନ୍ତୁ ଏହି ଘଟଣାକୁ ନେଇ ବନ ବିଭାଗ ଅଧିକାରୀ ମୁଁହ ଖୋଲୁନାହାନ୍ତି କି କୌଣସି ପ୍ରତିକ୍ରିୟା ଦେବାକୁ ମଧ୍ୟ ପ୍ରସ୍ତୁତ ନାହାନ୍ତି । ଜି. ଉଦୟଗିରି ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉନଥିବା ବେଳେ ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବନ ବିଭାଗ କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇ ମୁଖ୍ୟ ଫାଟକ ବାହାରେ ଦୀର୍ଘ ସମୟ ଅପେକ୍ଷା କରି ଫେରି ଯାଇଥିଲେ । ଏ ସମ୍ପର୍କରେ ଜି. ଉଦୟଗିରି ବନ ବିଭାଗ ଏସିଏଫ କାଜଲ ନାୟକଙ୍କୁ ଫୋନ ଯୋଗେ ପଚାରିବା ପରେ ସେ ତଦନ୍ତ ଚାଲିଛି ଓ ଆପଣମାନେ ସହଯୋଗ କରନ୍ତୁ ବୋଲି କହିଥିଲେ । ଡିଏଫଓ ସାର ଆସିଲେ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି କହିଥିବା ବେଳେ ଫୁଲବାଣୀ ଡିଏଫଓ ପ୍ରଶାନ୍ତ ପଟେଲଙ୍କୁ ଏହି ଘଟଣା ବିଷୟରେ ପଚାରିବାରେ ସେ ଏବେ କିଛି କହି ହେବନି, ତଦନ୍ତ ଚାଲିଛି ବୋଲି କହିଛନ୍ତି । ତଦନ୍ତରେ ବାଧା ସୃଷ୍ଟି ହେବ, ଏଣୁ ତଦନ୍ତ ସାରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ବିଦ୍ୟାଳୟ ଅର୍ଥ ଆତ୍ମସାତ ଅଭିଯୋଗରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ବାଲିଗୁଡା, ୩୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଭିଜିଲାନ୍ସ ଜଜ ଏକ ଦୁର୍ନୀତି ଓ ଅର୍ଥ ଆତ୍ମସାତ ମାମଲାର ସାକ୍ଷ ପ୍ରମାଣକୁ ଭିତ୍ତି କରି ବାଲିଗୁଡା ବ୍ଲକ ଅନ୍ତର୍ଗତ ଡୁକୁଲାମିଲା ନୂତନ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ନନ୍ଦନ କେଶରୀ ନାୟକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବାସହ ଦଶ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ରାୟ ପ୍ରକାଶ ପରେ ଶ୍ରୀ ନାୟକଙ୍କୁ ଜେଲକୁ ପଠାଯାଇଛି । ସୂଚନା ଯୋଗ୍ୟ ଯେ, ପ୍ରଧାନ ଶିକ୍ଷକ ଶ୍ରୀ ନାୟକ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଆସିଥିବା ଅନୁଦାନ ଅର୍ଥରେ ବିଦ୍ୟାଳୟ ଗୃହ ନିର୍ମାଣ ନକରି ସିଧାସଳଖ ଚଲୁ କରି ଦେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ୟୁ/ଏସ ୧୩ (୨) ଆର/ଡ଼ବ୍ଲ୍ୟୁ ୧୩ (୧)(ସି)(ଡି) ପିସି ଆକ୍ଟ ୧୯୮୮/୪୦୯/୧୨୦(ବି)ରେ ଏକ ମାମଲା ରୁଜୁ କରାଯାଇଥିଲା । ଶୁକ୍ରବାର ଏହାର ବିଚାର କରାଯାଇ ଚୂଡାନ୍ତ ରାୟ ପ୍ରକାଶ ପାଇଛି ।

# ମିଳୁଛି ସରକାରଙ୍କ ପ୍ରୋତ୍ସାହନ, ବଢ଼ୁଛି ଆଳୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ



ଭୁବନେଶ୍ୱର, ୩୦/୧୧ : ପଶ୍ଚିମବଙ୍ଗ ସରକାରଙ୍କ ନାଲି ଆଖି ଦେଖି ରାଜ୍ୟ ସରକାର ଆଳୁ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଯେଉଁଥିପାଇଁ ଆଳୁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି। ଚଳିତବର୍ଷ କେନ୍ଦୁଝର ଜିଲ୍ଲାରେ ୧୩ ବ୍ଲକରେ ୫୭୫ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ରଖିଥିବା ବେଳେ ଚାଷୀଙ୍କୁ ୬୨୪୨ କ୍ୱିଣ୍ଟାଲ୍ ଉନ୍ନତ ମାନର ଆଳୁ ବିହନ ବଣ୍ଟନ କରିସାରିଲାଣି। ବିହନ ପାଇବା ପାଇବା ପରେ ଚାଷୀମାନେ ଚାଷ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଆଳୁ ଚାଷ ପାଇଁ ଅନୁକୂଳ ପରିବେଶ ରହିଛି। ବୈତରଣୀ ପରି ଚୀର ସ୍ରୋତା ନଦୀ ବୋହି ଯାଇଥିବା ବେଳେ କାନପୁର, ଦେଓ ଜଳ ସେଚନ ପ୍ରକଳ୍ପ, ସାପୁଆ ଡ୍ୟାମ ଓ ବଡ଼ବଡ଼ ନାଳ ଜିଲ୍ଲାରେ ରହିଛି। ତେଣୁ ଜିଲ୍ଲାରେ ପାଣିର ଅଭାବ ନଥିବାରୁ କାହିଁ କେଉଁ କାଳରୁ ଆଦିବାସୀମାନେ ନିଜ ପାଇଁ ପାରମ୍ପରିକ ଭାବେ ଆଳୁ ଚାଷ କରୁଥିଲେ। ତେବେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଆଳୁ ଚାଷୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ସରକାର। ତେଣୁ ଜିଲ୍ଲାର ଚାଷୀମାନେ ଆଳୁ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ଉଦ୍ୟାନ ବିଭାଗ ଜିଲ୍ଲାର ତେଲକୋଇ, ଚମ୍ପୁଆ, ଯୋଡ଼ା, ଘଟଗାଁ, ବାଂଶପାଳ, ହରିଚନ୍ଦନପୁର, ଘଷିପୁରା, ହାଟଡିହି, ଆନନ୍ଦପୁର, ପାଟଣା, ସାହାରପଡ଼ା, କେନ୍ଦୁଝର ସଦର ଓ ଝୁମ୍ପୁରା ବ୍ଲକରେ ୫୭୫ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ସୁଦ୍ଧା ୬୨୪୨ କ୍ୱିଣ୍ଟାଲ୍ ଆଳୁ ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଛି। ଆହୁରି ୩୦୦ କ୍ୱିଣ୍ଟାଲ୍ ଆଳୁ ବିହନ ଆସିଛି। ଖୁବ୍‌ଶୀଘ୍ର ଚାଷୀଙ୍କୁ ସେହି ବିହନ ବଣ୍ଟାଯିବ ବୋଲି ଉଦ୍ୟନ କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବିହନ ପାଇବା ପରେ ଚାଷୀମାନେ ଚାଷ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଜିଲ୍ଲାର ୧୩ ବ୍ଲକରେ କିଛି କିଛି ଆଳୁ ଚାଷୀଙ୍କୁ ନେଇ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ୍ (FPO) ଗ୍ରୁପ୍ ଗଠନ କରାଯାଇଛି। ଉଦ୍ୟାନ କୃଷି ତରଫରୁ FPOକୁ ସବୁ ପ୍ରକାଶ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। କ୍ଷେତକୁ ପାଣି ଯୋଗାଇବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଯେଉଁଠି ଜଳ ଯୋଗାଣର ବ୍ୟବସ୍ଥା ନାହିଁ, ସେଠାରେ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ବୋରୱେଲ ଖୋଳାଯାଇ ସୋଲାର ପମ୍ପ ସାହାଯ୍ୟରେ ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଛି। ଏଥିରୁ ଚାଷୀମାନେ ବେଶ ଲାଭବାନ ହେବେ ବୋଲି ଆଶା ରଖିଛନ୍ତି। ୫୭୫ ହେକ୍ଟର ଜମିରୁ ଏକ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ୍ ଆଳୁ ଉତ୍ପାଦନ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଟାର୍ଗେଟ ରଖିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଅମଳ ହେବାକୁ ଆଳୁ ରହିବ କେଉଁଠି ? ସେଥିପାଇଁ ପ୍ରଶାସନ ତରଫରୁ କ'ଣ ବ୍ୟବସ୍ଥା କରାଯାଇଛି ଏନେଇ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ କହିଛନ୍ତି, ଜିଲ୍ଲାରେ ବର୍ତ୍ତମାନ ଗୋଟିଏ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଆଉ ଗୋଟିଏରେ ମେସିନ୍ ଠିକ୍ ନାହିଁ। ମରାମତି ଚାଲିଛି, ଚଲାଇବେ। ତାହାଛଡ଼ା ୩ ସବ୍‌ଡିଭିଜନ୍‌ରେ ୩ଟି ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ସେଥିପାଇଁ ସ୍ଥାନ ଚିହ୍ନଟ କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

## ୪୮ ଘଣ୍ଟା ମଧ୍ୟରେ ଚାଷୀ ପାଇବେ ଏମଏସପି ସହାୟତା ରାଶି



ଭୁବନେଶ୍ୱର,୩୦/୧୧ : ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟରେ ଧାନକିଣା ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି । ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟତା ମୂଲ୍ୟ ପାଇପାରୁଛନ୍ତି । ଏଥି ନିମନ୍ତେ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଭାବେ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ଦିନରାତି ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକରି ଚାଷୀମାନଙ୍କ ହିତରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । କୌଣସି ଅଭିଯୋଗ ଆସିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ଯୋଗାଣ ବିଭାଗ ପକ୍ଷରୁ ଏଥି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏହି ଅଧିକାରୀମାନେ ଚାଷୀମାନଙ୍କ ହିତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରିବା ସହ ସେମାନଙ୍କ ପ୍ରାପ୍ୟ ପାଇବାକୁ କାର୍ଯ୍ୟ କରୁଛନ୍ତି । ସୂଚନାଯୋଗ୍ୟ, ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରାରମ୍ଭିକ ଭାବେ ମ୍ୟାପିଂ କରାଯିବା ସହ ଶତପ୍ରତିଶତ ଭାବେ ଯାଞ୍ଚ କରାଯାଉଛି । ଏହାକୁ ବୈଷୟିକ ଉପଯୋଗୀ କରାଯାଇ ଡିଜିଟାଲ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ଏହି ପ୍ରାପ୍ୟ ପ୍ରଦାନ କରାଯାଉଛି । ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନିଆଯାଉଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଉପଯୋଗୀ ପଦକ୍ଷେପ ଗ୍ରହଣ କରିଛନ୍ତି ।

## ବୈତରଣୀ ନଦୀକୁ ଧସିଲା ୨ଶହ ଫୁଟର ସୁରକ୍ଷାବନ୍ଧ



ଆରଡି: ଯାଜପୁର ଜଳସେଚନ ବିଭାଗ ଅଧିନରେ ଥିବା ବୈତରଣୀ ନଦୀର ଆରଡି ନିକଟସ୍ଥ ବୋଡକ ଠାରୁ ମୁଆଁ ତିନିତର ନଦୀଘାଟ ପର୍ଯ୍ୟନ୍ତ ସୁରକ୍ଷାବନ୍ଧର ମୁଆଁ ଗାଁ ନିକଟରେ ପ୍ରାୟ ୨ଶହ ଫୁଟ ସୁରକ୍ଷାବନ୍ଧ ନଦୀଗର୍ଭରେ ଲିନ୍ନ ହୋଇଯିବାରୁ ଗାଁ ଲୋକଙ୍କ ସହ ଚାଷୀମାନେ ଆତଙ୍କିତ ହୋଇ ପଡିଛନ୍ତି। ଆଗକୁ ଅମାବାସ୍ୟା ତିଥି ଥବାରୁ ଧାମରା ସମୁଦ୍ରମୁହାଣରୁ ଆସୁଥିବା ଜୁଆରପାଣିରେ ବୈତରଣୀ ଉଛୁଳିବା ସହିତ କୂଳ ଲଂଘିବାରେ ଲାଗିଛି। ଫଳରେ ଗତ ଗୁରୁବାର ଓ ଶୁକ୍ରବାର ମୁଆଁ ନିକଟରେ ଥିବା ବୈତରଣୀନଦୀର ସୁରକ୍ଷା ମାଟିବନ୍ଧ ୨ଶହ ଫୁଟ ଲମ୍ବର ନଦୀକୁ ଧସିଯାଇଥିବା ବେଳେ ଯାତାୟତ ରାସ୍ତା ମଧ୍ୟ ନଦୀ ମଧ୍ୟକୁ ଚାଲିଯାଇଛି। ଫଳରେ ପୂର୍ବରୁ ଥିବା ୨୦ଦ୍ୱ୨୪ଫୁଟ ଓସାର ରାସ୍ତା ଏବେ ୪ଦ୍ୱ୫ଫୁଟରେ ରହିଛି। ଯାହାକୁ ନେଇ ଏବେ ଆତଙ୍କିତ ହୋଇପଡିଛନ୍ତି ମୁଆଁ ଗାଁର ଲୋକଙ୍କ ସହ ଶହଶହ ଚାଷୀ। ବଳକା ନଦୀବନ୍ଧ ରାସ୍ତା ଯଦି ନଦୀରେ ଧୋଇଯାଏ ତାହାଲେ ଶହଶହ ଏକର ଚାଷଜମିରେ ନଦୀପାଣି ମାଡିଯିବା ସହ ୨୦ଖଣ୍ଡ ଗାଁର ଶହଶହ ଚାଷୀ ପ୍ରଭାବିତ ହେବେ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧ ମରାମତି କାର୍ଯ୍ୟ ଅତି ନିମ୍ନ ମାନରେ ହେଉଥିବାରୁ ଏପରି ବାରମ୍ବାର ନଦୀର ସୁରକ୍ଷାବନ୍ଧ ନଦୀକୁ ଧସିଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତୁରନ୍ତ ନଦୀବନ୍ଧର ମରାମତି ସହ ପଥର ପ୍ୟାକିଂ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ଖସିଲାଣି ଗଞ୍ଜାମ ଜଳ, ଭଣ୍ଡାରର ଜଳସ୍ତର ଘର ଓ କ୍ଷେତକୁ ମିଳିବନି ପାଣି

ଭଞ୍ଜନଗର: ଜଳ ଶୂନ୍ୟ ହେବ ଗଂଜାମ ଜିଲା। ଜିଲାର ଏକଦା ଭାତ ହାଣ୍ଡି କୁହାଯାଉଥିବା ଭଞ୍ଜନଗର ରସଲକୋଣ୍ଡା ଘାଇ, ସୋରଡା ଜଳଭଣ୍ଡାର, ବାଘୁଆ, ଡହ, ଓ ଜାନିବିଲି ପ୍ରକଳ୍ପ ଜଳଶୂନ୍ୟ ହେବାରେ ଲାଗିଛି। ନଭେମ୍ବର ପ୍ରଥମ ସପ୍ତାହରୁ ଏପରି ସ୍ଥିତି ବିଭାଗୀୟ କର୍ମଚାରୀଙ୍କୁ ଚିନ୍ତାରେ ପକାଇଛି। ଭଂଜନଗର ଜଳ ଭଣ୍ଡାରରେ ମାତ୍ର ୨୨ ପ୍ରତିଶତ ପାଣି ଥିବା ବେଳେ ସୋରଡା ଜଳ ଭଣ୍ଡାରରେ ମାତ୍ର ୨୩ ପ୍ରତିଶତ ଜଳ ରହିଥିବା ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ କହିଛନ୍ତି। ୨୦୧୭ ତିତ୍‌ଲି ଝଡ଼ ପରଠାରୁ ଗଂଜାମ ଜିଲାରେ ଆପାତତଃ ବର୍ଷା-ବନ୍ୟା ନ ଥିବାରୁ ଏପରି ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଥିବା ଜଳ ସଂପଦ ବିଭାଗ ତରଫରୁ କୁହାଯାଇଛି। ତେବେ, ଋଷିକୁଲ୍ୟା ସେଚ ପ୍ରଣାଳୀରେ ଭଂଜନଗର ଜଳ ଭଣ୍ଡାର ସମେତ ବିଭିନ୍ନ ନଦୀ ଓ ସେଚ ପ୍ରକଳ୍ପ ଦ୍ୱାରା ପ୍ରାୟ ଦେଢ ଲକ୍ଷ ଏକର ଜମିକୁ ଜଳସେଚିତ କରିବାର ବ୍ୟବସ୍ଥା ଥିଲା। ମାତ୍ର ଚଳିତ ବର୍ଷ ଚାଷୀ ପାଇଁ ଜଳସଙ୍କଟ ଧାନର ଗର୍ଭାବସ୍ଥା ସମୟରେ ଦେଖାଯାଇଛି। ଭଂଜନଗର ଓ ବ୍ରହ୍ମପୁର ସହରବାସୀଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତାକୁ ଆଖି ଆଗରେ ରଖି ଧାନ ଫସଲକୁ ଜଳ ଯୋଗାଣ ବନ୍ଦ କରି ଦିଆଯାଇଛି। ଫଳରେ ଖରିଫ ଚାଷ ଗୁରୁତର ପ୍ରଭାବିତ ହେବା ଆଶଙ୍କା ରହିଛି। ଏହା ଆଗକୁ ମଧ୍ୟ ଜିଲାବାସୀଙ୍କ ଲାଗି ଗୁରୁତର ପାନୀୟ ଜଳ ସଙ୍କଟ ସୃଷ୍ଟି କରିବା ଆଶଙ୍କା ବଢିଛି। ରସଲକୋଣ୍ଡା ଜଳ ଭଣ୍ଡାରରେ ଗଚ୍ଛିତ ଜଳ ଆଉ ୨/୩ ମାସରେ ଶୁଖିଯିବ। ଫଳରେ ମାର୍ଚ୍ଚ ଓ ଏପ୍ରିଲରେ ଜଳ ସଙ୍କଟ ଉଗ୍ରରୂପ ନେଇପାରେ। ଏଭଳି ପରିସ୍ଥିତି ହେଲେ ଭଂଜନଗର ସହରବାସୀଙ୍କୁ ଜଳ ଯୋଗାଣ ଅସମ୍ଭବ ହୋଇପଡିବ ବୋଲି ବିଭାଗ ଆକଳନ କରିଛି। ବ୍ରହ୍ମପୁର ସହରବାସୀଙ୍କ ପାଇଁ ଭଂଜନଗର, ସୋରଡା ଓ ଜାନିବିଲିରୁ ମଧ୍ୟ ଜଳ ଯୋଗାଣ ବନ୍ଦ ହୋଇଯିବ। ଆଗାମୀ ଦିନରେ ବର୍ଷା ନ ହେଲେ ଉଭୟ ସହରବାସୀ କୌଣସି ଜଳ ଭଣ୍ଡାରରୁ ପାଣି ଟୋପେ ପାଇବେ ନାହିଁ। ଏଭଳି ପରିସ୍ଥିତିର ବିକଳ୍ପ ସୂତ୍ର ଏଯାବତ୍ ମିଳି ପାରିନାହିଁ। ଅନ୍ୟପକ୍ଷରେ ବ୍ରହ୍ମପୁର ସହରବାସୀଙ୍କୁ ଜଳ ସଙ୍କଟରୁ ରକ୍ଷା କରବା ପାଇଁ ପିପଲପଙ୍କା ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ମାତ୍ର ଅଂଚଳବାସୀଙ୍କ ବିରୋଧ ଯୋଗୁଁ ଏହା ଅଧାବାଟରେ ଅଟକିଛି। ଏଠାରେ ଅଂଚଳବାସୀ ପ୍ରାୟ ୭୦/୮୦ ଏକର ଜମି ନିଜସ୍ୱ ଖତିୟାନର ପଟ୍ଟାଥିବା ବେଳେ ୯୦/୧୦୦ ଏକର ଜମି ସରକାରୀ ଖତିୟାନରେ ରହିଛି। ଜଙ୍ଗଲ ଜମିରେ ଥିବା ପ୍ରାୟ ୧୫ ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଦୁଇ ପାହାଡକୁ ସଂଯୋଗ କରି ପିପଲପଙ୍କା ଜଳ ଭଣ୍ଡାର ନିର୍ମାଣକୁ ଅଂଚଳବାସୀ ବିରୋଧ କରୁଥିବା ବେଳେ ଋଷିକୁଲ୍ୟା ବଞ୍ଚାଅ ଅଭିଯାନର ବିରୋଧ ମୁଣ୍ଡବ୍ୟଥାର କାରଣ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟ, ୧୩୫ ବର୍ଷ ତଳେ ବ୍ରିଟିଶ୍ ଶାସନ ସମୟରେ ରସଲକୋଣ୍ଡା (ବର୍ତ୍ତମାନର ଭଂଜନଗର) ଅଂଚଳ ଓ ବ୍ରହ୍ମପୁର ଅଂଚଳବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଭଂଜନଗର ଜଳ ଭଣ୍ଡାର ନିର୍ମାଣ ହୋଇଥିଲା। ଶତାଧିକ ବର୍ଷଧରି ଏହି ଜଳ ଭଣ୍ଡାରରୁ ବରଂଗ ନାଳ ଓ ଲୋହରାଖଣ୍ଡି ନଦୀରେ ପାଣି ଛଡାଯାଇ ମାଧବରିଡା ଠାରେ ଆନିକଟ ଦେଇ ମହାନଦୀ କେନାଲରେ ଦକ୍ଷିଣପୁର ଘାଇକୁ ପାନୀୟ ଜଳ ଯୋଗଣ ହୋଇ ଆସୁଥିଲା। ଦୀପାବଳି ଅବସରରେ ଭଂଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଡହ ଜଳ ଭଣ୍ଡାର ଠାରେ ଆୟୋଜିତ ମା' ଶ୍ୟାମକାଳୀଙ୍କ ପୂଜା ଉତ୍ସବରେ ଯୋଗ ଦେବା ପାଇଁ ଯାଇଥିବା ବେଳେ ଭଂଜନଗର ଜଳ ଭଣ୍ଡାର ଓ ଡହ ଜଳ ଭଣ୍ଡାରର ପୁନରୁଦ୍ଧାର କରାଯିବ ବୋଲି ସୂଚନା ଦେଇଥିଲେ। ଉଭୟ ଜଳ ଭଣ୍ଡାରର ମାଟି ଖନନ କରାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ସେ କହିଛନ୍ତି।



## କାଶୀନଗର ବ୍ଲକରେ ସୁଭଦ୍ରା ବଞ୍ଚିତ ମାନଙ୍କ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି



କାଶୀନଗର, ତା ୩୦/୧୧/୨୪ : କାଶୀନଗର ବ୍ଲକ ଅନ୍ତର୍ଗତ ପଂଚାୟତ ମାନଙ୍କର ସୁଭଦ୍ରା ଯୋଜନା ଯେଉଁ ମହିଳା ମାନେ ପାଇ ପାରି ନାହାନ୍ତି ସେମାନଙ୍କ ନିକଟକୁ ଏକ ତିନି ଜଣିଆ ଟିମ ପଠାଇ କାହିଁକ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିପାରି ନାହିଁ ସେ ସବୁ ଯାଞ୍ଚ ନଜରକୁ ଆସିଛି। ସ୍ଥାନୀୟ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଓଡିଶାର ତିନୋଟି ଜିଲ୍ଲା ମଧ୍ୟରୁ ଗଜପତି ଜିଲ୍ଲାରେ ମଧ୍ୟ ବହୁତ ଆବେଦନ ଫୋର୍ମ ନାକଚ ବା ରେଜେକ୍ଟ ହୋଇଥିବା ଆମେ ଗଣମାଧ୍ୟମରୁ ସୂଚନା ପାଇଲୁ ଓ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ସାରିବାକୁ ଡେଡ ଲାଇନ ରଖିଛନ୍ତି। ତେଣୁ ଗତ ଦୁଇ ଦିନ ହେଲା ପ୍ରତ୍ୟେକ ପଞ୍ଚାୟତର ଯେଉଁ ମହିଳା ମାନେ ସୁଭଦ୍ରା ପାଇବା ରୁ ବଞ୍ଚିତ ଅଛନ୍ତି, ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସ ବହି, ସେମାନେ ସରକାରୀ ଚାକିରିଆ ନା ନାହିଁ ଏମିତି ବିଭିନ୍ନ ପ୍ରଶ୍ନ ପଚାରି ବ୍ଲକ ପଠାଇଥିବା ଟିମ ଯାଞ୍ଚ କରୁଛନ୍ତି. ଶିଆଳି ପଞ୍ଚାୟତ ଯେ ହେତୁ ଆଦିବାସୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ପଞ୍ଚାୟତ ଅଫିସର ଭଗବାନ ନାୟକ ନିଜେ ଆଦିବାସୀ ମାନଙ୍କ ଯାଞ୍ଚ ପ୍ରକ୍ରିୟା କରୁ ଥିବା ଆମ ଦୃଷ୍ଟି କୁ ଆସିଛି।

## ବାରଣାସୀ କ୍ରୀଡା ଉତ୍ସବ ଉଦଯାପନ

କାଶୀନଗର, ତା ୩୦/୧୧/୨୪ : ନଭେମ୍ବର ୨୮ ତାରିଖ ରୀ ୩୦ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ଚାଲିଥିବା ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ୭୦ତମ ବାର୍ଷିକ ଖେଳକୁଦ ଉତ୍ସବ ଆଡମ୍ବର ସହକାରେ ଆଜି ଉଦଯାପନ ହୋଇଯାଇଅଛି । ଏହି ଉତ୍ସବକୁ କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲାଙ୍କ କଳା, ଖେଳ ଓ ସାହିତ୍ୟର ପ୍ରତିଭା ହିଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ ବୋଲି ବକ୍ତବ୍ୟ ରଖିଥିଲେ । ମାନନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଡମ୍ବରୁଧର ମଲ୍ଲିକଙ୍କ ଅଭିଭାଷଣ ସଭିଙ୍କୁ ଅଭିଭୂତ କରିଥିଲା ଏହି ଉତ୍ସବରେ ମୁଖ୍ୟବକ୍ତା ହୃଷୀକେଶ ଗୌଡ଼ ବରିଷ୍ଠ ନାଗରିକ ଏବଂ ସଭାପତି ବଂଶଧାରା ପାଠାଗାର, ସମ୍ମାନୀତ ଅତିଥି ସହଗୋଷ୍ଠୀ ଶିକ୍ଷା ଅଧିକାରୀ ନର୍ମଦା କୁମାରୀ ଦାଶ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ ପଣ୍ଡା,ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସଭାପତି ଶୁଭ୍ରାଂଶୁ ମୋହନ ପଣ୍ଡା, ସଦସ୍ୟ କାର୍ତ୍ତିକ ଶବର, ପ୍ରଶାନ୍ତ ମହାରଣା, ବୀନିୟମ୍ ଭୂୟାଁ, ସି ଆର ସି ସି ଆର ମଧୁ କୁମାର ଆଦି ଅତିଥିଗଣ ଯୋଗଦେଇ ପିଲାଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷକ ଭାଗୀରଥି ବେହେରାଙ୍କ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ଅତିଥିଙ୍କ ଦ୍ୱାରା ବିଭିନ୍ନ ଦଳଗତ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ହାଉସକୁ କ୍ରିକେଟ, ଭଲିବଲ୍, ଖୋ ଖୋ ଏବଂ କବାଡିରେ ପ୍ରମାଣପତ୍ର ଓ ମେଡାଲରେ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଗଲା । ଏହି ଉତ୍ସବରେ ମୁଖ୍ୟ ଅତିଥିଙ୍କୁ ଦ୍ୱାରା ପ୍ରାଚୀର ପତ୍ରିକା ' ବଂଶଧାରା ' ଡ଼ିସେମ୍ବର ସଂଖ୍ୟା ଉନ୍ମୋଚିତ ହେଲା । ଏହି ଖେଳ ଉତ୍ସବକୁ ଖେଳ ଶିକ୍ଷକ ଏ ମଧୁଙ୍କ ସଂଯୋଜନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଛାତ୍ର ସଂସଦର ସହଯୋଗରେ ସମାପନ ହେଲା।

# ଜଳ ଯୋଗାଣକୁ ନେଇ ଚାଷୀ ଅସନ୍ତୋଷ

## ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସଙ୍କଟ, ହେଉନାହିଁ ସ୍ଥାୟୀ ସମାଧାନ

କଲମପୁର/ମୁଖିଗୁଡା: ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ରାଜ୍ୟର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବା ସହ ଜିଲ୍ଲାର ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷ ଜମିରେ ଜଳ ସେଚନ କରି କଳାହାଣ୍ଡିର ଜୀବନରେଖା ପାଲଟିଛି। କିନ୍ତୁ ବର୍ଷା ଅଭାବ କାରଣରୁ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଲଗାତର ଭାବେ ଜଳସ୍ତର କମିବାରେ ଲାଗିଛି। କିନ୍ତୁ ଏହାର କୌଣସି ସ୍ଥାୟୀ ସମାଧାନ ନକରି କେବଳ ଜଳ ଭଣ୍ଡାରର ପଙ୍କ ଉଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ଅଧିକାରୀ, ଯାହାର ସିଧାସଳଖ ପ୍ରଭାବ ଚାଷୀମାନଙ୍କ ଉପରେ ପଡ଼ିଛି। ଆସନ୍ତା ରବି ଚାଷ ପାଇଁ ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପର ସୀମିତ ଅଞ୍ଚଳରେ ଜଳ ଯୋଗାଣ ନେଇ ନୋଟିସ ଜାରି କରାଯାଇଛି। ଯାହାକୁ ନେଇ ଅନେକ ଚାଷୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ମଧ୍ୟ କେତେ ଅଞ୍ଚଳକୁ ପାଣି ଯୋଗାଣ ହେବ କୌଣସି ସମାଧାନର ବାଟ ଫିଟିନାହିଁ। ଏନେଇ ପ୍ରଶାସନ ଓ ଜଳ ସେଚନ ବିଭାଗର ତୁହାକୁ ତୁହା ବୈଠକ ହେବାପରେ ମଧ୍ୟ ଏଯାଏଁ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହିଁ ଜଳ ସେଚନ ବିଭାଗ। କିନ୍ତୁ ବର୍ତ୍ତମାନ ବିଦ୍ୟୁତ ଉତ୍ପାଦନରେ ବ୍ୟବହାର ହେଉଥିବା ପାଣି ସିଧା ହାତୀ ନଦୀକୁ ଛଡ଼ା ହେଉଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଆହୁରି ଅସନ୍ତୋଷ ଦେଖାଦେବା ସହ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଓ ଜଳ ସେଚନ ପ୍ରକଳ୍ପ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହିଛି ବୋଲି ଅଭିଯୋଗ ହୋଇଛି। ଗତ କିଛି ବର୍ଷ ହେବ ଲଗାତାର ଭାବେ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର କମିବାରେ ଲାଗିଛି। ଜଳ ଭଣ୍ଡାରର ଜଳ ଧାରଣ କ୍ଷମତା ୬୪୨ ମିଟର ଓ ସର୍ବନିମ୍ନ ଜଳସ୍ତର ୬୨୫ ମିଟର ଥିବା ବର୍ତ୍ତମାନ ୬୩୪.୫୦ ମିଟର ଜଳ ରହିଛି, ଯାହା ପୂର୍ବ ବର୍ଷ ୬୩୬.୧୪ମିଟର ରହିଥିଲା। ପୂର୍ବ ବର୍ଷ ତୁଳନାରେ ୧.୬୪ ମିଟର କମ ଜଳସ୍ତରକୁ ନେଇ ୪୭, ୫୭୪ ହେକ୍ଟର ଜଳ ଯୋଗାଣ ହେବ ବୋଲି ନିଷ୍ପତ୍ତି ନେଇଥିବାବେଳେ ଉଠା ଜଳସେଚନରେ ଜଳ ଯୋଗାଣ ବନ୍ଦ ରହିବ ବୋଲି ନୋଟିସ ଜାରି ହୋଇଛି। ଯଦି ସବୁ ଅଞ୍ଚଳରେ ଜଳ ଯୋଗାଣ ହୁଏ ତେବେ ସର୍ବନିମ୍ନ ଜଳସ୍ତର ୬୨୫ ମିଟରରୁ ଏହା ୬୨୭ ମିଟରରେ ପହଞ୍ଚିବାପରେ ଜଳ ସେଚନ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଜଳ ସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣିଙ୍କୁ ପଚାରିବାରୁ ଆମ ପାଖରେ ପାଣି ସଂରକ୍ଷଣ କରିବା ପାଇଁ ସାଧନ ନାହିଁ, ତେଣୁ କ'ଣ କରିବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓଏଚପିସି ସିନିୟର ଜିଏମ ଆମେ ଏସଏଲଡିସି ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତ ଉତ୍ପାଦନ କରୁଛୁ, ତେଣୁ ବ୍ୟବହାର ପାଣିକୁ ଜଳ ସେଚନ ବନ୍ଦ ଥିବା ଯୋଗୁଁ ହାତୀ ନଦୀରେ ଛାଡ଼ିଦେଉଛୁ ବୋଲି କହିଛନ୍ତି।



## କନ୍ଧମାଳଗସ୍ତରେ ରାଜ୍ୟ ଖାଦ୍ୟ ଯୋଗାଣ ଆୟୋଗ ଅଧକ୍ଷ ଶ୍ରୀ ଅବନୀ କାନ୍ତ ସାହୁ



ଫୁଲବାଣୀ ତା,୩୦/୧୧ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ମୋହନ ସରକାର ଙ୍କ ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଶ୍ରୀ ଅବନିକାନ୍ତ ସାହୁ ଏବଂ ଦୁଇ ଜଣ ସଦସ୍ୟ ଶ୍ରୀ ଦୟାନିଧି ଦାଶ ଓ ଶ୍ରୀ ଅକ୍ଷୟ କୁମାର ବେହେରା ଖାଦ୍ୟ ସୁରକ୍ଷା ସହ ଜଡିତ ଥିବା ବିଭାଗ ଗୁଡିକର ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସମସ୍ତ ବ୍ଲକ ର ଯୋଗାଣ ଅଧିକାରୀ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ ଏବଂ ଜିଲ୍ଲା ଗ୍ରାମ୍ୟ ଉର୍ନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନନ୍ଦୀ ଉପସ୍ଥିତ ଥିଲେ । କମିଶନର ଅଧକ୍ଷ ଏବଂ ଅନ୍ୟ ସଭ୍ୟମାନେ ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ ସମୟରେ ଦେଖୁଥିବା ଅଙ୍ଗନବାଡି କେନ୍ଦ୍ର, ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରାବାସ, ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର, ମଧ୍ୟାହ୍ନ ଭୋଜନ ବଣ୍ଟନ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ପୁଷ୍ଟି ପୁନର୍ବାସ କେନ୍ଦ୍ର ଆଦି ଗୁଡିକର ପରିଚାଳନା ସମ୍ପର୍କରେ ପୁଙ୍ଖାନୁପଙ୍ଖ ଆଲୋଚନା କରିଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ସ୍ଲାଇଡ ମାଧ୍ୟମରେ ଚିତ୍ରଉତ୍ତୋଳନ କରି ଗୃହକୁ ଅବଗତ କରାଇଥିଲେ ପରେ ପରେ ଉପସ୍ଥିତ ଥିବା ସମସ୍ତ ବିଭାଗର ଅଧିକାରୀମାନେ ଜିଲ୍ଲାରେ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ ଜିଲ୍ଲାପାଳ ଚାଲୁଥିବା ବିଭିନ୍ନ ବିଭାଗର କେତେକ କାର୍ଯ୍ୟ ଉପରେ ଖାଦ୍ୟ ସୁରକ୍ଷା ନିଯୋଗର ଅଧକ୍ଷଙ୍କୁ ଅବଗତ କରାଇବା ପରେ ସମସ୍ତ ସଭ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ପରିଦର୍ଶନ ସମୟରେ ବିଭିନ୍ନ ବିଭାଗର କେନ୍ଦ୍ର ଗୁଡିକରେ ସୁଧାର ଆଣିବାକୁ ମାନ୍ୟବର ଅଧକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କର ପରାମର୍ଶକୁ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗର ଅଧିକାରୀ ପ୍ରତିଶ୍ରୁତି ଦେଲେ। ଶେଷରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ ସଭାରେ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

## ପିଆଶାଳ ପଟା ବୋଝେଇ ଭ୍ୟାନ ଜବତ, ଡ୍ରାଇଭର ଫେରାର

ଠାକୁରମୁଣ୍ଡା: ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ବନାଞ୍ଚଳ ଅନ୍ତର୍ଗତ ଭଲିଆଡାଳ ଘାଟି ନିକଟରୁ ୪୦ଟି ପିଆଶାଳ ପଟା ବୋଝେଇ ଗାଡ଼ି ଜବତ ହୋଇଛି। ଘଟଣାସ୍ଥଳରୁ ଏକ ପଟା ବୋଝେଇ ଭ୍ୟାନକୁ ଛାଡି ଚୋରା ବେପାରୀ ମାନେ ଫେରାର ହୋଇ ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କପ୍ତିପଦା ଥାନା ନୋଟ ଅଞ୍ଚଳରୁ ଏକ ଭ୍ୟାନ ଯୋଗେ ୪୦ ଖଣ୍ଡ ପିଆଶାଳ କାଠପଟା ବୋଝେଇ କରି ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଭାଲିଆଡାଳ-ମହୁଲଡ଼ିହା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ଦେଇ ଏକ ଚୋରା ପଟା ବୋଝେଇ ଭ୍ୟାନ ଆସୁଥିବାର କୌଣସି ସୂତ୍ରରୁ ଖବର ପାଇ ସାତକୋଶିଆ ବନ୍ୟ ପ୍ରାଣୀ ରେଞ୍ଜ ଅଧିକାରୀ ରବିନ୍ଦ୍ର କୁମାର ମହାନ୍ତ ଙ୍କ ନେତୃତ୍ୱରେ ଏକ ଟିମ୍ ଠାକୁରମୁଣ୍ଡା ରେଞ୍ଜ ଓ ମହୁଲ ଡ଼ିହା ଥାନା ପୋଲିସ ମିଳିତ ଭାବରେ ମହୁଲଡ଼ିହା-ଭାଲିଆଡାଳ ରାସ୍ତାର ଭାଲିଆଡାଳ ନିକଟ ଘାଟି ରାସ୍ତାରେ ଜଗି ରହିଥିଲେ। ରାତି ପ୍ରାୟ ୧୦.୩୦ ସମୟରେ ଚୋରା କାଠ ପଟା ବୋଝେଇ କରି ଆସୁଥିବା ଭ୍ୟାନକୁ ରାସ୍ତାରେ ଅଟକ ରଖିଥିଲେ। ବନ ବିଭାଗ ଓ ପୋଲିସ କର୍ମଚାରୀ ମାନଙ୍କୁ ଦେଖି ଘଟଣାସ୍ଥଳରୁ ଚୋରା ଚାଲାଣରେ ସଂପୃକ୍ତ ବ୍ୟକ୍ତି ମାନେ ଅନ୍ଧାରରେ ଖସି ପଳାଇ ଯାଇଥିଲେ। ତନଖି ବେଳେ ଭ୍ୟାନରେ କାଠ ପଟା ଦେଖିବାକୁ ପାଇ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଭ୍ୟାନକୁ ଜବତ କରିବା ସହ ଘଟଣାର ଅନୁସନ୍ଧାନ କରୁଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ